ନାଟ୍ୟପଥିକ

ଡକ୍ଟର ନାରାୟଣ ସାହୁ



Digitized by PPRACHIN, SOA

ନାଟ୍ୟପଞ୍ଚକ

ଲେଖକ :

ଡକ୍ଟର ନାରାୟଣ ସାହୁ

ପ୍ରକାଶକ

ଧର୍ମଗ୍ରନ୍ଥ ଷ୍ଟୋର

Digitized by PPRACHIN, SOA

ନାଟ୍ୟପଞ୍ଚକ

ଲେଖକ :
ଡକ୍ଟର ନାରାୟଣ ସାହୁ

ପ୍ରକାଶକ :
ଶ୍ରୀ ନୃସିଂହପ୍ରସାଦ ମିଶ୍ର
କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
ବାଲୁବଜାର, କଟକ-୭୫୩୦୦୨
ମୋ.: ୯୪୩୭୦୮୦୫୯୮

ପ୍ରଥମ ସଂସ୍କରଣ : ୨୦୨୧

ପ୍ରଚ୍ଛଦପଟ : ଶ୍ରୀ ଶଶିକାନ୍ତ ରାଉତ

ମୁଦ୍ରଣ : ରାଡିୟାଣ୍ଟ ପ୍ରୋସେସ୍, କଟକ

ମୂଲ୍ୟ : ଟ. ୧୨୦ .୦୦ ମାତ୍ର

NATYAPANCHAKA

Written by :
Dr. Narayan Sahoo

Publisher :
Sri N. P. Misra
Cuttack Students' Store
Balubazar, Cuttack - 753 002
Mob.: 9437080598

First Edition : 2021

Printer : Radiant Process, Cuttack

Price : Rs. 120.00 only

ISBN
81-7712-045-X

Digitized by PPRACHIN, SOA

ଉତ୍ସର୍ଗ

ପ୍ରଫେସର କୃଷ୍ଣପ୍ରସାଦ ମିଶ୍ରଙ୍କ ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ.....

– ନାରାୟଣ ସାହୁ

Digitized by PPRACHIN, SOA

Digitized by PPRACHIN, SOA

ମୁଖବନ୍ଧ

'ନାଟ୍ୟପଞ୍ଚକ' ଭିନ୍ନସ୍ୱାଦର ୫ଟି ନାଟକର ଏକ ସମାହାର ।

'ପ୍ରଶ୍ନ'- ନାଟକଟି ୨୦୧୨ ମସିହାରେ ରଚିତ । ସାଂପ୍ରତିକ ସମାଜ ବ୍ୟବସ୍ଥା ପ୍ରତି ନାଟକଟି ସମର୍ପିତ । ରାଜଧାନୀର ପ୍ରତିଷ୍ଠା ଉତ୍ସବ ପାଳନ ମାଧ୍ୟମରେ ସାମାଜିକ ତଥା ସାଂସ୍କୃତିକ ଅବକ୍ଷୟତା ପ୍ରତି ଏ ନାଟକ ଏକ ବ୍ୟଙ୍ଗାତ୍ମକ ସମାଲୋଚନା ।

'ସ୍ୱର୍ଗରେ ଲକ୍‌ଡାଉନ୍'- ନାଟକର ରଚନାକାଳ ୨୦୨୦ ମସିହା । ୨୦୨୧ମସିହା ଜାନୁଆରୀ ମାସରେ କରୋନା କଟକଣା ମଧ୍ୟରେ 'ପଞ୍ଚମବେଦ' ନାଟ୍ୟସଂସ୍ଥାର ଏକ ପ୍ରଯୋଜନାଭିତ୍ତିକ କର୍ମଶାଳାରେ ଏହା ଅଭିନୀତ । ଭାଙ୍ଗି ପଡୁଥିବା ସମ୍ପର୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରେ ଏହି ନାଟକ ।

'ପ୍ଲେଗ୍'- ୨୦୦୭ ମସିହା 'ଚନ୍ଦ୍ରଭାଗା'ର ଏପ୍ରିଲ ସଂଖ୍ୟାରେ ପ୍ରକାଶିତ । ଶସ୍ତାରେ ଓ ସହଜ ମାର୍ଗରେ ପୁରସ୍କାରଟିଏ ହାତେଇ କୃତ୍ୟକୃତ୍ୟ ହେବା, ଆଜିର ସମାଜରେ ଏକ ବ୍ୟାଧି । ଏଇ ବ୍ୟାଧିରେ ସମାଜର ସବୁବର୍ଗର ଲୋକେ ପୀଡିତ । ପ୍ଲେଗ୍ ହେଉଛି ଏଇ ଅଘଟଣର ଏକ ମାର୍ମିକ ଇସ୍ତାହାର ।

'ବାଜେନାଟକ' ୧୯୯୧ ମସିହାରେ ଏହା ରଚିତ । ଲଘୁରସର ଏହା ଏକ ହାସ୍ୟରସାତ୍ମକ ନାଟକ । ନାଟ୍ୟଚରନାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା କଞ୍ଚାହାତର ଏକ ଅବ୍ୟବସ୍ଥିତ ନାଟକ । ନାଟକ ରଚନା ଆଳରେ ଜବରଦସ୍ତ ହାସ୍ୟରସର ଏକ ପ୍ରାୟୋଜିତ କଳ୍ପନାବିଳାସ ।

Digitized by PPRACHIN, SOA

'କାଳିଦାସକଥା'- ୨୦୦୦ ମସିହା ନଭେମ୍ବର ମାସ 'ସହକାର' ପତ୍ରିକାରେ ପ୍ରକାଶିତ । ୧୯୯୯ ମସିହାରେ କଟକ ଆକାଶବାଣୀ କେନ୍ଦ୍ରରୁ ମଧ୍ୟ ପ୍ରସାରିତ । ନାଟକଟି ଏକ ସାମାଜିକ ବ୍ୟଙ୍ଗ । ସୁବିଧାବାଦୀ ମନୋଭାବକୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହିତ ହାସ୍ୟରସର ଏଇ ନାଟକଟି ସାମାଜିକ ମଣିଷ ପାଇଁ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କଟକ ବାଲୁବଜାର ଛକରେ ମୋର ପ୍ରଥମ ନାଟକ 'କାହାଣୀ ସବାଶେଷ ଲୋକର' ପ୍ରକାଶିତ ହୁଏ ୧୯୯୨ ମସିହାରେ କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର ଦ୍ୱାରା । ତିରିଶି ବର୍ଷର ବ୍ୟବଧାନ ପରେ ପୁଣି ଥରେ 'ନାଟ୍ୟପଞ୍ଚକ' (ପାଞ୍ଚୋଟି ନାଟକର ସମାହାର) ଏହି ପ୍ରକାଶନ ସଂସ୍ଥାଦ୍ୱାରା ପ୍ରକାଶିତ । ଅତୀତରେ ମୋର ପ୍ରଥମ ନାଟକଟିକୁ ପ୍ରକାଶିତ କରିଥିଲେ ଆମ ସମସ୍ତଙ୍କର ପୂଜ୍ୟ ବିଶିଷ୍ଟ କଥାକାର ପ୍ରଫେସର କୃଷ୍ଣପ୍ରସାଦ ମିଶ୍ର । ଆଜି ୨୦୨୧ରେ ତାଙ୍କରି ପବିତ୍ର ସ୍ମୃତିକୁ ରୋମନ୍ଥନ କରି ନିଜକୁ କୃତାର୍ଥ ମନେକରୁଛି ।

ଲେଖକ

●

Digitized by PPRACHIN, SOA

ସୂଚିପତ୍ର

	ନାଟକ	ପୃଷ୍ଠା
୧ ॥	ପ୍ରଶ୍ନ	୯
୨ ॥	ସ୍ୱର୍ଗରେ ଲକ୍‌ଡାଉନ୍	୪୫
୩ ॥	ପ୍ଲେଗ୍	୭୬
୪ ॥	ବାଜେ ନାଟକ	୯୧
୫ ॥	କାଳିଦାସ କଥା	୧୧୬

Digitized by PPRACHIN, SOA

Digitized by PPRACHIN, SOA

ପ୍ରଶ୍ନ

ଚରିତ୍ର

ଅନାମ

ମଧୁ

ଫକୀର

ସୂତ୍ରଧାର / ଆଙ୍କର / ସତ୍ୟପ୍ରକାଶ

ସତ୍ୟାନାଶ

ବାଇଡଙ୍କ

ମୁଖ୍ୟମନ୍ତ୍ରୀ

ମହାପାତ୍ର

ପ୍ର. ଦାସ

ମାଧୁରୀ

Digitized by PPRACHIN, SOA

ଆରମ୍ଭ ନୁହେଁ

[ମଞ୍ଚରେ ସମ୍ମୁଖ ଭାଗରେ ଛିଡ଼ା ହୋଇଛନ୍ତି ଟ୍ରାଉଜର ପଞ୍ଜାବୀ ପିନ୍ଧିଥିବା ଜଣେ ସାଧାରଣ ମଣିଷ । ସିଧାସଳଖ ଆଲୋକ ତାଙ୍କ ଉପରେ ପଡ଼ିଛି । ସେ ବିବ୍ରତ ହୋଇପଡ଼ିଛନ୍ତି । କିଛି ସମୟ ପରେ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରିଛନ୍ତି ।]

ସୂତ୍ରଧାର : ଆଜ୍ଞା ନମସ୍କାର ! ମତେ ଆପଣମାନେ ଏ ନାଟକର ଆଙ୍କର, ନିର୍ଦ୍ଦେଶକ କିମ୍ବା ସୂତ୍ରଧାର, ଯାହା କିଛି କହିପାରନ୍ତି । ହଁ, ଆଜ୍ଞା ଏ ଏପ୍ରିଲ ମାସଟା ଆମ ପାଇଁ ଭାରି ଶୁଭ । ଏପ୍ରିଲ ପହିଲା ଦିନ ଆମେ ସ୍ୱତନ୍ତ୍ର ପ୍ରଦେଶ ପାଇଲୁ । ଆଉ ଏପ୍ରିଲ ତେର ତାରିଖ ଦିନ ନୂଆ ରାଜଧାନୀ ଭୁବନେଶ୍ୱର ଜନ୍ମ ନେଲା । ୧୯୪୩ ମସିହାରୁ ଆଜିଯାଏ ରାଜଧାନୀର ଜନ୍ମ ଉତ୍ସବ ଆମେ ପାଳନ କରିଆସୁଛେ ।

ରାତି ପାହିଲେ ଏପ୍ରିଲ ତେର ତାରିଖ । ରାଜଧାନୀ ଜନ୍ମଦିବସ । ଆସନ୍ତୁ ଯିବା ରାଜମହଲ ଛକ ଆଡ଼େ । ଦେଖିବା କ'ଣ ସେଠି ହେଉଛି...

(ଆଲୋକ ନିଷ୍ପ୍ରଭ ହୋଇଛି)

♦

Digitized by PPRACHIN, SOA

ପ୍ରଥମ ଦୃଶ୍ୟ

[ସମୟ ରାତି ୪ଟା । ରାଜଧାନୀ ଭୁବନେଶ୍ୱରର ରାଜମହଲରୁ ଛକସ୍ଥ ଗୋଲେଇ ପିଣ୍ଡିର କେନ୍ଦ୍ରସ୍ଥଳରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି । ମଧୁବାବୁଙ୍କ ମୁହଁ ଉପରକୁ ଇଲେକ୍ଟ୍ରିକ୍ ଲାଇଟ୍ ପକାଯାଇ ସୁଦୃଶ୍ୟ କରାଯାଇଛି । ଏଇ ପିଣ୍ଡିର ଚାରିପଟେ ବସିବା ପାଇଁ ଜାଗା ରହିଛି । ପ୍ରତିମୂର୍ତ୍ତିର ମୁଣ୍ଡ ଉପରେ ଛାତ ରହିଛି । ପ୍ରତିମୂର୍ତ୍ତିର ସାମ୍ନା ପଟ ଚଟାଣ ଉପରେ ଶୋଇଯାଇଛି ବୁଢ଼ା ଲୋକଟିଏ । ଛକ ଜାଗାକୁ ଓଳାଇ ଓଳାଇ ଆସିଛି ଝାଡୁଦାର ଅନାମ । ନଜର ପଡ଼ିଛି ଲୋକଟି ଉପରେ ।]

ଅନାମ : ହୋ ବାବୁ... କିଏ ଶୋଇଛ ଉଠ...।

[ବୁଢ଼ା ଲୋକର ଘୁଙ୍ଗୁଡ଼ି ଜୋର୍‌ରେ ଶୁଭୁଛି]

ଅନାମ : ସରକାରୀ ଜାଗା... ମୋଫତ୍ ମିଳିଛି... । କୁକୁର ମାଙ୍କଡ଼ ଯିଏ ଯୋଉଠି ପାଇବ ଶୋଇପଡ଼ିବ । ହୋ ବାବୁ... ଶୁଭୁଛି ? ଶଳା, କି ଘୁଙ୍ଗୁଡ଼ି ମାରୁଛିରେ ! ଗଞ୍ଜେଇ କି ଅଫିମ ଟେଳାଏ ପକେଇଥିବ ! ... [ହଲେଇ] ଏ ବୁଢ଼ା... ଉଠ୍ । ଜାଗା ସଫାହବ ।

[ଅଳସ ଭାଙ୍ଗିଉଠିଛି ବୁଢ଼ା । ନିଦ ମଳମଳ ଆଖିରେ ଚାହିଁଛି ଝାଡୁଦାରକୁ ।]

ମଧୁ : ମଣିଷକୁ ଶାନ୍ତିରେ ଟିକିଏ ଶୁଆଇ ଦବନି ?

ଅନାମ : ହୁଁ, ଶୋଇବନି କାହିଁକି ? ଏ ଜାଗାଟାକୁ କ'ଣ ଲଜିଙ୍ଗ୍ ପାଇଲ ? ଶଳା, ବୋପାର ଜାଗାତ, ଗୋଡ଼ହାତ ଲମ୍ବାଇ ପଡ଼ିଯିବ !

ମଧୁ : ସମୟ କେତେ ହବ ?

Digitized by PPRACHIN, SOA

ଅନାମ : ଘଡ଼ିଟା ପନ୍ଦର କି କୋଡ଼ିଏ ହବ !

ମଧୁ : କେବେ ତ ଏତେ ଭୋରୁ ଓଳାଓଳି କରନି, ଆଜି କ'ଣ କି? କାହିଁକି ? ଏତେ ସକାଳୁ... ?

ଅନାମ : ରାତି ପାହିଲେ ରାଜଧାନୀର ଜନମ ଦିନ । କେତେ ଯେ କ'ଣ ସବୁ ବନ୍ଦୋବସ୍ତ ହେଉଛି, ତାର ହିସାବ ନାହିଁ ମୋ ପାଖରେ । ଆଉ ଇଏ କହୁଛି, ଆଜି କ'ଣ ?

[ବୁଢ଼ା ଚାହିଁଛି ଅପଲକ ନୟନରେ]

ଅନାମ : ଏମିତି ବଲବଲ କରି ଚାହିଁଛ ଯେ । କେତେଆଡୁ କେତେ ଜିନିଷ ଖାଇବାକୁ ମିଳିବ । ତୋ ଭାଗ୍ୟ ବି ବଦଳିଯିବ । ଏ ଜାଗାଟା ବି ସଜାସଜି ହବ । ଖୋଦ୍ ମୁଖ୍ୟମନ୍ତ୍ରୀ ଏଇଠିକି ଆସିବେ ।

ମଧୁ : ଆହା !, କେତେଗୁଡ଼ାଏ ଟଙ୍କା ଖର୍ଚ୍ଚ ହେଇଯିବ ଅଯଥାରେ ? କହିଲ, ଏ ଟଙ୍କା କିଏ ଦଉଛି ?

ଅନାମ : ଆବେ ତୋ ହାତରୁ କ'ଣ ଯାଉଛି ? ସରକାରୀ ଟଙ୍କା ସରକାର ଖର୍ଚ୍ଚ କରିବେ । ଆମର ସେଥିରେ କ'ଣ ଅଛି !

ମଧୁ : ସବୁ ତ ଲୋକଙ୍କ ଟଙ୍କା । ବନ୍ୟାରେ ଉତ୍ତର ଓଡ଼ିଶା ଧୋଇଯାଇଛି ବୋଲି କେନ୍ଦ୍ରକୁ ଟଙ୍କା ମାଗୁଛ । ଗରିବ ରାଜ୍ୟ ବୋଲି କେନ୍ଦ୍ର ପାଖରେ ସାହାଯ୍ୟ ପାଇଁ ଦାବି କରୁଛ । ଆମର ସ୍ପେଶାଲ ଷ୍ଟାଟସ୍ ଦରକାର ବୋଲି ଚିତ୍କାର କରୁଛ । ପୁରସ୍କାର ନାଁରେ ଓ ଦି'ଲକ୍ଷ, ପାଞ୍ଚ ଲକ୍ଷ ଟଙ୍କା ଲେଖାଏ ବାଣ୍ଟୁଛ । ଏସବୁ ଫାର୍ସ କାହିଁକି କରୁଛ ?

ଅନାମ : ଶଳା, କେତେ ହିସାବ ନ ରଖିଛିରେ ! କ'ଣ ମିଳିବ ସେ ନୁଖୁରା କଥାରୁ ! ଆଲୋ ସଖି, ଆପଣା ମହତ ଆପେ ଦେଖି । ଯାକୁ କୁଆଡ଼େ ମଧୁବାବୁ କହିଛନ୍ତି ।

[Backgoundରୁ ଗୀତ ପଦଟିଏ ଭାସିଆସିଛି । ଉଭୟ ଚରିତ୍ର ନିଶ୍ଚଳ ହୋଇଯାଇଛନ୍ତି]

Digitized by PPRACHIN, SOA

ଗୀତ : "ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥୀ କଲେ
ଟାଣେ କିରେ ଗାଡ଼ି ଦାନାର ତୋ ବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ।"

[ଗୀତ ପରେ ପରେ ଅବସ୍ଥା ପୁଣି ସ୍ୱାଭାବିକ ହୋଇଛି ।]

ଅନାମ : କ'ଣ ଭାବୁଛୁ ?

ମଧୁ : ଏଁ! ଦୀର୍ଘଶ୍ୱାସ, ନା, କିଛି ନାହିଁ । ଆଚ୍ଛା ବାବୁ, ରାଜଧାନୀ ଜନମ ଦିନରେ ତମମାନଙ୍କୁ କ'ଣ ଅଧିକା କିଛି ପାଉଣା ମିଳିବ ?

ଅନାମ : ସକାଳ ଓଳି ଝାଡୁଦେଲେ ୪୫ ଆଉ ଓପରିଓଳି ୩୫ ଟଙ୍କା । ସେଥିରୁ ପୁଣି ଠିକାଦାର ଆଉ କାଉନ୍‌ସିଲର ନବ । ଅଧିକା କୋଉଠୁ କିଏ ଦବ ।

ମଧୁ : ଉଁ, ଜଣେ ଆଉଜଣକ ମୁଣ୍ଡରେ ହାତ ନ ବୁଲେଇଲେ ବଞ୍ଚିବ କେମିତି ! ସେମାନେ ତ ପୁଣି ଗରିବଙ୍କ ଦାନାପାଣି ଖୋଳ କରୁଛନ୍ତି ।

ଅନାମ : ଏଇ କଥାଟା ତୁ ବୁଝିପାରୁଛୁ, ଆମ ନିଗମବାଲାଙ୍କୁ ଦେଖାଯାଉନି ! ଖାଲି ବଡ଼ ବଡ଼ ଭାଷଣବାଜି । ଦେଖୁବୁ ନି, ସକାଳୁ ସକାଳୁ କେମିତି ଗଳା ଫଟେଇ ଚିତ୍କାର କରିବେ । ଖାଲି ଲମ୍ବା ଚଉଡ଼ା ନୁଖୁରା ଭାଷଣ... ।

ମଧୁ : ହଉ, ଯା, ବାବୁ । ଆଉ କେତେ ଜାଗା ଓଳେଇବାକୁ ଥବ । 'କର୍ତ୍ତବ୍ୟ କରିଯା' ଏ କଥା ବି ସେଇ ମଧୁବାବୁ କହିଥିଲେ ।

ଅନାମ : ହଁ, ପାଞ୍ଚଟା ସୁଦ୍ଧା କାମ ସାରିବାକୁ ପଡ଼ିବ । ଠିକାଦାର ତାଗିଦ୍ କରିଛି, ଅସଲ କଥାଟା କହିବାକୁ ଭୁଲିଯାଇଛି ।

ମଧୁ : କ'ଣ ମତେ ମୁଖ୍ୟମନ୍ତ୍ରୀ ପୁରସ୍କାର ଦେବେ... ନିଜେ ମୁଖମନ୍ତ୍ରୀ... ! [ମନେ ମନେ କୁରୁଳି ଉଠୁଥିଲା ଝାଡୁଦାର ଅନାମ]

ଅନାମ : ହଉ ଶୋଇବୁ ଯଦି ଶୁଅ । ଆଉ ଘଡ଼ିଏ ଶୋଇପଡ଼ । ମୁଁ ସେପଟ କାମ ସାରିଦିଏ...

Digitized by PPRACHIN, SOA

ମଧୁ : ସତରେ, ତତେ ସମ୍ମାନିତ କରି ସେ ମୁଖ୍ୟମନ୍ତ୍ରୀ ଧନ୍ୟ ହେଇଯିବ ! ଏମିତି ଯଦି ତଳିଆ ଲୋକର କଥା ସମସ୍ତେ ବୁଝିପାରନ୍ତେ... ? ହସି ହସି ଚାଲିଯାଇଛି ଝାଡୁଦାର । ଶୋଇବାକୁ ଚେଷ୍ଟା କରିଛି ମଧୁ । ଆସି ପହଞ୍ଚିଛି ଆଉ ଜଣେ ବୁଢ଼ାଲୋକ । ତା' ନାଁ ଫକୀର !

ଫକୀର : ଆଉ ଶୁଅନା ! ଉଠ୍, ଯିବା । ରାତି ପାହିଆସୁଛି ।

[ମଧୁ ଚାହିଁଛି ଫକୀରକୁ]

ଫକୀର : ଆରେ ମଧୁ, ତୁ ମତେ ଚିହ୍ନିପାରୁନୁ ! ମୁଁ ଫକୀର, ବାଲେଶ୍ୱରର ।

[ପରସ୍ପର କୋଳାକୋଳି ହେଇଛନ୍ତି

ମଧୁ : ବାଲେଶ୍ୱର ନୁହଁ ଓଡ଼ିଶାର । ଏତେ ଦିନକେ ମୋ କଥା ମନେ ପଡ଼ିଲା ? '

ଫକୀର : ରାଜଧାନୀବାଲା ସକାଳୁ ଉତ୍ସବ ପାଳନ କରିବେ । ଆମ ସମସ୍ତଙ୍କୁ ଦୟାକରି ମନେ ପକେଇବେ ବର୍ଷକୁ ଥରେ, ଏଇଟା ତ ଭାଗ୍ୟରେ ଥିଲେ ମିଳେ । ମଧୁବାବୁ ଓଡ଼ିଶାର ପ୍ରାଣ ପ୍ରତିଷ୍ଠାତା । ଫକୀରମୋହନ ଓଡ଼ିଆ ଭାଷାର ଜନକ, ଏମିତି ଅନେକ କଥା ବକିବେ ।

ମଧୁ : କ'ଣ ଏମିତି ଯେ କହୁଛ !

ଫକୀର : ହୁଁ (ଦୀର୍ଘଶ୍ୱାସ), ଦରକାର ନ ପଡ଼ିଲେ ଏଠି କେହି କାହାକୁ ମନେ ପକାନ୍ତି ନାହିଁ । ନିଜ କଥା ଥରେ ଭାବି ଦେଖ । ଗୋରାକବରର ସେଇ ଅପନ୍ତରାରେ ପଡ଼ିଥିଲ । ବର୍ଷକୁ ଥରୁଟିଏ ତମକୁ ଖୋଜାପଡ଼େ । ଯା' ହେଉ ଓଡ଼ିଶାବାସୀଙ୍କ କଣ୍ଠରେ ସରସ୍ୱତୀ ବିଜେ କଲେ । ତମ ପ୍ରତିମୂର୍ତ୍ତିଟା ଠିକଣା ଜାଗାରେ ବସେଇ ଦେଲେ । ରାଜଧାନୀର ପେଣ୍ଠସ୍ଥଳ । ଯାଉଣୁଆସୁଣୁ ତ ଏଠି କିଛି ଲୋକ ନିଶ୍ଚୟ ଦେଖି ମନେ ପକେଇବେ ।

ମଧୁ ; କଥାଟା ସେଠି ନାହିଁ । ସେମାନଙ୍କୁ ଗୋଟାଏ ନିଶା ଘାରିଛି । କାଲିଠୁଁ ଆଉ କେହି 'ଓରିସା' ଲେଖିବେ ନାହିଁ । ଇଂରାଜୀରେ ବି ଲେଖାଯିବ

Digitized by PPRACHIN, SOA

'ଓଡ଼ିଶା' । ମାନେ 'ODISHA' । ସେ ନେଇ ନେତାମନ୍ତ୍ରୀ ସଭିଁଏ ବ୍ୟସ୍ତ ।

ଫକୀର : ହଁ, ମୁମ୍ବାଇ, ଚେନାଇ, ପୁଣ୍ଡୁଚେରୀ ଯେତେବେଳେ ହୋଇପାରିଲା, ସେତେବେଳେ 'ଓରିସା' 'ଓଡ଼ିଶା' ନ ହେବ କାହିଁକି ? ଯା'ହଉ ବିଳମ୍ବରେ ହେଉପଛେ, ସଦ୍‌ବୁଦ୍ଧି ତ ଉଦୟ ହୋଇଛି ଓଡ଼ିଶାବାସୀଙ୍କର । ଧନ୍ୟ କହିବ ଏ ଜାତିକୁ !

ମଧୁ : ଚିତାଚୈତନ କାଟି ମାଳ ପକେଇଦେଲେ କେହି ବାବାଜୀ ହେଇଯାଏନି । ସେଥିପାଇଁ ଦରକାର ନିଷ୍ଠା... ଏକାଗ୍ରତା... ଆଉ ଭଲପାଇବା । ଏଗୁଡ଼ାକୁ ଥିଲେ ତ ? ଏସବୁ ଅଛି ଏମାନଙ୍କ ପାଖେ ?

ଫକୀର : ବ୍ୟସ୍ତ କାହିଁକି ହଉଛ ! ଦେଖ କ'ଣ ହଉଛି । ଅବଶ୍ୟ ଭଲ କାମଟାଏ କରିଛନ୍ତି । ତମରି ପାଖରୁ ହିଁ ଓଡ଼ିଶାବାସୀ ଶୁଭାରମ୍ଭ କରିଛନ୍ତି । ଓଡ଼ିଶା ପାଇଁ ଓଡ଼ିଆ ପାଇଁ କେତେ ନ କାନ୍ଦିଛ ତୁମେ !

[ବ୍ୟାକ୍‌ଗ୍ରାଉଣ୍ଡରୁ ଭାସିଆସିଛି ମଧୁବାବୁଙ୍କର ରଚନାର ଗୋଟିଏ ପଦ ।]

ବ୍ୟାକ୍‌ଗ୍ରାଉଣ୍ଡ Voice – ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିମ୍ପା ତୁହି ଭୀରୁ
ତୋହର ଜନନୀ ରୋଦନ କରିଲେ
କହିବାକୁ କିମ୍ପା ଡରୁ ?
× × ×
ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହସ
ପଡ଼ିବ କି କେବେ ମନେ ?

[ଆଲୋକ ପୂର୍ବ ଅବସ୍ଥା ଫେରିଛି ଏବଂ ପରିବେଶ ସ୍ୱାଭାବିକ ହୋଇଛି ।]

Digitized by PPRACHIN, SOA

ଫକୀର : ସେଦିନର କଥାଗୁଡ଼ାକ ମନେ ପଡ଼ିଲେ ଦେହ କ'ଣ ହେଇଯାଉଛି । କେତେ ରାତି ଅନିଦ୍ରା ହୋଇଛୁ ! ପାଠ୍ୟପୁସ୍ତକ ତିଆରି ପାଇଁ କି ମେହେନତ୍ ନ କରିଛୁ ! ଅବଶ୍ୟ ମୁଁ ଏକା କ'ଣ କରିପାରିଥାନ୍ତି ! ରାଧାନାଥ, ମଧୁବାବୁ ବି ବହୁତ ସାହାଯ୍ୟ କରିଛନ୍ତି । ଜନ୍ ବିମସ୍‌ଙ୍କଠାରୁ ରେଭେନ୍‌ସା ସାହେବଙ୍କ ପର୍ଯ୍ୟନ୍ତ ସମସ୍ତେ ସାହାଯ୍ୟ କରିଛନ୍ତି ।

ମଧୁ : ରାଜଧାନୀରେ ଏତେ ଲୋକଙ୍କୁ ଜାଗା ମିଳିଲା । ସେ ଦି'ଜଣ କେତେ ବା ଥାନ ନେଇଥାନ୍ତେ ! କାହାରି ଦୃଷ୍ଟି ପଡ଼ିଲାନି ଏଯାଏ ! ରାଧାନାଥ ଆଉ ଭକ୍ତକବି ମଧୁସୂଦନଙ୍କ ମୂର୍ତ୍ତିଟାର କେତେ ବା ଟଙ୍କା ଖର୍ଚ୍ଚ ହୋଇଥାନ୍ତା ।

ଫକୀର : ଆପଣା ସୁନା ତ ଭେଣ୍ଡି, କହିବା କାହାକୁ !

ମଧୁ : ଏତେ କଥା ଆମେ ଗପିଲେଣି, ତମ ଖବର କ'ଣ କେମିତି ଅଛ ? ତମକୁ କୋଉଠି ବସେଇଛନ୍ତି ?

ଫକୀର : କ'ଣ ଆଉ ସେଗୁଡ଼ାକ କହିବି ? ତମ ମୁଣ୍ଡ ଉପରେ ଯା'ହଉ ଛାତଟାଏ ଅଛି । ମତେ ଠିଆଁମେଲା ସେ ୟୁନିଭରସିଟି ଗେଟ୍ ପାଖରେ ଠିଆ କରେଇ ଦେଇଛନ୍ତି । ମୁଁ ଯେମିତି ଦ୍ୱାରପାଳ ! କାଉ, ବଗ, ଚିଲ ଯିଏ ଯେତେବେଳେ ଆସିଲା ମୋ ଉପରେ... । ଛି... ଛି...! ମାଙ୍କଡ଼ ପଞ୍ଝାକ ବି ମତେ ଛାଡୁନାହାନ୍ତି । ରାତିରେ ମଦ୍ୟପମାନେ... ।

ମଧୁ : ମନଦୁଃଖ କାହିଁକି କରୁଛ ? ତମ ସାଙ୍ଗରେ ବି କବି ଭଂଜ ଅଛନ୍ତି । ପିଲାଙ୍କ ବୁଦ୍ଧିକୁ ମାନିବାକୁ ପଡ଼ିବ । ଦି' ଜଣଙ୍କୁ ଦି'ଖଣ୍ଡ ବହି ଧରେଇ ଦେଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ତାଙ୍କ କାମ ସାରି ଦେଇଛନ୍ତି ।

ଫକୀର : ରକ୍ଷା ହେଇଛି ଠେଙ୍ଗା ଧ'ରେଇ ନାହାନ୍ତି ?

ମଧୁ : କ'ଣ ଏମିତି କହୁଛ ଯେ !

ଫକୀର : ଯେମିତି ପିଲାଏ ବାଡ଼ିଆପିଟା ହଉଛନ୍ତି କେତେବେଳେ ଯେ ଆମ ହାତଗୋଡ଼ ଉଡ଼ିଯିବ, କହିବେନି ।

Digitized by PPRACHIN, SOA

ମଧୁ : ଅନ୍ତତଃ ଆମ ପିଲାଏ ସେତିକି ନ କରନ୍ତୁ । ବହିର ମୂଲ୍ୟ ବୁଝନ୍ତୁ । ଜ୍ଞାନର ଆଦର କରନ୍ତୁ । ଉଚ୍ଚଶିକ୍ଷାର ଇଜ୍ଜତ ରଖନ୍ତୁ । ବଡ଼କୁ ସମ୍ମାନ ଦିଅନ୍ତୁ ।

ଫକୀର : ମୁଁ ସେମାନଙ୍କଠାରୁ କେବଳ ସେତିକି ଆଶା କରୁଛି । ପରସ୍ପର ଭିତରେ କାଦୁଅ ଫୋପଡ଼ାଫୋପଡ଼ି ହୋଇ ବିଶ୍ୱବିଦ୍ୟାଳୟର ସୁନାମରେ ଆଞ୍ଚ ନ ଆଣନ୍ତୁ । ନେତା ମନ୍ତ୍ରୀମାନେ ତ ଚାହିଁବେ ଶିକ୍ଷକ ଭୁଶୁଡ଼ି ପଡୁ । ଦେଶବାସୀ ମୂର୍ଖ ହୁଅନ୍ତୁ । ସେମାନଙ୍କ ଶାସନ ଭଲଭାବେ ଚାଲିପାରିବ ।

ମଧୁ : ପିଲାଙ୍କୁ ଦୋଷ ଦେଇ ଲାଭ କ'ଣ ? ସବୁ ତ ଆମ ନେତାଙ୍କ ଭୁଲ୍ । ଦୁର୍ନୀତିଖୋର୍ ଚୋର ଗୁଣ୍ଡା ଡକାୟତ ଯଦି ଏମ୍.ପି., ଏମ୍.ଏଲ୍.ଏ. ହେବେ, ସେମାନଙ୍କଠୁ ଆଉ ଅଧିକାଟା କ'ଣ ଆଶା କରିବ । ଦେଖୁଛ ତ ପାର୍ଲାମେଣ୍ଟ ଆଉ ଆସେମ୍ବ୍ଲିରେ କେମିତି ବାଡ଼ିଆପିଟା ହଉଛନ୍ତି ! ମାଇକ୍ ଷ୍ଟାଣ୍ଡ ଭାଙ୍ଗିବାଠାରୁ ଚେୟାର ଫିଙ୍ଗିବା ପର୍ଯ୍ୟନ୍ତ କୋଉ ଗୁଣ ନାହିଁ ସେମାନଙ୍କର । ଏମାନେ ପୁଣି ସେବକ... । ଜନତାଙ୍କ ପ୍ରତିନିଧି ! ଏମାନଙ୍କର ଫୁଲ୍ ପେନ୍‌ସନ୍ ଦରକାର । No Tax deduction!!

ଫକୀର : ସେହିମାନେ ହେବେ ଦେଶର ଶାସକ... ଜନତାଙ୍କ ହର୍ତ୍ତାକର୍ତ୍ତା ଭାଗ୍ୟବିଧାତା ! ଏମାନେ ପୁଣି ଦେଶର ଉନ୍ନତି କଥା ଚିନ୍ତା କରିବେ ! ଦେଶର ଭାଗ୍ୟ ଖରାପ ପଡ଼ିଲେ ଏମିତି ସବୁ କାଣ୍ଡ ଘଟେ । କହିବା କାହାକୁ ଶୁଣିବ କିଏ ? ଦେଶପାଇଁ ଯେଉଁ ସୈନିକ ଲଢ଼ି ଜୀବନ ଦେଉଛି, ତା' ପେନ୍‌ସନ୍ ଉପରେ ଇନ୍‌କମ୍ ଟ୍ୟାକ୍‌ସ, ଅର୍ଥ ନେତାମନ୍ତ୍ରୀଙ୍କୁ ସବୁ ଫ୍ରି... କାହିଁକି ନା ଏମାନେ ଦେଶର ପ୍ରତିନିଧି । (ଥଟ୍ଟାରେ)

ମଧୁ : ଆମେ କ'ଣ ଦେଶ ସେବା କରି ନଥିଲେ ?

ଫକୀର : ତାହା ଥିଲା ଆମର କର୍ତ୍ତବ୍ୟ ! ଭଲ ହେଇଛି, ଆମେ ଆଗରୁ ଚାଲିଯାଇଛେ । ବଞ୍ଚିଥିଲେ ଏ ଭୟଙ୍କର ଅବସ୍ଥା ବି ଦେଖିବାକୁ ପଡ଼ିଥାନ୍ତା ।

Digitized by PPRACHIN, SOA

ମଧୁ : ବହୁତ ସମୟ ଗପିଲେଣି । ଚାଲ ଟିକିଏ ବୁଲାବୁଲି କରି ଆସିବା । ଦେଖିବା ଓଡ଼ିଆ ଭାଷା କେତେ ଉପରକୁ ଯାଉଛି, କି ତଳକୁ ଯାଉଛି !

[ଅନାମ ଆସି ଉଭୟଙ୍କୁ ଦେଖି ତାଟକା ହୋଇ ଚାହିଁ ରହିଛି ।]

ମଧୁ : କ'ଣ ଦେଖୁଛୁ ?

ଅନାମ : ଗୋଟାଏ ଲୋକ ଦେଖିଥିଲି, ଦି'ଟା କେମିତି ହେଲେ ?

ଫକୀର : କିଛି ପକେଇନୁ ତ ?

ଅନାମ : ରାତି ନିଶା କ'ଣ ସକାଳଯାଏ ରହେ । (ହସିକରି)

ମଧୁ : ପୁଣି କାହିଁକି ଫେରିଲୁ ?

ଅନାମ : ଜାଗାଟା ଭଲକରି ସଫା ନ କଲେ ମୋ ଚାକିରି ରହିବଟି ! ଏଇଠି ସଭା ହବ ।

[ଖୁବ୍ ଜୋର୍‌ରେ କିଛି ପ୍ରାଣଖୋଲା ହସ ଶୁଭୁଛି ଦୂରରୁ ।]

ଫକୀର : ଆରେ ମଧୁ, ଟିକିଏ କାନେଇଲୁ !

ମଧୁ : ... ବଡ଼ିଭୋରୁ କିଏ ଏମିତି ପାଗଳାମି କରିବ !

ଅନାମ : ପାଗଳାମି ନୁହେଁ, ଏଗୁଡ଼ାକ ହଉଛି ବୁଢ଼ାମାନଙ୍କ ହସ । ବାବା କହିଛନ୍ତି, ମନଖୋଲି ହସି ପାରିଲେ ରୋଗବୈରାଗ୍ୟ ସବୁ ଦୂରେଇଯିବ । ମନ ଭଲ ରହିବ । ବିଶ୍ୱାସ ହଉନି ଯଦି, ଇନ୍ଦିରା ପାର୍କକୁ ଯାଆ ଦେଖିବ ।

ମଧୁ : ସେଠି ପୁଣି କ'ଣ ଚାଲିଛି ?

ଅନାମ : ଯୋଗ ପ୍ରାଣାୟମ ଶିକ୍ଷା । ବାବା ରାମଦେବଙ୍କ ମନ୍ତ୍ର ଏଇନେ ସବୁଠି କାମ ଦଉଛି । ଖାସ୍‌କରି କଟକ ଭୁବନେଶ୍ୱରରେ ଯା'ର ମାତ୍ରାଟା ବେଶି । କ'ଣ ନ ଚାଲିଛି କୋଉଠି !

[ଉଭୟ ପରସ୍ପରକୁ ଚାହିଁଛନ୍ତି]

ଅନାମ : ମଣିଙ୍ଗ ଓ୍ୱାକ କରୁନ । ସ୍ୱାସ୍ଥ୍ୟ ଭଲ ରହିବ । ମୁଁ କହୁ ନି, ବାବା କହିଛନ୍ତି । ହଉ, ଏଥର ଯୁଆଡ଼େ ଯାଉଛ ଯାଅ । ମତେ ଜାଗାଟା

Digitized by PPRACHIN, SOA

ସଫା କରିବାକୁ ଦିଅ । ଏଇଠୁ ତ ଆରମ୍ଭ ହବ । ଦେଖିବାକୁ ଆସିବ ନିଶ୍ଚୟ ।

[ଦୁଇ ବୃଦ୍ଧ ଆଗେଇ ଯାଉଥିଲେ । ଖୋଲା ହସର ଜୁଆର କମି ଆସୁଥିଲା । ଅନାମ ଝାଡୁଧରି ସଫା କରୁଥିଲା... ଶେଷରେ ମୂର୍ତ୍ତିଟାକୁ ଚାହିଁ ଫେଁ କରି ହସିଦେଲା ।]

♦

Digitized by PPRACHIN, SOA

କ୍ରୋଡ଼ ଦୃଶ୍ୟ

[ମଞ୍ଚର ସମ୍ମୁଖ ଭାଗରେ ଦଣ୍ଡାୟମାନ ଅଛନ୍ତି ସୂତ୍ରଧାର । ଆଲୋକ ତାଙ୍କ ଉପରେ ପଡ଼ିଛି । ଏଥର କିନ୍ତୁ ସୂତ୍ରଧାର ବିବ୍ରତ ହେଉନାହାନ୍ତି । ବରଂ ବେଶ୍ ପ୍ରଫୁଲ୍ଲ ଦେଖାଯାଉଛନ୍ତି ।]

ସୂତ୍ରଧାର : ଦର୍ଶକବନ୍ଧୁ, ମୁଁ ଯେଉଁଆଡ଼େ ଯାଉଛି, ମୋ ପଛେ ପଛେ ଆସନ୍ତୁ । ବହୁ ଜାଗା ଯିବାକୁ ଅଛି । ବହୁ କଥା ଦେଖିବାକୁ ଅଛି । ରାଜଧାନୀର ଜନ୍ମ ଦିବସ । ଏପ୍ରିଲ ତେର । ଗ୍ଭରିଆଡ଼ ଚକାଚକ୍... ।

[କିଛି ସମୟ ଘୂରି ବୁଲିଛନ୍ତି ସୂତ୍ରଧାର । ତା'ପରେ ଗୋଟିଏ ବିନ୍ଦୁରେ ସ୍ଥିର ହୋଇଯାଇଛନ୍ତି ।]

ସୂତ୍ରଧାର : ଏଇଟା ହଉଛି ଗୋଟାଏ ଟିଭି ଗ୍ଭନେଲ୍‌ର ଷ୍ଟୁଡ଼ିଓ । ରାଜଧାନୀର ଜନ୍ମ ଉତ୍ସବ । ଆଲୋଚନା, ସଭାସମିତି ଉତ୍ସବ, ହବ ହିଁ ହବ । କିଛି ସମୟ ପାଇଁ ଏଇ ଟିଭି ଗ୍ଭନେଲରେ ଲାଇଭ ଟେଲିକାଷ୍ଟ ହେଉଥିବା ପ୍ରୋଗ୍ରାମ୍‌ର ଆଙ୍କର ମୁଁ ହୋଇଯାଉଛି... ମାନେ 'ମୋ ଟିଭି'ର ଆଙ୍କର... । ଏମିତି ମୁଁ ସୂତ୍ରଧାର ନୁହେଁ, କେବଳ ଆଙ୍କର...

[ସୂତ୍ରଧାରଙ୍କ ବାମ ଓ ଡାହାଣ ପଟୁ ଦୁଇଜଣ ଲୋକ ଆସି ତାଙ୍କ ଦୁଇପଟେ ଠିଆ ହୋଇଛନ୍ତି । ଆଲୋକ ଧୀରେ ଧୀରେ ନିଷ୍ପ୍ରଭ ହୋଇଛି ।]

◆

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ଷ୍ଟୁଡ଼ିଓରେ ରାଜଧାନୀର ଉତ୍ସବକୁ ନେଇ ଟକ୍ସର ସୋ ଚାଲିଥିଲା । ମଝିରେ ଆଙ୍କର ଏବଂ ତାଙ୍କର ଦୁଇପଟେ ଦୁଇଜଣ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇ ଚାଲିଥିଲେ । ତିନିହେଁ ଠିଆହୋଇ ଆଲୋଚନାକୁ ଜାରି ରଖିଥିଲେ ।]

ସୂତ୍ରଧାର : ଦର୍ଶକବନ୍ଧୁ 'ମୋ ଟିଭି'ର 'ଟକ୍ସର ସୋ'କୁ ଆପଣମାନଙ୍କୁ ସ୍ୱାଗତ । ମୁଁ ଆଶା କରିବି, ଆଲୋଚକ ବନ୍ଧୁ ଦୁଇଜଣ ସଂଯମତା ରକ୍ଷା କରି ଆମ ପ୍ରଶ୍ନର ସଠିକ୍ ଉତ୍ତର ଦେବେ । ରାଜଧାନୀର ଜନ୍ମୋତ୍ସବ ପାଳନ ଉପରେ ଟିପ୍ପଣୀ ଦେବା ପାଇଁ ଆମ ସାଙ୍ଗରେ ଅଛନ୍ତି ଶାସକ ଦଳର ସତ୍ୟାନାଶ ଏବଂ ବିରୋଧୀ ଦଳର ବାଇଡଙ୍କ ମହାଶୟ । ମୋର ପ୍ରଥମ ପ୍ରଶ୍ନ ସତ୍ୟାନାଶଙ୍କୁ । ଏତେ ଦିନ ପରେ ହଠାତ୍ ରାଜଧାନୀର ଜନ୍ମୋତ୍ସବକୁ ଏମିତି ଧୁମ୍‌ଧାମ୍‌ରେ ପାଳନ କରିବାର ଉଦ୍ଦେଶ୍ୟଟା କ'ଣ ହୋଇପାରେ ?

ସତ୍ୟାନାଶ : ଆଜି ରାଜଧାନୀର ଯାହା କିଛି ବିକାଶ ହୋଇଛି, ଆମ ସରକାର କରିଛି । ଗଳିକନ୍ଦିର ପକ୍କା ସଡ଼କ ଆମ ଅମଳରେ ହୋଇଛି । ଭେଣ୍ଡିଙ୍ଗ ଜୋନ୍ ଆମେ କରିଛୁ । ଦିନକୁ ଦୁଇଥର ରାସ୍ତା ସଫେଇ ଆମ ସରକାର ଅମଳରେ ହୋଇଛି ।

ବାଇଡଙ୍କ : ସବୁଯାକ ଡାହାମିଛ... ଗାଲୁଆଙ୍କ ବାରବାଟୀ ଘଷ । ପକ୍କାସଡ଼କ ପାଇଁ ଟଙ୍କା ଦେଇଛି କିଏ ? ଆମ ସରକାର... କେନ୍ଦ୍ର ସରକାର । ଦିନକୁ ଯଦି ଦୁଇଥର ରାସ୍ତା ସଫା ହଉଛି, ତାହେଲେ ହାଇକୋର୍ଟ କାହିଁକି ଭର୍ତ୍ସନା କରିଛନ୍ତି ?

Digitized by PPRACHIN, SOA

ସତ୍ୟାନାଶ : ଅଯଥାରେ ଦୋଷାରୋପ କରିବାଟା ବିରୋଧୀ ଦଳର ଗୋଟାଏ ବଦଭ୍ୟାସ ।

ବାଇଡଙ୍କ : କହୁନ, ଦି' ଟଙ୍କିଆ ଚାଉଳ ଆମେ ବି ଦେଉଛୁ !

ସତ୍ୟାନାଶ : ଗଳିକନ୍ଦି ସାହିବସ୍ତି ସବୁଠିଁ ସମସ୍ତେ କହିବେ । ପଚାରୁଛ କ'ଣ ?

ବାଇଡ଼ଙ୍କ : ଆମ ସରକାର ନ ଚାହିଁଥିଲେ ତମେ ଦେଇପାରିଥାନ୍ତ ? ପର ଧନରେ ବୃନ୍ଦାବନ ଯିବା ଶାସକ ଦଳର ଗୋଟାଏ ରୀତିମତ ପୁରୁଣା ଅଭ୍ୟାସ, ମାନେ ତମର...

ସତ୍ୟାନାଶ : ଡାହାମିଛ । ଗୁଲାପି ଗପ ।

ବାଇଡ଼ଙ୍କ : ବିରୋଧୀଦଳ ଦୋଷ ବାହାର କରିପାରେ, ହେଲେ କେବେ ମିଛ କହେନି । ବାହାସ୍ଫୋଟ ମାରିବା ଶାସକ ଦଳର ଅସ୍ଥିମଜ୍ଜାଗତ କିନ୍ତୁ ଆମର ନୁହେଁ !

ଆଙ୍କର : ଦେଖନ୍ତୁ, ମୁଁ ପ୍ରଥମରୁ ଆପଣମାନଙ୍କୁ ସତର୍କ କରାଇ ଦେଇଥିଲି, ସଂଯମତା ରକ୍ଷା କରିବାକୁ । ଆପଣମାନେ ଭୁଲିଯାଉଛନ୍ତି ଯେ ଏଇଟା ଲାଇଭ ଟେଲିକାଷ୍ଟ ଚାଲିଛି । ଦେଶର ଜନତା ଏମିତି ବାକ୍‌ବିତଣ୍ଡା ଦେଖି କ'ଣ ଭାବୁଥିବେ !

ବାଇଡ଼ଙ୍କ : ମୁଁ ଅଯଥା କଥାବାର୍ତ୍ତା କରେନି । ସବୁ ଦୋଷ ସତ୍ୟାନାଶର । ଗାଦିରେ ଅଛନ୍ତି ବୋଲି ଇନ୍ଦ୍ରଚନ୍ଦ୍ର ମାନିବାକୁ ପ୍ରସ୍ତୁତ ନୁହନ୍ତି ।

ସତ୍ୟାନାଶ : ଦେଖ୍ ବାଇଡ଼ଙ୍କ, ତମେ ଆଉ ତମ ଦଳ କେତେ ଭଦ୍ର, ସେକଥା ଜନତା ବେଶ୍ ଭଲଭାବେ ଜାଣିଛନ୍ତି । ଇଲେକ୍‌ସନ୍ ରେଜଲଟ୍‌ରୁ ଜାଣିଯାଇଥିବ ।

ବାଇଡ଼ଙ୍କ : ଇ.ଭି.ଏମ୍. ଟ୍ୟାମ୍ପରିଙ୍ଗ କରି ନଥିଲେ ତମେ କୋଉ ଜିତିଥାନ୍ତ ।

ସତ୍ୟାନାଶ : ଓଷଦ ନ ପିଇ ତାଟିଆ କାମୁଡ଼ିଛ କାହିଁକି ? କିଏ ଚୋର କିଏ ସାଧୁ ଲୋକେ ଠିକ୍ ଜାଣିଛନ୍ତି ।

Digitized by PPRACHIN, SOA

ଆଙ୍କର : ଦେଖନ୍ତୁ ଆପଣମାନେ ବ୍ୟକ୍ତିଗତ ସ୍ତରକୁ ଯାଆନ୍ତୁ ନାହିଁ । ବିଧାନସଭାରେ ଯେମିତି ବାଡ଼ିଆପିଟା କରୁଛନ୍ତି । ଦୟାକରି ଏଠି ସେହି ସ୍ତରକୁ ଯାଆନ୍ତୁନି । ମୂଳ ପ୍ରସଙ୍ଗ ଉପରକୁ ଆସନ୍ତୁ । ଆଲୋଚନାର ବିଷୟ ଥିଲା ରାଜଧାନୀର ଜନ୍ମୋତ୍ସବ ପାଳନ । ହେଲେ ଆପଣମାନେ ତ ବହୁ ଦୂରକୁ ଚାଲିଗଲେଣି... ଟପିକ୍ ଉପରକୁ ଆସନ୍ତୁ ।

ସତ୍ୟାନାଶ : ସବୁ ଦୋଷ ବିରୋଧୀ ଦଳରୁ ।

ବାଇଡ଼ଙ୍କ : ଗାଲୁ ଗପ କହି କେତେ ଦିନ ଠକିବ ?

ଆଙ୍କର : ଦୟାକରି ଆପଣମାନେ ବନ୍ଦ କରନ୍ତୁ । ମୁଁ ଭାବୁଛି, ଆମେ ବର୍ତ୍ତମାନ ରାଜମହଲ ଛକ ପାଖକୁ ଯିବା । ସେଠରେ 'ମୋ ଟିଭି'ର କ୍ୟାମେରା ଟିମ୍ ମହଜୁଦ୍ ଅଛି । ଉତ୍ସବ କେମିତି ଚାଲିଛି, ଚାଲନ୍ତୁ ଦେଖିବା । ଆମ ରିପୋର୍ଟର ସତ୍ୟାନାଶଙ୍କୁ ପଚାରି ବୁଝିବା, ସେଠିକା ମାହୋଲ କେମିତି ଅଛି ।

[ଷ୍ଟୁଡ଼ିଓ ଜୋନ୍ ଅନ୍ଧାକର ହୋଇଛି ।]

♦

Digitized by PPRACHIN, SOA

କ୍ରୋଡ଼ ଦୃଶ୍ୟ

[ମଞ୍ଚର ସମ୍ମୁଖ ଭାଗ ଆଲୋକିତ ହୋଇଛି । ଅନ୍ତରାଳରୁ ଆସିଛନ୍ତି ସୂତ୍ରଧାର । ହାତ ଯୋଡ଼ିଛନ୍ତି ।]

ସୂତ୍ରଧାର : କ୍ଷମା କରିବେ, ଦର୍ଶକବନ୍ଧୁ ! ଆସିବାରେ ସାମାନ୍ୟ ବିଳମ୍ବ ହୋଇଗଲା । ସ୍କୁଟରରେ ଆସୁଥିଲି । ହେଲମେଟ ଆଣି ନଥିଲି । ବେଶି ନାହିଁ, ମାତ୍ର ପାଞ୍ଚ ଶହ ଦେଇଛି । ରସିଦ ବି ଆଣିଛି । ହେଇ ଦେଖୁନାହାନ୍ତି ।

[ପକେଟରୁ ବାହାର କରି ଦେଖାଇଛନ୍ତି]

ସୂତ୍ରଧାର ; ହଁ..., ଏଇଟା ହଉଛି ରାଜମହଲ ଛକ । ମଧୁବାବୁଙ୍କ ପ୍ରତିମୂର୍ତ୍ତିକୁ ଆପଣମାନେ ତ ଦେଖୁଥିବେ । ଆହୁରି ଅନେକ ଦେଖିବାକୁ ବାକିଅଛି । ଧରି ନିଅନ୍ତୁ ମୁଁ ହେଉଛି ରିପୋଟର ସତ୍ୟପ୍ରକାଶ... ତାହେଲେ ଆସନ୍ତୁ...

[ଧୀରେ ଧୀରେ ସମ୍ମୁଖ ଭାଗ ଅନ୍ଧାର ହୋଇଛି]

◆

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ରାଜମହଲ ଛକର ସେଣ୍ଟ୍ରାଲ ଜୋନ୍ । ମଧୁବାବୁଙ୍କ ମୂର୍ତ୍ତିରେ ଫୁଲମାଳ ଲମ୍ବିଛି । ବ୍ୟାକ୍‌ଗ୍ରାଉଣ୍ଡରୁ ଭାସିଆସୁଛି ଗୋଟିଏ ପଦ । ଗୀତର ଶେଷକୁ ଯୋଡ଼ହସ୍ତ ହେଇ ଆସିବେ ମୁଖ୍ୟମନ୍ତ୍ରୀ । ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଚଢ଼ାଇବେ । ଗୀତର ପଦଟି ଶୁଣି ଖୁସି ହେଉଥିବେ ମୁଖ୍ୟମନ୍ତ୍ରୀ ।]

ମଧୁବାବୁଙ୍କ ଗୀତ ଅନ୍ତରାଳରୁ ଆସିବ । ବ୍ୟାକ୍‌ଗ୍ରାଉଣ୍ଡ ଗୀତ –

"ଜାତି ଇତିହାସ ଜାତିର ନିର୍ଝର
ତହୁଁ କହେ ସଦା ଜାତିପ୍ରାଣ ଧାର,
ସେ ଧାରାରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର ।"

[ଛକ ଉପରରୁ ରିଲେ କରୁଥିଲେ ରିପୋର୍ଟର ସତ୍ୟପ୍ରକାଶ । ତାକୁ ଅନୁସରଣ କରୁଥିଲା କ୍ୟାମେରା ଟିମ୍ ।]

ସୂତ୍ରଧାର/ସତ୍ୟ : ରାଜମହଲ ଛକ ବର୍ତ୍ତମାନ ଲୋକାରଣ୍ୟ । ପ୍ରାୟ ପଚ୍ଚିଶ ହଜାରରୁ ଅଧିକ ଲୋକଙ୍କର ଏଠାରେ ସମାବେଶ ହୋଇଛି । ସମସ୍ତେ ଅପେକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀଙ୍କ ବକ୍ତବ୍ୟକୁ । ବର୍ତ୍ତମାନ ଭିଡ଼ ଭିତରୁ ମୁଖ୍ୟମନ୍ତ୍ରୀ ଆଗେଇ ଆସୁଛନ୍ତି । ସେ ବର୍ତ୍ତମାନ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ପାଖରେ ପହଞ୍ଚି ଯାଇଛନ୍ତି । ଆରମ୍ଭ ହେବାକୁ ଯାଉଛି ଶ୍ରଦ୍ଧାସୁମନ ଅର୍ପଣର ପର୍ବ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି । ଜନତାଙ୍କ କରତାଳିରେ ସଭାସ୍ଥଳ ଫାଟିପଡୁଛି... ।

[କମେଣ୍ଟ୍ରି ସହ ଅଭିନୟ ଜାରି ରହିବ]

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ : ମୋର ପ୍ରିୟ ଭାଇ ଓ ଭଉଣୀମାନେ । ଆଜି ଆମ ରାଜଧାନୀ ୮୧ ବର୍ଷରେ ପଦାର୍ପଣ କରିବାକୁ ଯାଉଛି । ସେଥିପାଇଁ ଆପଣମାନଙ୍କୁ ବହୁତ ବହୁତ ବଧେଇ । ଆପଣମାନେ ଚାହିଁଲେ ଆମ ରାଜଧାନୀ ଆହୁରି ସରସ ସୁନ୍ଦର ହୋଇଉଠିବ । ଆମେ ଆପଣମାନଙ୍କ ପଛରେ ଅଛୁ । ତାକୁ ଆଗେଇନବା ଦାୟିତ୍ୱ ଆପଣମାନଙ୍କର । ଆମେ କେବଳ ନିମିତ୍ତ ମାତ୍ର । ପୁଣିଥରେ ସମସ୍ତଙ୍କୁ ବଧେଇ...

[ଭାଷଣ ଲେଖାଥିବା କାଗଜଟିକୁ ଭାଙ୍ଗି ପକେଟରେ ରଖିଛନ୍ତି ମୁଖ୍ୟମନ୍ତ୍ରୀ । ପରେ ପରେ ଭାସିଆସିଛି ଏକ ଘୋଷଣାନାମା...]

ଘୋଷଣା : ଏକ ଜରୁରୀ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ଆମ ଗହଣରୁ ବିଦାୟ ନେବାକୁ ବାଧ୍ୟ ହେଉଛନ୍ତି । ତେବେ ତାଙ୍କ ଅନୁପସ୍ଥିତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନ ପ୍ରଦାନ କରିବେ ଉପ-ମୁଖ୍ୟମନ୍ତ୍ରୀ ।

[ଏକ ଅସ୍ୱାଭାବିକ ଶବ୍ଦ ଆରମ୍ଭ ହୋଇଛି । କିଛି ସମୟ ପରେ ପୁଣି ସ୍ୱାଭାବିକ ଅବସ୍ଥା ଆସିଯାଉଛି ।]

ସତ୍ୟ : କ୍ଷମା କରିବେ ? ଏଇମାତ୍ର ଆମ ପାଖରେ ପହଞ୍ଚିଥିବା ସମ୍ବାଦରୁ ଜଣାପଡ଼ିଛି । ମୁଖ୍ୟମନ୍ତ୍ରୀଙ୍କ ଅନ୍ୟ କାର୍ଯ୍ୟକ୍ରମ ବାତିଲ ହୋଇଗଲା । ସେ ଆଉ କିଛି ସମୟ ରହିବେ । ସମ୍ବର୍ଦ୍ଧିତ ପ୍ରତିଭାମାନଙ୍କୁ ପୁରସ୍କାର ପ୍ରଦାନ କରିବେ ।

ମୁଁ ବର୍ତ୍ତମାନ ଚାହିଁବି ଆଜିର ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭାଙ୍କ ଉପରେ କ୍ୟାମେରା ଫୋକସ୍ କରିବାକୁ । କ୍ୟାମେରାମ୍ୟାନ୍ ସଂଜୟ, ପ୍ଲିଜ୍...

[ଆଲୋକ ପ୍ରଫେସର ମହାପାତ୍ରଙ୍କ ଉପରେ ପଡ଼ିଲା । ପ୍ରଫେସର ମହାପାତ୍ର ଜଣେ ସମ୍ବର୍ଦ୍ଧିତ ହେବାକୁ ଥିବା ପ୍ରତିଭା । ପ୍ରଶ୍ନ କଲେ ସତ୍ୟପ୍ରକାଶ ।]

Digitized by PPRACHIN, SOA

ସତ୍ୟ : ପ୍ରଫେସର ମହାପାତ୍ର, ଆପଣଙ୍କୁ 'ମୋ ଟିଭି' ପରିବାର ପକ୍ଷରୁ ବହୁତ ବହୁତ ଅଭିନନ୍ଦନ । ଆମେ ଆପଣଙ୍କୁ କେତୋଟି ପ୍ରଶ୍ନ ପଚାରିବାକୁ ଚାହୁଁଛୁ । ଆଶା ଆପଣ ସହଯୋଗ କରିବେ ।

ମହାପାତ୍ର : ହଁ... ହଁ... ପଚାରିପାର । ଏଥିରେ ଲଜ୍ଜା କରିବାର କ'ଣ ଅଛି ?

ସତ୍ୟ : ପ୍ରଫେସର ସାହେବ, 'ପରିବେଶ ଗୌରବ' ଲାଭ କରିଥିବାରୁ ଆପଣ ଯେ କେତେ ଖୁସି, ତାହା ଆପଣଙ୍କ ମୁଖମଣ୍ଡଳ କହିଦଉଛି ।

ମହାପାତ୍ର : ଭାଗ୍ୟରେ ଥିଲେ ଏଭଳି ସମ୍ମାନ ମିଳେ । ଏଥିପାଇଁ ମୁଁ ଗର୍ବ ଅନୁଭବ କରୁଛି । ନିଜେ ମୁଖ୍ୟମନ୍ତ୍ରୀ ସ୍ୱହସ୍ତରେ ମୋତେ...

ସତ୍ୟ : 'ପରିବେଶ ଗୌରବ' ପୁରସ୍କାର ପାଉଥିବାରୁ ଆପଣ ନିଶ୍ଚୟ ଗୌରବାନ୍ୱିତ । ତେବେ ଆମର ପ୍ରଶ୍ନ ହେଉଛି, ପରିବେଶ ପାଇଁ ଆପଣ କ'ଣ କରିଛନ୍ତି ? ଦି'ଟା ମୋଟା ବହି ଲେଖିଛନ୍ତି । ପ୍ରତିବର୍ଷ ପରିବେଶ ଦିବସ ପାଳନ କରିଛନ୍ତି । ଟିଭିରେ ନିଜକୁ ପ୍ରଚାର କରିଛନ୍ତି । ରାଜଧାନୀର ରାସ୍ତାକଡ଼ରୁ ହଜାର ହଜାର ଗଛ କଟାଯାଉଥିବାବେଳେ ଆପଣ କୋଉଠି ଥିଲେ ? ରାଜଧାନୀର ତାପମାତ୍ରା ଯେମିତି ଭାବେ ବଢ଼ିଚାଲିଛି, ସେଇଟା କ'ଣ ଆପଣଙ୍କୁ ଦେଖାଯାଉନି ? ଗଛ କାଟିବା ଦ୍ୱାରା ପରିବେଶର ଯେ କି କ୍ଷତି ଘଟିବ, ତାହା ଆପଣ ଭଲଭାବେ ଜାଣନ୍ତି । ଯା'ପରେ ବି ଆପଣ 'ପରିବେଶ ଗୌରବ' ସମ୍ମାନ ଗ୍ରହଣ କରିବେ ?

ମହାପାତ୍ର : ବାଜେ କଥାର ଉତ୍ତର ଦେବାକୁ ମୋ ପାଖରେ ସମୟ ନାହିଁ । ମୁଁ ଜଣେ ବିଶ୍ୱବିଖ୍ୟାତ ପରିବେଶବିତ୍ । କିଏ ମତେ ନ ଜାଣେ ! ଏମିତି ଅବାନ୍ତର ପ୍ରଶ୍ନ ପଚାରିବାକୁ ତମେ ସାହସ କଲ କେମିତି ? କ'ଣ ତମ ନାଁ ?

[ରାଗ ତମ୍‌ତମ୍ ହେଇ ବାହାରିଯାଉଥିଲେ ପ୍ରଫେସର ମହାପାତ୍ର]

ସତ୍ୟ : ଆଜ୍ଞା, ଆପଣଙ୍କ ପାଇଁ ଖୋଦ୍ ମୁଖ୍ୟମନ୍ତ୍ରୀ ଏଠାକୁ ଆସିଛନ୍ତି ।

Digitized by PPRACHIN, SOA

ମହାପାତ୍ର : ହଉ, ଠିକ୍ ଅଛି । ଯାଅ... । କହୁଛ ଯଦି ଏଥରଟା ଚଳେଇନବା । ହେଲେ ଏପ୍ରକାର ନଖରାମିକୁ ମୁଁ ଆଦୌ ଭଲପାଏନା ।

ସତ୍ୟ : ଏଇମାତ୍ର ପ୍ରାପ୍ତ ସମ୍ବାଦରୁ ଜଣାପଡ଼ିଛି ପୁରସ୍କାରର କ୍ରମରେ କିଛିଟା ପରିବର୍ତ୍ତନ କରାଯାଇଛି । ପ୍ରଫେସର ମହାପାତ୍ର ସମ୍ମାନ ପାଇବେ, ହେଲେ ସାମାନ୍ୟ ବିଳମ୍ବରେ... । ପ୍ରଥମେ ଆସିବେ ।

ମହାପାତ୍ର : କ'ଣ ପାଇଁ ଏ ପ୍ରକାର ବିଶୃଙ୍ଖଳା ? ମୁଁ ଚାହିଁଲେ ଏ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରିପାରେ । କ'ଣ ଭାବିଛ ମତେ ?

ସତ୍ୟ : ଆଜ୍ଞା, ସେ ଭୁଲ୍ କରନ୍ତୁ ନାହିଁ । ଲକ୍ଷେ ଟଙ୍କା ହରେଇବେ । ଠିକ୍ ଅଛି, ନ ନେବେ ଯଦି ନ ନିଅନ୍ତୁ । ସେ ଟଙ୍କା ଅନ୍ୟ କାମରେ ଲାଗିଯିବ ।

ମହାପାତ୍ର : ଖାଲି ମୁଖ୍ୟମନ୍ତ୍ରୀ ମୋ ନାଁଆରେ ମୋହର ମାରିଥିବାରୁ ଆଉ ତାଙ୍କ ସମ୍ମାନକୁ ଚାହିଁ ମୁଁ ଏ ପୁରସ୍କାର ମଥାପାତି ଗ୍ରହଣ କରୁଛି । ନଚେତ୍...

ସତ୍ୟ : ଆପଣଙ୍କ ଧୈର୍ଯ୍ୟ ପାଇଁ ଅଶେଷ ଧନ୍ୟବାଦ । ମୁଁ ଆମ କ୍ୟାମେରାମ୍ୟାନ ସଂଜୟଙ୍କୁ ଅନୁରୋଧ କରିବି ଅନ୍ୟତମ ପ୍ରତିଭା ଅନାମ ନାୟକଙ୍କ ଉପରେ କ୍ୟାମେରା ଫୋକସ୍ କରିବେ ।

[ଅନ୍ତରାଳରୁ କିଛିଟା ଘୋଷଣା ଆସିବ, ଏଥିରେ ମୁଖ୍ୟମନ୍ତ୍ରୀ କିଛି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରୁଥିବା ଦେଖାଯିବ ।]

ଘୋଷଣା : କେତେକ ଜରୁରୀ କାରଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଦଶ ମିନିଟ୍ ମଧ୍ୟରେ ସୀମିତ ରଖାଯାଇଛି । ସେଥିପାଇଁ ଆମେ ଦୁଃଖିତ । ପ୍ରତିବର୍ଷ ପରି ଚଳିତ ବର୍ଷ ରାଜଧାନୀର କେତେ ଜଣ ବରିଷ୍ଠ ତଥା କର୍ମଠ ନାଗରିକଙ୍କୁ ଆମେ ସମ୍ମାନିତ କରିବାକୁ ଯାଉଛୁ । ସର୍ବପ୍ରଥମେ ଚଳିତ ବର୍ଷର 'ପଥଗୌରବ' ସମ୍ମାନ ଲାଭ କରିଥିବା ସଫେଇ କର୍ମଚାରୀ ଅନାମ ନାୟକଙ୍କୁ ମୁଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ମାନ ଗ୍ରହଣ କରିବାକୁ ଆମନ୍ତ୍ରଣ କରୁଛୁ ।

Digitized by PPRACHIN, SOA

[ଝାଡୁଦାର ଅନାମ ଟଳିଟଳି ଆସିଛି ।]
"ଛି ଛି ମଦ ଖାଇବି ନାହିଁ ଲୋ କଳାପାଣି ପରି ଦିଶେ
ସେହି କଳାପାଣି ପେଟରେ ପଡ଼ିଲେ, ଚଉଦଭୁବନ ଦାଶେ ଲୋ...।"
[ମୁଖ୍ୟମନ୍ତ୍ରୀଙ୍କ ସହିତ ହାଣ୍ଡସେକ୍ କରିଛି । ସମ୍ମାନ ଗ୍ରହଣ କରିବା ପରେ ଖୁସିରେ ହୁଇସିଲ ମାରିଛି ଏବଂ ପ୍ରସ୍ଥାନ କରଛି । ହାତ ସାନିଟାଇଜ୍ କରିଛନ୍ତି ସତ୍ୟପ୍ରକାଶ ।]

ଘୋଷଣା : ଚଳିତବର୍ଷର 'ପରିବେଶ ଗୌରବ' ସମ୍ମାନ ଲାଭ କରିଥିବା ପ୍ରଫେସର ରଙ୍କନିଧି ମହାପାତ୍ରଙ୍କୁ ମୁଁ ଆମନ୍ତ୍ରଣ କରୁଛି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ସମ୍ମାନ ଗ୍ରହଣ କରିବା ପାଇଁ ।
[ପ୍ରଫେସର ମହାପାତ୍ର ସମ୍ମାନ ଗ୍ରହଣ କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସହିତ ହାଣ୍ଡସେକ୍ କରିବା ପରେ ଦୂରେଇ ଯାଇଛନ୍ତି ।]

ଘୋଷଣା : ଚଳିତବର୍ଷର 'ସେବିକା ଗୌରବ' ସମ୍ମାନ ଲାଭ କରିବାକୁ ଯାଉଛନ୍ତି ଶ୍ରୀମତୀ ମାଧୁରୀ ମହାନ୍ତି । ମୁଁ ତାଙ୍କୁ ଅନୁରୋଧ କରୁଛି, ସେ ଯଥାଶୀଘ୍ର ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରନ୍ତୁ ।
[ଶ୍ରୀମତୀ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ନମସ୍କାର କରିବା ସହିତ ସମ୍ମାନ ଗ୍ରହଣ କରିଛନ୍ତି ।]

ଘୋଷଣା : ଚଳିତବର୍ଷର 'ଶିକ୍ଷକ ଗୌରବ' ସମ୍ମାନ ଲାଭ କରିଥିବା କୁଳପତି ପ୍ରଫେସର ଗୋବର୍ଦ୍ଧନ ଦାସଙ୍କୁ ମୁଁ ଅତିଶୀଘ୍ର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିବାକୁ ଅନୁରୋଧ କରୁଛି ।
[ପ୍ରଫେସର ଦାସ ମୁଖ୍ୟମନ୍ତ୍ରୀଙ୍କ ସହିତ ହାଣ୍ଡସେକ୍ କରି ପୁରସ୍କାର ଗ୍ରହଣ କରିଛନ୍ତି । ଏକ ମୋବାଇଲ ଫୋନ ଧରି କଥା ହେବା ସହିତ ମୁଖ୍ୟମନ୍ତ୍ରୀ ସଭାସ୍ଥଳରୁ ବାହାରିଯାଇଛନ୍ତି ।]

ଘୋଷଣା : ଏଇଠି ଶେଷ କରୁଛୁ ପୁରସ୍କାର ପର୍ବ । ସହଯୋଗ ପାଇଁ ସମସ୍ତଙ୍କୁ କୃତଜ୍ଞତା । ବିଶେଷକରି ମିଡ଼ିଆ ବନ୍ଧୁମାନଙ୍କୁ ଧନ୍ୟବାଦ ।

Digitized by PPRACHIN, SOA

[ଏଥର ଆଲୋକ ଜୋନ୍‌ରେ ସତ୍ୟପ୍ରକାଶ]

ସତ୍ୟ : ମୁଁ ବର୍ତ୍ତମାନ ଆମ ପାଖକୁ ନିମନ୍ତ୍ରଣ କରୁଛି 'ଶିକ୍ଷକ ଗୌରବ' ଲାଭ କରିଥିବା କୁଳପତି ପ୍ରଫେସର ଦାସଙ୍କୁ । ତାଙ୍କ ଶ୍ରୀମୁଖରୁ କିଛି ଶୁଣାଯାଉ । (ଆଗେଇ ଆସିଛନ୍ତି ପ୍ରଫେସର ଦାସ)

ଦାସ : ପଚାରନ୍ତୁ, କ'ଣ ପଚାରିବେ । ମୋ ଟିଭି ତ ଜନତାର ଟିଭି । ହଁ... ଏଥର...

ସତ୍ୟ : 'ଶିକ୍ଷକ ଗୌରବ' ସମ୍ମାନ ଲାଭକରି ଆପଣ ଖୁବ୍ ଖୁସିଥିବା ପରି ଜଣାପଡୁଛନ୍ତି ! ଆମେ ତ ବହୁତ ଖୁସି ।

ଦାସ : ସ୍ୱାଭାବିକ । ଏଥିରେ ଯେ କେହି ଖୁସି ହେବା କଥା । ଜଣେ ଶିକ୍ଷକକୁ ସ୍ୱୀକୃତି ମିଳିଛି ।

ସତ୍ୟ : ଆପଣ ଭୁଲିଯାଉଛନ୍ତି ଯେ ଆପଣ ସେହି ବିଶ୍ୱବିଦ୍ୟାଳୟର କୁଳପତି, ଯେଉଁଠି ଗତ ତିନିମାସ ହେବ ଛାତ୍ର ବିଶୃଙ୍ଖଳା, ପୋଡ଼ାଜଳା, ବମିଙ୍ଗ୍ ଆଦି ଲଗାତାର ଚାଲିଛି । ଗେଟ ଭଙ୍ଗାଯାଇଛି । ପାଚେରୀ ଭଙ୍ଗା ହୋଇଛି ।

ଦାସ : ମତେ ବିଶ୍ୱବିଦ୍ୟାଳୟରୁ ତଡ଼ିବା ପାଇଁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କର ଏଇଟା ଗୋଟାଏ ବିଧିବଦ୍ଧ ଚକ୍ରାନ୍ତ । ହେଲେ ମୁଁ ଦବିଯିବା ଲୋକ ନୁହଁ । ଚାରିବର୍ଷ ପୂର୍ବରୁ ହଟିବା ପ୍ରଶ୍ନ ଉଠୁନି । ଫୁଲଟର୍ମ ନେବି ।

ସତ୍ୟ : ତେଣିକି ୟୁନିଭରସିଟି ରହୁ କି ପୋଡ଼ିଯାଉ - ଆପଣଙ୍କ କୁଳପତି ଚେୟାରଟା ୟୁନିଭରସିଟିଠାରୁ ନିଶ୍ଚୟ ବେଶି ମୂଲ୍ୟବାନ ?

ଦାସ : ବାଜେ କଥା । ଆପଣଙ୍କୁ କେହି ମୋ ବିରୁଦ୍ଧରେ ଉସକେଇଛି । ମୋର ନିର୍ମଳ ଭାବମୂର୍ତ୍ତି କଥା କିଏ ନଜାଣେ ! ମୁଁ ଓଡ଼ିଶା ବାହାରୁ ଆସିଛି ।

ସତ୍ୟ : ଭିତରୁ ଆସନ୍ତୁ କି ବାହାରୁ ଆସନ୍ତୁ । ଆପଣ ଓଡ଼ିଆ ନା ନାହିଁ ?

Digitized by PPRACHIN, SOA

ଦାସ : ମୁଁ ଆପଣଙ୍କର କୌଣସି ଉତ୍ତର ଦେବାକୁ ବାଧ୍ୟ ନୁହେଁ । ଯେଉଁ ସରକାର ମତେ ଆଣିଛି, ତାଙ୍କୁ ପଚାର । ଫାଲ୍‌ତୁ କଥା ବନ୍ଦ କରିବା ଶିଖ ।

[ଉତ୍ତ୍ୟକ୍ତ ହୋଇ ଚାଲିଯାଇଛନ୍ତି ପ୍ରଫେସର ଦାସ]

ସତ୍ୟ : ବର୍ତ୍ତମାନ ମୁଁ ଆମ ପାଖକୁ ନିମନ୍ତ୍ରଣ କରୁଛି ଶ୍ରୀମତୀ ମାଧୁରୀ ମହାନ୍ତିଙ୍କୁ, ଯିଏକି 'ସେବିକା ଗୌରବ' ଲାଭ କରିଛନ୍ତି । ଶ୍ରୀମତୀ ମହାନ୍ତି ଜଣେ ବିଶିଷ୍ଟ ସମାଜସେବୀ । ତାଙ୍କର ରାଜଧାନୀ ତଥା ଅନ୍ୟତ୍ର ସର୍ବମୋଟ ତିନୋଟି ଅନାଥାଶ୍ରମ ଏବଂ ଗୋଟିଏ କନ୍ୟାଶ୍ରମ ରହିଛି । ଗାନ୍ଧୀବାଦୀ ଦର୍ଶନର ପ୍ରଚାର ପ୍ରସାର ପାଇଁ ସେ ଦେଶର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ମାନିତା ।

ମାଧୁରୀ : (ଆଗେଇ ଆସି) ଏଗୁଡ଼ାକ ନ କହିଲେ କ'ଣ ଚଳନ୍ତା ନାହିଁ ?

ସତ୍ୟ : କ'ଣ କହୁଛନ୍ତି ମାଡ଼ାମ୍ ! ଲୋକଙ୍କୁ ନ ଜଣେଇଲେ ସେମାନେ ଜାଣିବେ କିପରି ? 'ସେବିକା ଗୌରବ' ଲାଭ କରି ଆପଣ ଖୁସି ତ ?

ମାଧୁରୀ : ଭାବିଥିଲି ଗ୍ରହଣ କରିବି ନାହିଁ, ମୁଁ ଏଯାଏ ପାଇଥିବା କୌଣସି ପୁରସ୍କାରର ମୂଲ୍ୟ ୫୦ ହଜାରରୁ କମ୍ ନୁହେଁ । ଖାଲି ଓଡ଼ିଶା ବୋଲି ଚଳେଇ ନଉଛି ।

ସତ୍ୟ : ଆପଣ ବେଶ ସଚ୍ଚୋଟ ଗାନ୍ଧୀବାଦୀ । ଆମ ସମାଜରେ ଦୋଷ ଦେଖାଇବାକୁ ବହୁତ ଅଛନ୍ତି, ଗୁଣ ଚିହ୍ନିବାକୁ କେହି ନାହାନ୍ତି । ଆପଣ ପୁଣି ବିଦେଶକୁ କନ୍ୟାସନ୍ତାନ ଚାଲାଣ କରୁଛନ୍ତି... ଆଶ୍ରମ ଭିତରୁ ଦୁଇଜଣ ବିଧବା ଫେରାର... ଅବହେଳିତ ମହିଳାମାନଙ୍କ ସ୍ୱାର୍ଥ ରକ୍ଷା ଆଳରେ, ଆପଣ ସେମାନଙ୍କଠାରୁ ମୋଟା ଅଙ୍କର ବଟି ଆଦାୟ କରନ୍ତି... ଏମିତି କେତେ କ'ଣ ଅଭିଯୋଗ ଆପଣଙ୍କ ନାଁରେ ଅଛି । କିନ୍ତୁ ଆପଣ କ'ଣ ସେସବୁକୁ ଖାତିର କରିଛନ୍ତି ?

Digitized by PPRACHIN, SOA

ମାଧୁରୀ : ମୋର ସାକ୍ଷାତକାର ନଉଛନ୍ତି ନା' ମତେ ଗାଳି ଦଉଛନ୍ତି ? ଏକଥା ଆଗରୁ ଜାଣିଥିଲେ ଆଦୌ ଆସିନଥାନ୍ତି । ମୋ ଭାବମୂର୍ତ୍ତି ଉପରେ ଆପଣ ଜାଣିଶୁଣି କାଦୁଅ ଛାଟୁଛନ୍ତି । ସମସ୍ତଙ୍କ ସାମନାରେ ଜଣେ ନାରୀକୁ ଅପମାନିତ କଲେ, ଜାଣିଛନ୍ତି କି ଦଣ୍ଡ ମିଳିବ ?

ସତ୍ୟ : ଅବଶ୍ୟ ଗାନ୍ଧୀ କହିଥିଲେ, ଗୋଟିଏ ଗାଲରେ ଜଣେ ମାରିଲେ ତାକୁ ଆଉ ଗୋଟିଏ ଗାଲ ଦେଖେଇଦବ ।

ମାଧୁରୀ : ସେ ଯୁଗ ଗଲାଣି । ସଂଜୟ ଦତ୍ତର ଦି'ଟାଯାକ ଫିଲମ୍ ଦେଖି ପ୍ରଭାବିତ ହୋଇଛ ବୋଧେ ! ବାସ୍ତବ କ୍ଷେତ୍ରରେ ଏସବୁ କିଛି ଘଟେନା । ସିନେମା ଟିଭିରେ ଏଁଗୁଡ଼ାକ ଚଳେ ।

ସତ୍ୟ : ବାଃ... ଅତି ଚମତ୍କାର ! ସମାଜ ସେବିକା ମହାଶୟା ! ଆପଣଙ୍କ ଭଳି ଜଣେ ଆଦର୍ଶ ସମାଜ ସେବୀଙ୍କ ମୁହଁରୁ ଏସବୁ ଶୁଣିବାକୁ ମିଳୁଛି ? ମାଡ଼ାମ୍, ଲାଇଭ ଟେଲିକାଷ୍ଟ ଚାଲିଛି !

ମାଧୁରୀ : ଫାଲ୍‌ତୁ ବିଷୟ ବନ୍ଦ କର ? କ'ଣ ଭାବୁଛ ନିଜକୁ ? ସବୁଗୁଡ଼ାକ ହିପୋକ୍ରାଟ୍... ସ୍କାଉଣ୍ଡ୍ରେଲ୍...

[ବିରକ୍ତ ହେଇ ଚାଲିଯାଉଥିଲେ ଶ୍ରୀମତୀ ମହାନ୍ତି]

ସତ୍ୟ : ବର୍ତ୍ତମାନ ମୁଁ ଡାକୁଛି ଆମର 'ପଥ ଗୌରବ' ଲାଭ କରିଥିବା ବିଶିଷ୍ଟ ପଥସେବକ ଅନାମ ନାୟକଙ୍କୁ ।

[ଟଳି ଟଳି ଆସୁଥିଲା ଝାଡୁଦାର ଅନାମ]

କେତେ ବର୍ଣ୍ଣିବ ମନ ତୋ ସଜାତ
ତୋର ସଙ୍ଗକୁ ମଟର ଭଜାତ
ପେଟେ ପଡ଼ନ୍ତେ ବୋଲାଇ ରଜାତରେ..

ଅନାମ : ମୁଝେ କେୟାଁ ଲାଷ୍ଟ ମେଁ ଡାକିଲ ? କ'ଣ ମୁଁ ଝାଡୁଦାର ବୋଲି ? ମଣି କହୁନ କାହିଁକି ?

ସତ୍ୟ : ଅନାମ ବାବୁ, ଲାଇଭ ଟେଲିକାଷ୍ଟ ଚାଲିଛି । ଯାହା କହିବେ ଭାବିଚିନ୍ତି କୁହନ୍ତୁ । ହଜାର ହଜାର ଲୋକ ଦେଖୁଛନ୍ତି ।

Digitized by PPRACHIN, SOA

ଅନାମ : ଅନାମ କିସିକୋ ଡର୍‌ତା ନାହିଁ ।

ସତ୍ୟ : ଓଡ଼ିଆ ଭାଷା ପାଇଁ ସମସ୍ତେ ଚିନ୍ତା କରୁଥିବାବେଳେ ଆପଣ ହିନ୍ଦୀରେ ଏମିତି କହିବାଟା ଉଚିତ ହଉଚି କି ? ପୁଣି ଆଜିଭଳି ଦିନରେ...

ଅନାମ : ହଉ ହେଲା, ଏଣିକି ଓଡ଼ିଆ କହିବା । ଏପ୍ରିଲ ତେର ହଉ କି ତେଇଶି ହଉ । ମୁଝେ କୋଇ ଫରକ୍ ନେହିଁ ପଡ୍‌ତା...

ସତ୍ୟ : ଅନାମ ବାବୁ, ସେନ୍‌ସକୁ ଫେରନ୍ତୁ । ସମସ୍ତେ ଆପଣଙ୍କ ଆଡ଼କୁ ଋହିଁଛନ୍ତି । ଦେଖିଋହିଁ ଉତ୍ତର ରଖନ୍ତୁ । କୌଣସି ନେତା ମନ୍ତ୍ରୀଙ୍କ ବିରୋଧରେ ଯେମିତି କିଛି...

ଅନାମ : ଆଃ ରଖ ସେ ବକ୍‌ବାଜ୍ । ଦଶବର୍ଷ ଭିତରେ ଗୋଟାଏ ଲୋକକୁ ଓଡ଼ିଆ କୁହାଇପାରିଲନି । ଆଉ 'ଓରିସା'ରୁ 'ଓଡ଼ିଶା' କରିଦେଲେ । ଦେଶଟା ଉଦ୍ଧାର ହେଇଯିବ ! ସବୁଗୁଡ଼ାକ ଗୁଲାପିଗପ ।

[ଧୀରେ ଧୀରେ ବାହାରି ଯାଉଥିଲା ଅନାମ]

ସତ୍ୟ : ଇଏ ଥିଲେ 'ପଥ ଗୌରବ' ସମ୍ମାନ ଲାଭ କରିଥିବା ଅନାମ ନାୟକ । ଯାହାଙ୍କ ଦୁଃଖ ଏବଂ ବାସ୍ତବ ସ୍ୱରକୁ ଆପଣମାନେ ବେଶ୍ ହୃଦୟଙ୍ଗମ କରିପାରିଥିବେ । ବର୍ତ୍ତମାନ ଆମେ ଫେରିଯିବା 'ମୋ ଟିଭି' ଷ୍ଟୁଡ଼ିଓକୁ । ସେଠାରେ ଆମକୁ ଅପେକ୍ଷା କରିଛନ୍ତି ଶ୍ରୀଯୁକ୍ତ ସତ୍ୟାନାଶ ଏବଂ ଶ୍ରୀଯୁକ୍ତ ବାଇଡ଼ଙ୍କ । ସେମାନଙ୍କ ମୁଖରୁ ଶୁଣିବା, ଆଜିର ଦିବସରେ ସେମାନଙ୍କ ଅନୁଚିନ୍ତା କ'ଣ...

[ସେଣ୍ଟ୍ରାଲ ଜୋନ୍ ଅନ୍ଧକାର ହେଲା ।]

◆

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

[ଷ୍ଟୁଡ଼ିଓ ଆଲୋଚନା । ଆଙ୍କର ଥିଲେ ସତ୍ୟପ୍ରକାଶ । ଷ୍ଟୁଡ଼ିଓରେ ଆଲୋଚନା ସ୍ୱାଭିବକ ଭାବେ ଜାରି ରହିଥିଲା । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିଲା ।]

ବାଇଡ଼ଙ୍କ : ଦି' ଟଙ୍କିଆ ଋଉଳ ନାଁରେ ବହୁ ଦିନ ଜନତାଙ୍କୁ ଭୁଆଁ ବୁଲେଇଲେଣି । ଏଣିକି ସେ ପ୍ରହସନ ବନ୍ଦ ହଉ । ଏତେ ଦିନ ପରେ ସାଧାରଣ ଜନତାର ନିଦ ଭାଙ୍ଗିଛି । ସେମାନେ ଏ ପ୍ରକାର ଋଲ୍‌କୁ ଆଉ ବରଦାସ୍ତ କରିବେ ନାହିଁ । ଅନାମବାବୁଙ୍କ ପ୍ରଶ୍ନର ଉତ୍ତର ଅଛି ଶାସକ ଦଳ ପାଖରେ ?

ସତ୍ୟାନାଶ : ତାକୁ ମଦଖୁଆଇ ସଭାସ୍ଥଳକୁ ପଠେଇଛି କିଏ ? ବିରୋଧୀଦଳ । ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଭଣ୍ଡୁର କରିବାପାଇଁ ଏଇଟା ବିରୋଧୀ ଦଳର ଗୋଟାଏ ଚକ୍ରାନ୍ତ ।

ବାଇଡ଼ଙ୍କ : ଆଜି ଆପଣଙ୍କ ସରକାର ଓଡ଼ିଆ ଭାଷା ଲାଗି କାନ୍ଦୁଛନ୍ତି ହେଲେ ଏହାର ଅୟମାରମ୍ଭ କରିଥିଲା କିଏ ? 'ଆମ ଦଳ' । ସରକାରୀ ସ୍ତରରେ ଓଡ଼ିଆ ଭାଷାର ପ୍ରଚଳନ କରାଇଥିଲୁ ଆମେ । ସହର ବଜାରର ନେମପ୍ଲେଟ୍ ସବୁ ଓଡ଼ିଆରେ ଲେଖେଇବା ଆରମ୍ଭ କରିଥିଲୁ ଆମେ । ଫାଇଲପତ୍ର କାମ ଓଡ଼ିଆରେ ଆରମ୍ଭ କରିଥିଲୁ ଆମେ । ହେଲେ ତମ ଦଳ ଆଦ୍ୟରୁ ଓଡ଼ିଆ ଭାଷାର ତଣ୍ଟି ଚିପିବା ଆରମ୍ଭ କରିଦେଲା । ସରକାରୀ ଫାଇଲପତ୍ର କାମ ଓଡ଼ିଆରେ ହବାକୁ ବନ୍ଦ କଲା କିଏ ? ତମ ସରକାର ।

Digitized by PPRACHIN, SOA

ସତ୍ୟାନାଶ : ବାଜେ କଥା ବନ୍ଦ କର । ନିଜକୁ ଆଉ ବେଶି ସତୀ ଦେଖେଇ ହୁଅନି । ଓଡ଼ିଶା ଓଡ଼ିଆ ଲାଗି ତ ଭାରି କାନ୍ଦୁଛ, ତାହେଲେ ସେଣ୍ଟରରେ ଓଡ଼ିଶା ଭାଗ କମୁଛି କାହିଁକି ?

ବାଇଡ଼ଙ୍କ : ସେଥିପାଇଁ କ'ଣ ଆମେ ଦାୟୀ ? ଦାୟୀ ଅପାରଗ ନେତୃତ୍ୱ ଆଉ ନିଖଟୁ ସରକାର ।

ସତ୍ୟାନାଶ : ତମ ସୁଶାସନ କଥା ଭାରତବାସୀ ବେଶ୍ ଜାଣନ୍ତି ।

ସତ୍ୟ/ଆଙ୍କର : ଦୟାକରି ଆପଣମାନେ ରାଜଧାନୀର ଜନ୍ମ ଦିବସ ପ୍ରସଙ୍ଗକୁ ଆସନ୍ତୁ । ଭୁଲିଯାଉଛନ୍ତି ଯେ ଏଇଟା ଲାଇଭ ଟେଲିକାଷ୍ଟ ଚାଲିଛି ! ବାଇଡ଼ଙ୍କ ବାବୁ କୁହନ୍ତୁ । କ'ଣ କଲେ ରାଜଧାନୀର ସୁନାମ ବଢ଼ିବ ? ପ୍ରସଙ୍ଗ ଉପରକୁ ଆସନ୍ତୁ ।

ବାଇଡ଼ଙ୍କ : ମାଲକାନଗିରିରେ ମାଓବାଦୀମାନେ ୧୯ ଜଣଙ୍କୁ ଗୁଳିକରି ମାରି ପକେଇଲେ, ଅଥଚ ଏଠି ରାଜଧାନୀର ଜନ୍ମ ଉତ୍ସବ ପାଳନ ଚାଲିଛି । ଘୋର ଲଜ୍ଜା ପରିତାପର ବିଷୟ । କନ୍ଧମାଳର ମୂଳ ସୂତ୍ର କୋଉଠି ଖୋଜି ବାହାର କରିଛ ? ପଶ୍ଚିମ ଓଡ଼ିଶାରେ ଚାଷୀ ଆନ୍ଦୋଳନ କାହିଁକି ଦାନା ବାନ୍ଧୁଛି, ବୁଝିବାକୁ ଚେଷ୍ଟାକର । ପ୍ରଥମେ ପୋଲିସ ଜୁଲମ ବନ୍ଦକର ।

ସତ୍ୟ/ଆଙ୍କର : ଭାରି ତ ଓଡ଼ିଶା ଆଉ ଓଡ଼ିଆକୁ ନେଇ ବେଶ୍ ଖେଳ ଖେଳୁଛନ୍ତି ହେଲେ ଆପଣମାନେ ଟିକିଏ ଓଡ଼ିଶାବାସୀଙ୍କ ପ୍ରତି ଦୟା କରନ୍ତୁ । ଗୋଟିଏ ଥରରେ ଇଲେକ୍‌ସନ ସରିଯାଉନି । ଜନତା ଉଚିତ ଶିକ୍ଷା ଦେବେ । ଜାତୀୟକବି ବୀରକିଶୋରଙ୍କ ଗୋଟିଏ ପଦ ଉଦ୍ଧୃତି ଦେବାକୁ ଉଚିତ ମନେ କରୁଛି । ପଦଟି ହଉଛି ଏମିତି –

"ଶତ୍ରୁ ଆସୁ ପଛେ ଜିଭ ଦିଅ କାଟି
ମାତୃଭାଷା ତାର କରନାହିଁ ମାଟି ।"

ସତ୍ୟାନାଶ : କ'ଣ କରିଛନ୍ତି ଆପଣମାନେ ? ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଆମେ ପ୍ରତିବର୍ଷ ଯୋଜନାବଦ୍ଧ ଭାବେ କାମ କରୁଛୁ । ସ୍କୁଲ କଲେଜରେ

Digitized by PPRACHIN, SOA

ଓଡ଼ିଆ ଶିକ୍ଷକଙ୍କ ସଂଖ୍ୟା ବଢ଼େଇଛୁ । ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ଓଡ଼ିଆ ଶିକ୍ଷାର ବିକାଶ ପାଇଁ ବହିପତ୍ର ପଠେଇଛୁ । କ'ଣ ନ କରିଛୁ ? ଓଡ଼ିଶା ବାହାରେ ଓଡ଼ିଆ ଚେୟାର ଖୋଲିଛୁ ।

ଆଙ୍କର : ପିଲା ନଥାନ୍ତୁ ପଛେ, ଓଡ଼ିଆ ଚେୟାରର ନାଁ ତ ଲୋକେ ଶୁଣୁଛନ୍ତି । କେହି ଯଦି ଆମକୁ ପଚାରେ, ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଓଡ଼ିଆ ଭାଷାର ଅବଦାନ କ'ଣ ? ଆମେ ଉତ୍ତର ଦବୁ, ଓଡ଼ିଶା ବାହାରେ ଆମ ଚେୟାରକୁ ଦେଖ । ଚେୟାର ପ୍ରଫେସର କଥା କହୁଛି । ଚେୟାର ଥିଲେ କେହି ନା କେହି କେବେ ନା କେବେ ଖୋଜିବେ । ନାଁ, କଣ କହୁଛନ୍ତି ?

ବାଇଡ଼ଙ୍କ : ଏ କଥା ବି କୁହ, କାଗଜପତ୍ରରେ ଓଡ଼ିଆ ଭାଷାର ସ୍ଥାନ ବହୁତ ଉଚ୍ଚରେ ଅଛି, ଯୋଉ ଜାଗାକୁ କାହାରି ହାତ ପାଉନାହିଁ ।(ଥଟ୍ଟାକରି)

ସତ୍ୟାନାଶ ; ଯେକୌଣସି ଉନ୍ନତିମୂଳକ କାମ ଆରମ୍ଭ କଲେ, ସେଥିରେ କେଁ ପୂରାଇବା ହଉଛି ତମରି କାମ । ମାନେ ତମ ଦଳର ।

ଆଙ୍କର : ବର୍ତ୍ତମାନ ଆସନ୍ତୁ ରାଜଧାନୀର ବିକାଶ ପାଇଁ ଆପଣମାନଙ୍କର କାର୍ଯ୍ୟକ୍ରମ କ'ଣ ରହିଛି ? ପ୍ରସଙ୍ଗ ଉପରକୁ... । ସତ୍ୟାନାଶବାବୁ କୁହନ୍ତୁ...

ସତ୍ୟାନାଶ : ଆମେ ତ ହାତରେ ବହୁତ କାମ ରଖିଛୁ । ଆଉ ତାଙ୍କ ଦଳର କାମ ହଉଛି, ବିରୋଧ, ଧର୍ମଘଟ, ଗଣ୍ଡଗୋଳ ଏବଂ କକ୍ଷତ୍ୟାଗ ।

ବାଇଡ଼ଙ୍କ : ନିଜକୁ ହଣ୍ଡ୍ରେଡ୍ ପରସେଣ୍ଟ ସତୀ ବୋଲି ଭାବନା । ଲୋକେ ଠିକ୍ ଜାଣିଛନ୍ତି । ତମ ନେତା ଆଉ ତାଙ୍କ ବିକାଶକୁ ଜନତା ଉଚିତ ଭାବେ ପରଖିସାରିଛନ୍ତି ।

ସତ୍ୟାନାଶ : ସେଇଥିପାଇଁ ତ ଆମେ ଲଗାତାର ଏତେ ଥର ଗାଦିକୁ ଆସିପାରିଲୁ ।

ଆଙ୍କର : ଦୟାକରି ଆପଣମାନେ ପ୍ରସଙ୍ଗ ଉପରକୁ ଆସନ୍ତୁ । ଦେଶର ଜନତା ଏତେଟା ମୂର୍ଖ ନୁହନ୍ତି ଯେ ଆପଣମାନେ ଯାହା କହିଦେଲେ ସେମାନେ

Digitized by PPRACHIN, SOA

ଗ୍ରହଣ କରିନେବେ । ଆଜି ରା ଜଧାନୀର ଜନ୍ମଦିବସ । କ'ଣ କରିପାରିବେ ଆପଣମାନେ ରାଜଧାନୀ ପାଇଁ ରାଜ୍ୟ ପାଇଁ ? ବାଇଡ଼ଙ୍କବାବୁ କୁହନ୍ତୁ । ମନେ ରଖନ୍ତୁ । ଲାଇଭ ଟେଲିକାଷ୍ଟ ଚାଲିଛି । କୁହନ୍ତୁ...

ସତ୍ୟାନାଶ : ତାଙ୍କ ପାଖରେ କଚୁଟା ଅଛି ସେମାନେ କହିବେ !

ବାଇଡ଼ଙ୍କ : ତମେ କଦଳୀଟା ଜାଣିଛ ଯେ ବକିବ ?

ଆଙ୍କର : ବାସ୍... ବହୁତ ହେଇଗଲା ଆପଣମାନଙ୍କ ବକ୍‌ବାକ୍ । ମୁଁ ବାରମ୍ୱାର କହୁଛି, ଏଇଟା ଲାଇଭ ଟେଲିକାଷ୍ଟ । ଯାହା କହୁଛନ୍ତି, ଟିକିଏ ଭାବିଚିନ୍ତି କୁହନ୍ତୁ । ଆପଣମାନେ କ'ଣ ଭାବିଛନ୍ତି ନିଜକୁ ? ଏ ଦେଶର ଜନତା କ'ଣ ଭକୁଆ ? ଯାହା ବକି ଦେଲେ, ସେମାନେ ଗ୍ରହଣ କରିନେବେ ? ପୁଣି ଇଲେକ୍‌ସନ ଆସିବ... ସେତେବେଳେ ଜନତା ଠିକ୍ ଉତ୍ତର ଦେବେ ।

[ସତ୍ୟାନାଶ ଏବଂ ବାଇଡ଼ଙ୍କ ପରସ୍ପର ଆଡ଼କୁ ମୁହଁ ଫଣଫଣ କରି ଛେପ ଢୋକିଛନ୍ତି । ଅନ୍ତରାଳରୁ ଗଙ୍ଗାଧରଙ୍କ ପଦଟିଏ ଭାସିଆସିଛି ।]

ଗୀତ

"ନଖ ବଢ଼ିଥିଲେ କର କରତନ
ରଂଜିଦିଅ ତହିଁ ଅଳତା ରଙ୍ଗ
ନାକ ବଢ଼ିଥିଲେ ତା' କଲେ ଛେଦନ
ହେବ ନାହିଁ କି ମୋ ସୌଷ୍ଠବ ଭଙ୍ଗ ?
ଆବର୍ଜନାହୀନ କର ମୋ ସଦନ
କର ଆବଶ୍ୟକ ଜୀର୍ଣ୍ଣ ସଂସ୍କାର
ମାନଧର୍ମ ରଖି କର ବିଚରଣ
ନ କର ମୋ ପୁରେ ଯଥେଚ୍ଛାଚାର ।"

ଆଙ୍କର : କିଛି ବୁଝିପାରିଲେ ? (ଉଭୟଙ୍କୁ)

Digitized by PPRACHIN, SOA

ସତ୍ୟାନାଶ : ଆମେ ବୁଝିଛୁ । ଯାହା ବୁଝେଇବା କଥା, ତାକୁ ବୁଝାନ୍ତୁ ।

ବାଇଡ଼ଙ୍କ : ବେଶି ସ୍ମାର୍ଟ ହବାକୁ ଚେଷ୍ଟା କରନା ।

ସତ୍ୟାନାଶ : କ'ଣଟା କରିପାରିବ ?

ଆଙ୍କର : ବାସ୍... ସେତିକି ଥାଉ ଆପଣମାନଙ୍କର ନାଟକ ।

[ଜନତାଙ୍କ ଉଦ୍ଦେଶ୍ୟରେ ଆଙ୍କର କହି ଚାଲିଥିଲେ । କ୍ୟାମେରା ଫୋକସ୍‌ରେ କେବଳ ଆଙ୍କର ।]

ଏହିମାନେ ହଉଛନ୍ତି ଦେଶର ନେତା... ଭାଗ୍ୟବିଧାତା ! ଏମାନେ ଗଢ଼ିବେ ଦେଶର ଭବିଷ୍ୟତ ! ଭୋଟ ଦେଇ ଏମାନଙ୍କୁ ଆପଣମାନେ ପଠାନ୍ତି ଆସେମ୍ବ୍ଲି ଆଉ ପାର୍ଲାମେଣ୍ଟକୁ । ଏମାନେ ରାତାରାତି ଆଦାନି/ଅମ୍ବାନିମାନଙ୍କ ହାତରେ ବିକ୍ରି ହୋଇଯାଆନ୍ତି । ସେହିମାନଙ୍କ ଚେସ୍‌ର ଗୋଟି ସାଜି ଜନତାର ସ୍ୱାର୍ଥକୁ ଭୁଲିଯାଆନ୍ତି । ପୁଞ୍ଜିପତିର ପଶାପାଲିରେ ଗଣତନ୍ତ୍ର ନିଲାମ ହୁଏ । ବଳିପଡ଼େ ଜନତା । ନ ଜାଣି ସେଦିନ କୁଳବୃଦ୍ଧ ମଧୁସୂଦନ ଲେଖିଥିଲେ –

"ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବ କି ପାଇବ ପ୍ରାଣ ।"

[ଆଲୋକ କେନ୍ଦ୍ରୀଭୂତ ହୋଇଛି ଆଙ୍କର ମୁଖମଣ୍ଡଳ ଉପରେ । ଧୀରେ ଧୀରେ ଆଲୋକର ମାତ୍ରା ଧିମେଇ ଆସିଛି ।]

◆

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

[ସମୟ ଭୋର... ରାଜମହଲରେ ସେହି ଛକ ଜାଗା । ପ୍ରତିମୂର୍ତ୍ତି ଥିବା ସ୍ଥାନରେ ରହିଥିଲା ଗୋଟାଏ ପିତୁଲ୍ରମ୍, କେତେଟା ଟୋକେଇ, କୋଦାଳ । ଅଯତ୍ନ ଅବସ୍ଥାରେ ପଡ଼ି ରହିଥିଲା ସ୍ଥାନଟି । ଏଣେତେଣେ ଗଛଡାଳ ମାଟି ପଥର ପଡ଼ିଥିଲା । ଫକୀର ଆସିଛି । ଜାଗାଟିକୁ ଭଲଭାବେ ଦେଖୁଛି... ଚାରିଆଡ଼କୁ ଚାହିଁଛି... ରାସ୍ତା ଓଳେଇ ଓଳେଇ ଆସିଛି ଅନାମ – ଭେଟିଛି ଫକୀରଙ୍କୁ...]

ଅନାମ : କ'ଣ ଖୋଜୁଛ ମଉସା ?

ଫକୀର : ଏ ଜାଗାରେ ଗୋଟାଏ ପ୍ରତିମୂର୍ତ୍ତି ଥିଲା !

ଅନାମ : ହଁ, ଥିଲା । ଏବେ ନାହିଁ । ରାସ୍ତା ଚଉଡ଼ା ହଉଛି । ଏଠି ଓଭରବ୍ରିଜ୍ ହବ । ଆଉ ଭିଡ଼ ହବନି ।

ଫକୀର : ସେଇଥିଲାଗି ମଧୁବାବୁଙ୍କ ମୂର୍ତ୍ତିଟାକୁ ଭାଙ୍ଗି ପକେଇଲେ ?

ଅନାମ : କେତେ ଗଛ, କେତେ ମନ୍ଦିର, କେତେ ମୂର୍ତ୍ତି ଭଙ୍ଗା ହେଲାଣି । ଯା କହ ମଉସା, ଜମାଣିଆ ରାସ୍ତାଟାଏ ହବ ।

ଫକୀର : ବାଲୁଙ୍ଗା ପିଲାଙ୍କୁ କ୍ରିକେଟ ଖେଳିବାପାଇଁ ସୁବିଧା ହବ ।

ଅନାମ : ଆରେ ସତେ ତ, ଏ କଥା ତ ମୁଁ ଭାବି ନଥିଲି ! ହେ ! କଳିଙ୍ଗ ଷ୍ଟାଡ଼ିଅମ୍‌କୁ ଆଉ କିଏ ପଚାରେ ?

ଫକୀର : ଆଚ୍ଛା ଅନାମବାବୁ, ଗୋଟେ କଥା ପଚାରିବି କହିପାରିବ ?
[ଦି ଗାଲରେ ଚାପଡ଼ା ମାରି ହେଇଛି ଅନାମ]

ଫକୀର : ଇଏ କ'ଣ କରୁଛ ?

ଅନାମ : ମୁଁ ଭୁଲ୍ ଶୁଣିନି ତ ? ମୋର ତ କାନ ଦୋଷ ନାହିଁ ?

Digitized by PPRACHIN, SOA

ଫକୀର : ମାନେ ?

ଅନାମ : ଆମେ ହେଲୁ ସଫେଇବାଲା । ଆଜିଯାଏ କେହି ଜଣେ ବି ଆମକୁ 'ବାବୁ' ବୋଲି ଡାକି ନାହାନ୍ତି । ତା'ପରେ ଏଗୁଡ଼ାକ ଆମକୁ ପସନ୍ଦ ହୁଏନି । ଝାଡୁଦାରମାନେ ବାବୁ ହେଲେ, ବାବୁମାନେ ଯିବେ କୁଆଡ଼େ ?

ଫକୀର : ଯିଏ ଯୋଉଠି ଯୋଉ କାମ କରିଲେ ବି ସିଏ ସେଠିକାର ବାବୁ । ଏଥର ବୁଝିହେଲା ?

ଅନାମ : ନାଃ ! କେମିତି ବେଖାପ ଲାଗୁଛି ! ଆଜି ପ୍ରଥମଥର ଏଇ କଥାଟା ଶୁଣି ମନଟା କେମିତି କେମିତି ହେଇଯାଉଛି । ମୁଁ ଶୁଣିଥିଲି, ଓଡ଼ିଶାରେ ଗୋଟାଏ ବାବୁ ଥେଲା, ସିଏ ହଉଛି 'ମଧୁବାବୁ' ।

ଫକୀର : ଠିକ୍ ଶୁଣିଛ ।

ଅନାମ : ଆଜିକାଲି ଏ ରାଜଧାନୀରେ ଯାହାସବୁ ଚାଲିଛି, କିଛି ବୁଝିହଉନି । କୁଆଡ଼େ ରାଜଧାନୀର ନବକଳେବର ହବ... ସ୍ମାର୍ଟ ସିଟି... ! !

ଫକୀର : ସିଏ ବି ଦିନେ ନୂଆ ଓଡ଼ିଶାର ସ୍ୱପ୍ନ ଦେଖିଥିଲା । ତାରି ପାଇଁ ଆମେ ଓଡ଼ିଶା ପାଇଲୁ । ସେଇଥିପାଇଁ ଲାଗିପଡ଼ି ତା' ମୂର୍ତ୍ତିଟା ଭାଙ୍ଗିଦେଲ ? ରାଜଧାନୀର ରାଜରାସ୍ତାରୁ ତାକୁ ହଟେଇ ରଖିଲ କୋଉଠି ?

ଅନାମ : କ'ଣ ଆଉ ଥିଲା ଯେ ରଖିଥାନ୍ତେ ? ବୁଲ୍‌ଡ୍ରୋଜର ସବୁ ଭାଙ୍ଗି ଚୁନା କରିଦେଲା ।

ଫକୀର : ହେଲେ ସିଏ କୁଆଡ଼େ ଗଲା ? ଯୋଉ ଲୋକଟା ଏଠି ଶୋଉଥିଲା !

ଅନାମ : ମୂର୍ତ୍ତି ଭଙ୍ଗା ହେଲା ପରଠୁଁ ମୁଁ ଆଉ ତାକୁ ଏଠି ଦେଖିନି, କି ଆଉ କୋଉଠି ଦେଖିନି । ବିଚରା ବୁଢ଼ାଟା...

ଫକୀର : ତାକୁ ଦେଖି ଅନ୍ତତଃ କିଛି ଲୋକ ସଜାଡ଼ି ହେଇଯାଉଥିଲେ !

ଅନାମ : ଏବେ ତ ପୂରାପୂରି ସଜାଡ଼ି ହୋଇଯାଇଛି । ଓଡ଼ିଶାରୁ ଓଡ଼ିଆ ଗଳିକନ୍ଦି ସବୁଆଡ଼େ ଛାଇ ହୋଇଗଲାଣି । ସବୁ ସାଇନ୍‌ବୋଡ଼ ଓଡ଼ିଆରେ ଲେଖା ହେଉଛି । ବିଧାନସଭାରେ ଭାରି ବୋବାଳ ହଉଛି ।

Digitized by PPRACHIN, SOA

ଫକୀର : ଭେକ ବଦଳିଲେ ମଣିଷ ବଦଳିଯାଏନା । ଆରେ ତମେମାନେ ସେଇ ଲୋକଟା କଥା ମନେ ପକାଅ । ଉତ୍କଳ ଟ୍ୟାନେରୀ କଥା ଭାବ । ଖରାପ ଜୋତା ସବୁ ସିଏ କାହିଁକି ପୋଡ଼ି ଦଉଥିଲା ? ଟଙ୍କା କ'ଣ ତାକୁ ଗନ୍ଧାଉଥିଲା ? ଅସଲ କଥା ହେଉଛି, ବାହାର ଭିତର ସବୁଠି ଥିଲା ତାର ଓଡ଼ିଆମିର ଗନ୍ଧ । ସଚ୍ଚା ମଣିଷଟାଏ ଥିଲା ।

ଅନାମ : କ'ଣ, କାହା କଥା କହୁଛ ? ତମ କଥାରୁ ମୁଁ କିଛି ଧରିପାରୁନି ।

ଫକୀର : ଯାହାର ମୂର୍ତ୍ତିଟା ଭାଙ୍ଗିଦେଲ, ତାହାରି କଥା କହୁଛି ।

ଅନାମ : ଓଃ, ମଧୁବାବୁ କଥା କହୁଛ ! 'କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି'...

ଫକୀର : କାଳିଆ ଘୋଡ଼ା ନାହିଁ କି ମଧୁବାରିଷ୍ଟର ସଙ୍ଗେ ସମାନ ହେଲା ଭଳି ଓଡ଼ିଆ ପୁଅଟିଏ ନାହିଁ । ଯାହା ସବୁ ଚାଲିଛି, ସବୁଗୁଡ଼ାଏ ନାଟକବାଜି... । ସଭିଏଁ କାନ୍ଦୁଛନ୍ତି, ହେଲେ କାହାରି ଆଖିରୁ ଲୁହ ବୋହୁନି ।

ଅନାମ : କ'ଣ ଯେ ସବୁ କହୁଛ । ମୁଁ କିଛି ବୁଝିପାରୁନି । ଆଚ୍ଛା ତେମେ ଦି'ଜଣ ତ ଅଧିକାଂଶ ସମୟ ସାଙ୍ଗ ହୋଇ ବୁଲୁଥିଲ । ସିଏ ତା'ହେଲେ ଗଲା କୁଆଡ଼େ ?

ଫକୀର : ତା' ଘର ଭାଙ୍ଗିଦେଲ । କେମିତି ଆଉ ରହିଥାନ୍ତା ? କୋଉଠି ରହିଥାନ୍ତା ?

ଅନାମ : ଏ ଶୀତ ଦିନଟାରେ ବିଚରା ଭାରି ହନ୍ତସନ୍ତ ହଉଥିବ ? କେତେ ଥର ତା' ଉପରେ ବିରକ୍ତ ହେଇ ଗାଳି ଦେଇଛି, ହେଲେ ସେ କିଛି କହିନି । ମଉସା, ସିଏ କ'ଣ ଆଉ ଆସିବନି ?

ଫକୀର : ନିଶ୍ଚୟ ଆସିବ ।

ଅନାମ : ତା' ହେଲେ ଆରବର୍ଷ ପୁଣି ଏପ୍ରିଲ୍ ୧ ମରେ ଆସିବ ! ଏଠି ତ ଆଉ ଜାଗା ନାହିଁ । ରାଜଧାନୀ ଉତ୍ସବଟା ଆଉ କୋଉଠି କରିବେ । ସେଠି ମତେ କିଏ ପଚାରେ !

Digitized by PPRACHIN, SOA

ଫକୀର : ରାଜଧାନୀ ଜନ୍ମଦିନରେ ସେ ଆସିପାରେ, ନ ଆସିପାରେ ! ତେବେ ଏପ୍ରିଲ ପହିଲା ଦିନ, ଯୋଉଠି ଥାଉ ପଛେ ନିଶ୍ଚୟ ଆସି ପହଞ୍ଚିବ ।

ଅନାମ : ଏପ୍ରିଲ ପହିଲା ! (ବିସ୍ମୟରେ)

ଫକୀର : ଏଇ ଦିନଟା ତାର ଭାରି ପ୍ରିୟ । ସେଇ ଦିନଟା ପାଇଁ ତା' ଜୀବନ ଯୌବନ ସବୁକିଛି ସେ ଢାଳି ଦେଇଥିଲା ।

ଅନାମ : ସେ ଦିନଟା ସରକାରୀ ଛୁଟି । ହେଲେ ଆମର ଛୁଟି ନଥାଏ ।

ଫକୀର : ଛୁଟି ପଛରେ ଧାଉଁଥିବା ମଣିଷଗୁଡ଼ାକ କେମିତି ବା ବୁଝିବେ ଏପ୍ରିଲ ପହିଲାର ମହିମା ।

ଅନାମ : ତମେ କ'ଣ ଯେ କହୁଛ, ମୋ ମୁଣ୍ଡକୁ କିଛି ଧରୁନି । ମତେ ଖାଲି ଏତିକି କୁହ । ସିଏ ଆସିବ ନା' ନାହିଁ ?

ଫକୀର : ନିଶ୍ଚୟ ଆସିବ । ହଁ, ବାବୁ... ରାଜଧାନୀ ସାରା ତ ବୁଲୁଛ । ଯଦି କୋଉଠି ସେ ଭେଟ ପଡ଼ିଯାଏ, କହିବ ମୁଁ ଖୋଜୁଥେଲି ।

ଅନାମ : ତମର କ'ଣ କିଛି ନାଁ ନାହିଁ ?

ଫକୀର : ହଁ, କହିବ ଫକୀର ଖୋଜୁଥିଲା ।

[ଫକୀର ଧୀରେ ଧୀରେ ବାହାରି ଯାଉଥିଲେ । ପ୍ରତିମୂର୍ତ୍ତି ଥିବା ସ୍ଥାନରେ ମୂର୍ତ୍ତିଭଳି ଦଣ୍ଡାୟମାନ ହେବାକୁ ଚେଷ୍ଟା କରୁଥିଲା ଅନାମ ।]

ଅନାମ : ନା'... ହଉନି... ଜମା ତ ହଉନି... । (ଗାଲରେ ଚପଡ଼ା ମାରିହୋଇ) କାହିଁକି ବାତୁଳ ହଉଛୁରେ ଅନାମ କାହିଁ ମଧୁବାରିଷ୍ଟର, ଆଉ କାହିଁ ଅନାମ ଝାଡୁଦାର... ! !

[ଝାଡୁଦାର ଉପରୁ ଆଲୋକ କଟିଯାଇ କେନ୍ଦ୍ରୀଭୂତି ହେଲା ମଧୁର ମୁହଁରେ]

ମଧୁ : ଝାଡୁଦାର ବି ମଣିଷ... ! ସିଏ ହିଁ ପ୍ରକୃତ ଗୌରବର ହକ୍‌ଦାର... । ଖାଲି ପଥଗୌରବର ଅଧିକାରୀ ନୁହେଁ, ଗତ ଗୌରବ, ମୃତ ଗୌରବ, ହୃତ ଗୌରବର ସେ ହିଁ ପ୍ରକୃତ ଅଧିକାରୀ... । ମୁଁ ସେଇମାନଙ୍କ

Digitized by PPRACHIN, SOA

ପାଖରେ ଥାଏ, ଯେଉଁମାନେ କର୍ମରେ ବିଶ୍ୱାସ ରଖନ୍ତି, ନାମରେ ନୁହେଁ... ! ରାଜଧାନୀର ବାର୍ଷିକ ଉତ୍ସବଟା ପାଳନ କରିଦେଲେ ତାର ଚିତ୍ର ବଦଳିଯାଇପାରେ, ହେଲେ ଚରିତ୍ର ବଦଳିବନି । ସେଥିପାଇଁ ଦରକାର ମା'ର ମମତା ଆଉ ହୃଦୟର କର୍ମନିଷ୍ଠା...

[ମଧୁଙ୍କ ମୁହଁରୁ ଧୀରେ ଧୀରେ ଆଲୋକ ରଶ୍ମି ଝାଉଁଳି ଆସୁଥିଲା । ଦୂରରୁ ଭାସି ଆସୁଥିଲା...]

"ଭୂମି କମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ର ଭୁଜା
ସେହି ତୋର ମାତା, ସେହି ତୋର ତ୍ରାତା
କର ସେହି ପାଦ ପୂଜା ।"

◆

Digitized by PPRACHIN, SOA

ଶେଷ ନୁହେଁ

ମଞ୍ଚର ସମ୍ମୁଖ ଭାଗରେ ସେଇ ଟ୍ରାଉଜର୍ ପଞ୍ଜାବୀ ପିନ୍ଧିଥିବା ସାଧାରଣ ମଣିଷ ସୂତ୍ରଧାର / ଆଙ୍କର । ଆଲୋକ ତାଙ୍କ ଉପରେ କେନ୍ଦ୍ରୀଭୂତ ହୋଇଛି ? ହାତରେ ତାଙ୍କର ଥିଲା ଏକ ପ୍ରଶ୍ନବାଚକ ଚିହ୍ନ (?) ଏକ କରୁଣ ରାଗିଣୀ ଭିତର ଏଇ ପ୍ରଶ୍ନ ଚିହ୍ନଟି ଯେମିତି ଅନେକ କିଛି ପଚାରି ଚାଲିଥିଲା । ଆଲୋକ ରଶ୍ମି ଧୀରେ ଧୀରେ ନିଷ୍ପ୍ରଭ ହୋଇଛି ।

●

Digitized by PPRACHIN, SOA

ସ୍ୱର୍ଗରେ ଲକ୍‌ଡାଉନ୍

ଚରିତ୍ର :	ଯମରାଜ	ଇନ୍ଦ୍ର	ମେନକା
	ଚିତ୍ରଗୁପ୍ତ	ପ୍ରହରୀ	ନର୍ତ୍ତକ
	ଯମଦୂତ	ଈଶ୍ୱର	ନର୍ତ୍ତକୀ
	ବୈଦ୍ୟରାଜ	କପିଳ (KK)	
		ଚଞ୍ଚଳା	

ପ୍ରସ୍ତାବନା : ମଞ୍ଚର ସମ୍ମୁଖ ଭାଗରେ ଥିଲା ଏକ ପ୍ଲାକକାର୍ଡ । ସେଥିରେ ଲେଖାଥିଲା 'ପଞ୍ଚାୟତ ସେଣ୍ଟର' । ତା'ଆଗରେ ଥିଲା ଏକ କାଠର ବ୍ଲକ୍ । ତା' ଉପରେ ଶୋଇଥିଲା କପିଳ କୁମାର ଓରଫ KK... (ଧୀରେ ଧୀରେ ମଞ୍ଚ ଅନ୍ଧକାର ହୋଇଛି)

ପ୍ରଥମ ଦୃଶ୍ୟ

[ଚଞ୍ଚଳା ଘର । ମଞ୍ଚର ପଶ୍ଚାତଦେଶରେ ରହିଥିଲା କେତୋଟି ପ୍ଲାକକାର୍ଡ । ପରସ୍ପର ବିପରୀତ ଦିଗରୁ ନାଚି ନାଚି ପ୍ରବେଶ କଲେ ନର୍ତ୍ତକ ଓ ନର୍ତ୍ତକୀ ।]

ନର୍ତ୍ତକ : କଳାମେଘ ବରଷିଲା, ଶବରୀଲୋ
କଳାମେଘ ବରଷିଲା
ପାକୁଆ ପାଟିକି ମୁରୁକି ହସ, ଶବରୀଲୋ
ଦେଖି ମୋ ମନରସିଲା ।

ନର୍ତ୍ତକୀ : ବାଉଁଶ ଗଛର ଛାଇ, ଶବରରେ
ବାଉଁଶ ଗଛର ଛାଇ
ଟାକୁଆରେ ଯଦି ଥାଆନ୍ତାରସ

Digitized by PPRACHIN, SOA

ଶବରରେ ଜିଭକି ଚଳନ୍ତାନାହିଁ

(ବୈଷ୍ଣବ ପାଣିଙ୍କ 'କାଞ୍ଚନ କୁମାରୀ' ଗୀତାଭିନୟରୁ ଆସିଛି)

ନର୍ତ୍ତକ : ହଉ ଆମ କଥା ଏତିକିରେ ରହୁ

ନର୍ତ୍ତକୀ : ତା'ହେଲେ ଏଥର ନାଟକ ଆରମ୍ଭ ହେଉ ।

(ଉଭୟ ନାଚିନାଚି ମଞ୍ଚର ପଶ୍ଚାତଦେଶକୁ ଯାଇଛନ୍ତି । ଗୋଟିଏ ପ୍ଳାକକାର୍ଡ ଧରିଆସିଛନ୍ତି ଏବଂ ରଖିଛନ୍ତି । ସେଥିରେ ଲେଖାଅଛି 'କପିଳ ଘର' ଉଭୟ ପୁଣି ନାଚି ନାଚି ବାହାରି ଯାଇଛନ୍ତି । ପରେ ପରେ ଶୁଭିଛି କୁକୁରର ଭୁକିବା ଶବ୍ଦ ।)

ଅନ୍ତରାଳରୁ (ଯମଦୂତ) : ହୁସ୍ ହୁସ୍... ଯାଃ... ଯାଃ... କି ଝାମେଲାରେ ପଡ଼ିଲା ମଣିଷ ! ବିଚିତ୍ର ଜାଗା ! ଏ ଗାଁରେ ସବୁ ଘରର କବାଟ ଝରକା ବନ୍ଦ...

(କୁକୁର ଭୁକିଛି)

କହିଦେ ବାବା, ଇଏ କପିଳ ମହାପାତ୍ର ଘର କୋଉଟା ?

(ପୁଣି କୁକୁର ଭୁକିଛି) । ଆଚ୍ଛା, ଏଇ ଘରଟା ... !

(ମଞ୍ଚକୁ ପ୍ରବେଶ କରିଛି ଯମଦୂତ । ହାତରେ ଦଉଡ଼ି)

ଯମଦୂତ : ବଗଡ଼ା ଗ୍ରାମପଞ୍ଚାୟତ ଅରଡ଼ାସାହି ଗ୍ରାମ । ବିଚିତ୍ର ଆହୁରି ବିଚିତ୍ର ଏ ଗାଁ.. ! ଏଇଟା କପିଳ ମହାପାତ୍ର ଘର ? କିଏ ଅଛ ? କାହିଁ ବୋବାଳି କିଛି ନାହିଁ... ! ମୁଁ ଭୁଲ ଜାଗାକୁ ଆସିନି ତ ? ଏଠି ତ ବାହାରେ ଲେଖାଅଛି 'କପିଳ ଘର'... କିଏ ଅଛ ଘରେ ? ମୋ କଥା ଶୁଭୁଛି ?

(Knocking Sound)

(ଘର ଭିତରୁ / ପ୍ଲାକକାର୍ଡ ପଛରୁ ଆସିଛି ଚଞ୍ଚଳା)

ଚଞ୍ଚଳା : ଦୂରକୁ ... ଆହୁରି ଦୂରକୁ ... । ଏକ ମିଟର ଦୂରକୁ ... ଯାଅ ... ଆରେ କହୁଛି ଦୂରରେ ଠିଆହୁଅ ।

ଯମଦୂତ : କ'ଣ ହେଇଛି ?

ଚଞ୍ଚଳା : ହଇହୋ ତମ ମୁହଁରେ ତୁଣ୍ଡି କାହିଁ ? ଆରେ 'ମାସ୍କ'

Digitized by PPRACHIN, SOA

(କିଛି ବୁଝିନପାରି ଯମଦୂତ ଏଣେତେଣେ ଚାହିଁଛି)
ହାତରେ ଏ ଦଉଡ଼ିଟା ଧରି କାହିଁକି ଆସିଛ ?

ଯମଦୂତ : କି ଝାମେଲାରେ ପଡ଼ିଲା... ! ଧର୍ମରାଜ ନିଜେ ନ ଆସି ମତେ କାହିଁକି ପଠାଉଥିଲେ ... !

ଚଞ୍ଚଳା : ହାତ ସାବୁନ୍‌ରେ ସଫା କରିଛ ? ... ମୁଁ ତମକୁ କହୁଛି ... !

ଯମଦୂତ : ତମେ କ'ଣ ଯେ କହୁଛ, ମୁଁ କିଛି ବୁଝିପାରୁନି ।

ଚଞ୍ଚଳା : ଆହା ଯେମିତି ସ୍ୱର୍ଗରୁ ଆସିଲ ... !

ଯମଦୂତ : ମୁଁ ସ୍ୱର୍ଗରୁ ଆସିଛି ବୋଲି ଇଏ କେମିତି ଜାଣିଲା (ମନକୁ ମନ) ଏ ସ୍ତ୍ରୀଲୋକଟା ନିଶ୍ଚୟ ବହୁତ କିଛି ଜାଣେ !

ଚଞ୍ଚଳା : ହଇହୋ, କ'ଣ ମନକୁ ମନ କହିଚାଲିଛ ? ଦୂରେଇ ଠିଆ ହୁଅ । ପାଖକୁ ଆସନି । ଇଏ ଚଞ୍ଚଳା କାହାରି ନୁହଁ ...

ଯମଦୂତ : ଏଇଟା କପିଳ ମହାପାତ୍ର ଘର ତ ?

ଚଞ୍ଚଳା : କାହିଁକି, କ'ଣ ସନ୍ଦେହ ହଉଛି ?

ଯମଦୂତ : କିନ୍ତୁ, ... ଏଠି ତ ସେମିତି କିଛି ଲକ୍ଷଣ ଦେଖୁନି... ! ଲୋକଟା ମରିଥିଲେ, ତା ସ୍ତ୍ରୀ ତ ବସି କାନ୍ଦୁଥାନ୍ତା ! ଆଚ୍ଛା କହିଲ, ତା ଖବର କ'ଣ ? ମାନେ ତମର ସିଏ...

ଚଞ୍ଚଳା : ଯାଇଥିଲେ ସୁରତ ଦାଦନ ଖଟିବାକୁ, ସାଙ୍ଗରେ ନେଇକରି ଆସିଛି ...

ଯମଦୂତ : ଘରେ ଗୋଟାଏ ସ୍ତ୍ରୀ ଥାଉଁଥାଉଁ ଆଉ ଗୋଟାଏ ବାହା ହେଇ ପଡ଼ିଲା ! କପିଳାଟା ଆଦୌ ଭଲମଣିଷ ନୁହଁ ।

ଚଞ୍ଚଳା : ସେମିତି କହିବନି । ପଇସା ଦଉ ନ ଦଉ । ହାତୀ ଯୋଉଠି ଥାଉ ନା କାହିଁକି, ରଜାର ନା'... !

ଯମଦୂତ : ବଡ଼ ବିଚିତ୍ର ମଣିଷ ! କାହାକୁ ସାଙ୍ଗରେ ଧରି ଆସିଛି ?

ଚଞ୍ଚଳା : 'କରୋନା'...।

ଯମଦୂତ : ଆଉ ଗୋଟାଏ ସ୍ତ୍ରୀ ଓ ତାର ନାଁ 'କରୋନା' ?

Digitized by PPRACHIN, SOA

ଚଞ୍ଚଳା : ଧେତ୍‌ତେରି, ସେଇଟା ଗୋଟାଏ ରୋଗ । ତାକୁ କରୋନା ହେଇଥିବାରୁ ସେ ସୁରତ ଛାଡ଼ି ପଳେଇ ଆସିଲା । ଯାହାକୁ ରଖିଥେଲା ଟଙ୍କା ପଇସା ସିଏ ନେଇ ଫେରାର୍‌... ! ଭଲକରି ୟା'କୁ ପାନେ ଦେଇଛି !

ଯମଦୂତ : ଏକଥା ତମେ ଏତେ ଖୁସିରେ କହିପାରୁଛ ?

ଚଞ୍ଚଳା : କେମିତି ରୋଗିଣା ମଣିଷଟାକୁ ଘରେ ପୂରେଇଥାନ୍ତି ! କବାଟ ଫିଟେଇଲିନି । ସିଧାସଳଖ ବିଦା କରିଦେଲି ପଞ୍ଚାୟତ ଅଫିସ୍‌କୁ... ସେଇଠି ସବୁ କରୋନାରୋଗୀ ରହୁଛନ୍ତି ...।

ଯମଦୂତ : ଏ ରୋଗଟା ତା'ହେଲେ ଏତେ ମାରାତ୍ମକ ! ଗାଁରେ ସମସ୍ତଙ୍କ କବାଟ ଝରକା ସେଇଥିଲାଗି ତା'ହେଲେ ବନ୍ଦ ।

ଚଞ୍ଚଳା : ବହୁତ ଲୋକ ମଲେଣି । ସରକାର ଗାଁ ସହର ସବୁ ଜାଗା ସଟ୍‌ଡାଉନ୍ କରିଛନ୍ତି ।

ଯମଦୂତ : ସେଇଟା ପୁଣି କ'ଣ ?

ଚଞ୍ଚଳା : ଲକ୍‌ଡାଉନ୍‌ରେ ଯାହା ଟିକେ ଟିକେ ବାହାରୁଥିଲୁ, ଏ ସଟ୍‌ଡାଉନ୍‌ରେ ପୂରାପୂରି ଘରେ ବନ୍ଦୀ ।

ଯମଦୂତ : ସେଇଥିଲାଗି ସମସ୍ତେ ଘର ଭିତରେ ... !

ଚଞ୍ଚଳା : ହୋ ବାବୁ... ତମେ କ'ଣ ସତସତିକା ସ୍ୱର୍ଗରୁ ଆସିଛ ? ଜାଣିନ କେମିତି କହୁଛ ?

ଯମଦୂତ : ହଁ, ମୁଁ ସ୍ୱର୍ଗରୁ ଆସିଛି । ଆସିଛି ଏଇ ଦଉଡ଼ିରେ କପିଳ ମହାପାତ୍ରକୁ ବାନ୍ଧିକରି ନବାପାଇଁ । ଏଇ କିଛି ସମୟ ପୂର୍ବରୁ ସିଏ ମରିଯାଇଛି ।

ଚଞ୍ଚଳା : ହୋ ବାବୁ, ଆମରଟା ମୋଟେ ମରିବନି । ଆରଟା ପିଆପିଇ କରେ । ସେଇଟା ମରିଯାଇଥିବ ! ତାକୁ ସମସ୍ତେ KK ଡାକନ୍ତି । ସିନେମାରେ ହିରୋ ହଉଛିତ... ! ଏକା ନାଁରେ ଦି'ଟା ମଣିଷ । ଦି'ଟାଯାକ ସେଇ ପଞ୍ଚାୟତ ଘରେ ଅଛନ୍ତି । ଦି'ଟାଙ୍କୁ କରୋନା । ହଁ, ଶୁଣ... ସିଏ KKକୁ ମୋଟେ ଛାଡ଼ିବନି । ତା'ର ଚରିତ୍ରଗତ ଦୋଷ ଅଛି ...

Digitized by PPRACHIN, SOA

ଯମଦୂତ : ବିଷମ ସଂକଟ । ଗୋଟାଏ ନାଁରେ ଦି'ଟା ଲୋକ । ଜାଣିବି କେମିତି ?

ଚଞ୍ଚଳା : ଗୋଟାଏ କପିଳ ମହାପାତ୍ର, ଆଉ ଗୋଟାଏ କପିଳ କୁମାର ମହାପାତ୍ର ମାନେ KK ... ଦି'ଟାଯାକ ଏଇନେ ୧୪ ଦିନ ପାଇଁ ସଂଗରୋଧରେ ... ମାଗଣା ଖାଇବା ପିଇବା ମିଳୁଛି ... ଡାକ୍ତର ନର୍ସ ଅଛନ୍ତି ... କିଛି ଅସୁବିଧା ନାହିଁ ... ରଜାଭଳିଆ ସେଠି ଅଛନ୍ତି ... ପଞ୍ଚାୟତ ଘରେ ଏବେ ସେଣ୍ଟର ହୋଇଛି ।

ଯମଦୂତ : ମତେ ତା'ହେଲେ ଶୀଘ୍ର ପଞ୍ଚାୟତ ଘରେ ପହଞ୍ଚିବାକୁ ପଡ଼ିବ । ଏତିକି ସାହାଯ୍ୟ କରିଥିବାରୁ ବହୁତ ଧନ୍ୟବାଦ । (ଯିବାକୁ ଉଦ୍ୟତ)

ଚଞ୍ଚଳା : ହେଇଟି ଶୁଣିଥାଅ । ଯାହାକରୁଛ କର, ଆମଲୋକ ଧିଅରେ ହାତ ଯେମିତି ନ ଦିଅ ... !

ଯମଦୂତ : ମୁଁ ମଲାଲୋକକୁ ନେବି । ଜୀଅନ୍ତାକୁ କାହିଁକି ନେବି ?

ଚଞ୍ଚଳା : ହଁ, ଯାଅ ... ଯାଅ ... । ସେ KKଟାକୁ ପାନେ ମଜା ଚଖେଇଦିଅ । ଗରମ ତେଲ କଡେଇରେ ପକେଇ କଷିକରି ଘାଣ୍ଟିଦବ, ପୁଅ ବୋପାକୁ ମଉସା ଡାକୁଥିବ !

ଯମଦୂତ : ଧନ୍ୟବାଦ ... ମୁଁ ବାହାରିଲି ପଞ୍ଚାୟତ ଅଫିସ୍ ...

(ମଞ୍ଚ ଅନ୍ଧକାର ହେଲା ।)

♦

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ପଞ୍ଚାୟତ ସେଣ୍ଟର । ମଞ୍ଚରେ ପରସ୍ପର ବିପରୀତ ଦିଗରୁ ନାଚି ନାଚି ପ୍ରବେଶ କଲେ ନର୍ତ୍ତକ ଓ ନର୍ତ୍ତକୀ ।]

ନର୍ତ୍ତକ : ଗୁଆଗଛ ଧାଡ଼ି ଧାଡ଼ି କେତେ ନେଇଥିଲି ମଶାଲ ସିଡ଼ି

କେତେ ଘର ଦେଇଥିଲି ପୋଡ଼ିଲୋ

ଚନ୍ଦ୍ର ଉଦିଆ ଜାଳି

ତୋତେ ବିଭାପରା ହୋଇଥିଲି ଲୋ ...

ନର୍ତ୍ତକୀ : ଗଛରୁ ଉଠିଲା ସାପ ଦେଖିନାହୁଁ ଚନ୍ଦ୍ର ଉଦିଆ ରୂପ

ତୋତେ ନ ମିଳେ ନଡ଼ିଆ ସିପରେ

କେତେ କୁରୁଛୁ ଗେଲ

ତୋର ମୁଣ୍ଡକୁ ନ ମିଳେ ତେଲରେ ...

(ରାମଚନ୍ଦ୍ର ସ୍ୱାଇଁଙ୍କ କେଳା-କେଳୁଣୀ ପାର୍ଟିରୁ ଆସିଛି)

ନର୍ତ୍ତକ : ଆହେ କେଳୁଣୀ ମୋର

ହୁଅ ବାହାର

ନର୍ତ୍ତକୀ : ଡାକେ ପଞ୍ଚାୟତ ଘର

ନଟ ନାଗର

(ନାଚିନାଚି ଉଭୟ ମଞ୍ଚର ପଶ୍ଚାତଦେଶକୁ ଯାଇ ଏକ ପ୍ଲାକକାର୍ଡ଼ ଆଣିଛନ୍ତି ଯେଉଁଥିରେ ଲେଖାଅଛି 'ପଞ୍ଚାୟତ ସେଣ୍ଟର' । ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ଉଭୟ ପୁଣି ନାଚିନାଚି ବାହାରି ଯାଇଛନ୍ତି ।)

(ବାହାରୁ ଆସିଛି ଯମଦୂତ । ପଞ୍ଚାୟତ ସେଣ୍ଟରକୁ ଦେଖୁଛି । ସେଣ୍ଟର ଭିତରୁ ଭାସି ଆସୁଥିଲା ହିନ୍ଦୀ ଫିଲ୍ମ ଗୀତ ।)

Digitized by PPRACHIN, SOA

ଯମଦୂତ : ଏଇଟା ପଞ୍ଚାୟତ ସେଣ୍ଟର ନା ସିନେମା ଘର !

(ଭିତରକୁ ଉହୁଁକି ଚାହିଁଛି ଯମଦୂତ)

ବାପ୍‌ରେ ବାପ... ଦାମୀ ଗଦି ପଡ଼ିଛି । ଫ୍ୟାନ ଚାଲିଛି । ଟିଭି ଚାଲିଛି । ଏଇଟା ପଞ୍ଚାୟତ ନା ରାଜଉଆସ !

ସେଣ୍ଟର ଭିତରୁ ଶୁଭୁଥିଲା କୋଳାହଳ :-

"ମଟନ ଦିଅ ... ଚିକେ୍‌ନ ଦିଅ ... ମଦ ଦିଅ"

"ସରକାର ତମେ ଯଦି ନ ଦେବ, ନିଆଁ ଜଳିବ"

"ନିକମା ସରକାର, ହାଏ ... ହାଏ..."

ଯମଦୂତ : ସଂଗରୋଧରେ ରହି ବି ଏମାନେ ଏତେ ବିଶୃଙ୍ଖଳ ! ଟିକେ ଶୁଣିବ... ହଁ, ତୁମକୁ ଡାକୁଛି... ଆରେ ବାବୁ ଟିକେ ଶୁଣ...

ଈଶ୍ୱର : (ପ୍ଲାକକାର୍ଡ ପଛରୁ ଆସିଛି ଈଶ୍ୱର) ତମେ ତ ଆମ ଏଠିକା ଲୋକ ନୁହଁ ! କୋଉଠୁ ଆସିଛ ? କଣ ତୁମକୁ ବି କରୋନା... ?

ଯମଦୂତ : ନା'... ନା'... ମୁଁ ଏଠିକାର ନୁହଁ । ସ୍ୱର୍ଗରୁ ଆସିଛି – ଧର୍ମରାଜ ମତେ ଏଠାକୁ ପଠେଇଛନ୍ତି

ଈଶ୍ୱର : (କିଛି ସମୟ ଚାହିଁ) କ'ଣ ତମ ସ୍ୱର୍ଗରେ ବି କରୋନା ? କେତେ ଆକ୍ରାନ୍ତ ? କେତେ ମଲେଣି ? କେତେଟା କ୍ୱାରେଣ୍ଟାଇନ ସେଣ୍ଟର ଖୋଲିଛି ?

ଯମଦୂତ : ସ୍ୱର୍ଗରେ ସେସବୁ ନଥାଏ... ଦେବତାମାନେ ଅମର...। କରୋନା ହେଉ କି ଆଉ କିଛି ହଉ, ସେମାନଙ୍କର କିଛି ହବନି ।

ଈଶ୍ୱର : ଦେବତାଗୁଡ଼ାକ ଭାରି ସ୍ୱାର୍ଥପର... opportunist... ! ଅସୁରମାନଙ୍କୁ କମ୍ ଭୁଆଁବୁଲେଇ ନାହାନ୍ତି ! ଆଚ୍ଛା, ତମେ କ'ଣ ସତରେ ସ୍ୱର୍ଗରୁ ଆସିଛ ! ତମ ବେଶପୋଷାକ କହୁଛି, ତମେ ଗୋଟାଏ ଜଙ୍ଗଲି । ଜଙ୍ଗଲରେ ପଶୁମାନେ ତମକୁ ଖେଦି ଦେଇଛନ୍ତି ।

ଯମଦୂତ : ବିଶ୍ୱାସ କର, ମୁଁ ଯମଦୂତ । ନିଜେ ଯମରାଜ ମତେ ପଠେଇଛନ୍ତି ।

Digitized by PPRACHIN, SOA

ଈଶ୍ୱର : କାହିଁ, ବିଶ୍ୱାସ ହେଉନି । ହଇହୋ ଭକୁଆ ବନେଇବାକୁ ଆଉ କାହାରିକୁ ପାଇଲନି । କହିଲା କ'ଣ ନା ମୁଁ ଯମଦୂତ ...

ଯମଦୂତ : ତମକୁ କେମିତି ବୁଝେଇବି... । ଏଠି କପିଳ ମହାପାତ୍ର ମରିଯାଇଛି । ତାକୁ ମୁଁ ନବାକୁ ଆସିଛି । ଏଇ ଦଉଡିରେ ବାନ୍ଧି ସ୍ୱର୍ଗକୁ ନେବି ...

ଈଶ୍ୱର : My dear ଯମଦୂତ, ତମେ ବୋଧେ ଗଂଜେଇ ଅଫିମ ଖାଅ ! ନା' ବିଲାତି ପକେଇଛ.. ?

ଯମଦୂତ : ତମେ କିଏ ? କ'ଣ ଏମିତି କଥାବାର୍ତ୍ତା କରୁଛ ?

ଈଶ୍ୱର : ମୁଁ ହଉଛି, ଏ ପଞ୍ଚାୟତର ସରପଞ୍ଚ । ଈଶ୍ୱର ... ଈଶ୍ୱର ନାୟକ ।

ଯମଦୂତ : ଏଠି ବି ଈଶ୍ୱର ! ତମେ ଏଠି କ'ଣ କରୁଛ ?

ଈଶ୍ୱର : ଏ କ୍ୱାରେଣ୍ଟାଇନ ସେଣ୍ଟର ଦାୟିତ୍ୱ ମୋର । କଲେକ୍ଟର ପାୱାର । ଆରେଷ୍ଟ କରିପାରେ । ଦଣ୍ଡ ବି ଦେଇପାରେ । ମୋ ବିନା ଅନୁମତିରେ ଏଠୁ ଇଞ୍ଚେ ବି ହଲିବନି ।

ଯମଦୂତ : ଈଶ୍ୱର ଆଜ୍ଞା, ତା'ହେଲେ ମୁଁ ଠିକ୍ ଜାଗାରେ ପହଞ୍ଚିଯାଇଛି । କପିଳକୁ ଚିହ୍ନିବାରେ ଆଉ ଅସୁବିଧା ନାହିଁ । ତମେ ଟିକେ ମତେ ତା deadbody ପାଖକୁ ନେଇଚାଲ ...

ଈଶ୍ୱର : ଲୋକଟା କରୋନାରେ ମରିଛି । ମୁଁ ଯିବି ତା'ପାଖକୁ ? ଡାକ୍ତରଖାନା ଲୋକ ଆସି ତାକୁ ଉଠେଇବେ ।

ଯମଦୂତ : ମୁଁ ଆସିଛି ତାକୁ ନବାପାଇଁ । ସେମାନେ କାହିଁକି ଆସିବେ !

ଈଶ୍ୱର : ନିଜେ ଯାଇ ଦେଖ । ମୁଁ ତା'ପାଖକୁ ଯାଇପାରିବି ନାହିଁ । ଆଚ୍ଛା ରୁହ ରୁହ...। ଯମଦୂତମାନେ ତ ମଲାଲୋକର ଆତ୍ମାକୁ ନିଅନ୍ତି, ହେଲେ ତମେ ଆସିଛ ତା deadbody ନବାପାଇଁ ...। ବୁଝିହଉନି ।

ଯମଦୂତ : ଲୋକଟା କରୋନାରେ ମରିଛି । ତା'ଆତ୍ମା ସହଜରେ deadbodyରୁ ଅଲଗା ହବନି । ଏ ଦଉଡିରେ ତାକୁ ଟାଣିଟାଣି ଯମଲୋକ ନେବାକୁ ପଡ଼ିବ ।

Digitized by PPRACHIN, SOA

ଈଶ୍ୱର : ହଉ ହେଲା, deadbodyଟା ବହୁତ ବେଳୁ ପଡ଼ିଲାଣି । ତୁରନ୍ତ ନେଇଯାଅ । ମୁଁ ଡାକ୍ତରଖାନା ଲୋକଙ୍କୁ ବୁଝେଇଦେବି । ହେଇଟି, ଦେଖୁଚହିଁ ନବ । ମୁଁ ଚଲିଲି... (ପ୍ରସ୍ଥାନ)

ଯମଦୂତ : (ଭିତରକୁ ଚହିଁ) ଦି'ଟା ଯାକ ବୋର୍ଡରେ ତ କପିଳ ମହାପାତ୍ର ଲେଖାହୋଇଛି । କୋଉ କପିଳ ମରିଛି କେମିତି ଜାଣିବି ? ଯାହା ଉପରେ ଚଦର ଘୋଡାହେଇଛି, ସେଇଟା ନିଶ୍ଚୟ ମରିଯାଇଛି ! ଏଠି ମଲାଲୋକଙ୍କ ଉପରେ ଚଦର ଘୋଡାଇ ଦିଆଯାଏ ...। ବାବା କପିଳ, ତମ ଦିନ ସରିଗଲା । ଚଲ ଏଥର ଯମଲୋକ ...

(ଦଉଡି ଜାଲ ଫିଙ୍ଗିଲାଭଳି ଫିଙ୍ଗିଛି ଯମଦୂତ, ମଞ୍ଚ ଅନ୍ଧକାର ହୋଇଛି)

◆

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ଯମଲୋକ, ପରସ୍ପର ବିପରୀତ ଦିଗରୁ ନାଚିନାଚି ପ୍ରବେଶ କରିଛନ୍ତି ନର୍ତ୍ତକ ଓ ନର୍ତ୍ତକୀ]

ନର୍ତ୍ତକ : ଜାତିପାଟକରେ ବେଭାର ଆମ୍ଭର
କେବେ ନରଖିବି ତୋତେ
ଦୋଷରୀ ସ୍ତିରୀକୁ ରଖିଲେ ଗୃହରେ
ଅପବାଦ ହେବ ମୋତେ
ମୋ ଘରୁ ବାହାର
ତୋଠାରେ କାର୍ଯ୍ୟ ନାହିଁମୋର ।

ନର୍ତ୍ତକୀ : କାହାକୁ ଦୋଷରୀ କହୁହେ ଆଷରୀ
କି ମନ୍ଦ ଦେଖିଲୁ ମୋର
ତୋହପରି ମୁଁ କି ରାତିସାରା ଯାଇ
ବୁଲୁଥାଇ ଘର ଘର
ଯେଉଁ ଅନୀତି ତୋର
କେଉଁ ସ୍ତିରୀ ସହିବ ମହୀର ...

(ଜଗନ୍ନାଥ ପାଣିଙ୍କ 'ସୀତାବନବାସ' ଗୀତାଭିନୟର ଧୋବା ଓ ଧୋବଣୀଙ୍କ ଗୀତ)

ନର୍ତ୍ତକ : ତୁଚ୍ଛାକୁ ଏତେ, ମୁଦି ନାହିଁ ଗୋଡ଼ କଷ୍ଟୁ କେତେ...

ନର୍ତ୍ତକୀ : କଥା ତୋହର, ପାଣିରେ ଗାର । ଷଲିଯିବା ଯମପୁର ...

(ନାଚିନାଚି ଉଭୟ ମଞ୍ଚର ପଶ୍ଚାତଦେଶକୁ ଯାଇଛନ୍ତି ଓ ଗୋଟିଏ ପ୍ଲାକକାର୍ଡ ଧରି ଆଗକୁ ଆସିଛନ୍ତି । ସେଥିରେ ଲେଖାଅଛି 'ଯମଲୋକ' ।

Digitized by PPRACHIN, SOA

ପୁଣି ନାଚିନାଚି ବାହାରିଯାଇଛନ୍ତି । ମଞ୍ଚକୁ ଆସିଛନ୍ତି ଯମରାଜ ଓ ଚିତ୍ରଗୁପ୍ତ । ବିବ୍ରତ ଅବସ୍ଥାରେ ପଦଚାଳନା କରୁଛନ୍ତି ଯମରାଜ । ତାଙ୍କୁ ଅନୁସରଣ କରୁଛନ୍ତି ଚିତ୍ରଗୁପ୍ତ ।)

ଯମରାଜ : 'ଚିତ୍ରଗୁପ୍ତ'...

ଚିତ୍ରଗୁପ୍ତ : 'ଧର୍ମରାଜ' ।

ଯମରାଜ : ଦୂତର ଏ ଅହେତୁକ ବିଳମ୍ବ କ'ଣ ପାଇଁ ?

ଚିତ୍ରଗୁପ୍ତ : ହୁଏତ କୌଣସି ସଂକଟରେ ପଡ଼ିଯାଇଥିବ !

ଯମରାଜ : ମୋ ଦୂତର ପୁଣି ସଂକଟ ! ଅସମ୍ଭବ ...

ଚିତ୍ରଗୁପ୍ତ : ସମଗ୍ର ମର୍ତ୍ତ୍ୟମଣ୍ଡଳ ଏବେ ରୋଗଗ୍ରସ୍ତ, ଯେଉଁରୋଗର କୌଣସି ପ୍ରତିଷେଧକ ବାହାରିପାରୁନି ।

ଯମରାଜ : ଦୂତ ଆସିଲେ ସବୁକିଛି ଜଣା ପଡ଼ିଯିବ ।

ଚିତ୍ରଗୁପ୍ତ : ଧର୍ମରାଜ, ଏଇ ତ ଦୂତ ଆସୁଛି ।
(ଯମଦୂତ ପ୍ରବେଶ କରିଛି । ଟାଣି ଟାଣି ଆଣିଛି କପିଳକୁ । କପିଳ ବେକରେ ଦଉଡି ପଡ଼ିଛି ।)

ଯମଦୂତ : ଧର୍ମରାଜଙ୍କର ଜୟ ହେଉ ।

ଚିତ୍ରଗୁପ୍ତ : ଏତେ ବିଳମ୍ବ କ'ଣ ପାଇଁ ହେଲା ?

ଯମଦୂତ : ସମଗ୍ର ଭାରତଭୂଖଣ୍ଡ କରୋନା ରୋଗରେ ଆକ୍ରାନ୍ତ । ଖାଲି ଭାରତ ନୁହେଁ, ସାରା ପୃଥିବୀ ମଧ୍ୟ ବିପନ୍ନ । ମୃତ୍ୟୁସଂଖ୍ୟା ବଢ଼ିଚାଲିଛି ।

ଯମରାଜ : କୃତକର୍ମର ଫଳ ସେମାନଙ୍କୁ ତ ଭୋଗିବାକୁ ପଡ଼ିବ ।

ଯମଦୂତ : ଏ କପିଳ ମହାପାତ୍ର ମଣିଷ ନୁହେଁ ଗୋଟାଏ ଜନ୍ତୁ ।

ଚିତ୍ରଗୁପ୍ତ : ଗୋଟାଏ ମିନିଟ୍‌ରେ ଜନ୍ତୁପତିଙ୍କ ଦରବାରରେ ସେ ଠିକ୍ ହେଇଯିବ ।

ଯମରାଜ : ଚିତ୍ରଗୁପ୍ତ, ଦେଖିକରି କୁହ । କପିଳର ପାପ କେତେ ଆଉ ପୁଣ୍ୟ କେତେ ?

ଚିତ୍ରଗୁପ୍ତ : (ପାଞ୍ଜିଦେଖି) ଅଶୀଭାଗ ପାପ, ମାତ୍ର କୋଡ଼ିଏ ଭାଗ ପୁଣ୍ୟ । ଲୋକଟା ଦାଦନ ଖଟିବାକୁ ସୁରତ ଯାଇ ସେଠି ଆଉ ଗୋଟାଏ ସ୍ତ୍ରୀକୁ ରଖିଛି । ଘରେ ତାହାର ବାପ ମା' ପିଲା ବିଚରା ବହୁତ ହଇରାଣରେ ଚଳୁଛନ୍ତି ।

Digitized by PPRACHIN, SOA

ଯମଦୂତ : ହଁ, ଧର୍ମରାଜ ! ଏ ପାପୀକୁ କଠିନରୁ କଠିନତର ଦଣ୍ଡ ଦିଅନ୍ତୁ । କରୋନା ହେବାରୁ ସେ ଗାଁକୁ ଫେରିବାକୁ ବାଧ୍ୟହେଲା । ନଚେତ୍ ସେ କେବେ ଫେରିନଥାନ୍ତା ।

(ହଠାତ୍ କପିଳର ଜ୍ଞାନ ଫେରିଆସିଛି । ବେକରୁ ଦଉଡି କାଢି ଫିଙ୍ଗିଦେଇ ଚାରିଆଡକୁ ଆଶ୍ଚର୍ଯ୍ୟ ହେଇ ଚାହିଁଛି ।)

ଯମରାଜ : ଦୂତ, ଏ କ'ଣ ?

ଯମଦୂତ : ମୁଁ ବି ଜାଣିପାରୁନି ଧର୍ମରାଜ । ଏହା କେମିତି ହେଲା ! ଲୋକଟା ବଞ୍ଚିଗଲା କେମିତି ?

କପିଳ : ଶଳା, ବିଲାତି ମାଲ୍‌ର କି କରାମତି ! ତଥାପି ହାଙ୍ଗଓଭର ଛାଡୁନି । ମୁଁ କୋଉଠି ? ଏଇଟା ତ ପଞ୍ଚାୟତ ସେଣ୍ଟର ନୁହଁ । ହଇହୋ, ତମ ସମସ୍ତଙ୍କୁ କ'ଣ କରୋନା ହେଇଛି ?

ଯମଦୂତ : କପିଳ ମହାପାତ୍ର –

କପିଳ : Mind your language, I am KK କପିଳ କୁମାର । Hero of Olywood and Bolywood.

ଚିତ୍ରଗୁପ୍ତ : ଦୂତ, କାହାକୁ ଆଣିଛ ?

ଯମରାଜ : ଦୂତ, ଇଏ ତାହେଲେ ସେ ମୃତ କପିଳ ମହାପାତ୍ର ନୁହଁ ?

ଯମଦୂତ : ପଞ୍ଚାୟତ ସେଣ୍ଟରରେ ଦି'ଟା ଏକା ନାଁରେ ଥିଲେ । ବେଡ ବି ସମାନ ଥିଲା । ଯାରି ଦେହରେ ଚଦର ଘୋଡା ହେଇଥିଲା । ତାକୁ ମୃତ ଭାବି ନେଇଆସିଲି ।

କପିଳ : ହେଲେ ଦାଦନ ଖଟିବାକୁ ଯାଇଥିବା କପିଳ ମହାପାତ୍ର ମରିଛି । ଆଉ ମୁଁ ହଉଛି KK ମାନେ କପିଳ କୁମାର ।

ଚିତ୍ରଗୁପ୍ତ : ଫୁଲ ଗଡ଼ବଡ଼ । ଏଇନେ କ'ଣ କରିବା ? ସ୍ୱର୍ଗକୁ ଜୀଅନ୍ତା ମଣିଷକୁ ଆଣିବାର ନିୟମ ନାହିଁ ।

Digitized by PPRACHIN, SOA

କପିଳ : ତା'ମାନେ ମୁଁ ସ୍ୱର୍ଗରେ ! ଭଲହେଲା ଏଇଠି ମୁଁ ସୁଟିଙ୍ଗ କରିବି । ଆଚ୍ଛା, ଦେବରାଜ ଇନ୍ଦ୍ର, ରମ୍ଭା, ମେନକା ଏମାନଙ୍କ ସହ ଦେଖା ହବ ତ ? ସେଇମାନଙ୍କ ଭିତରୁ ଗୋଟାଏ select କରିବାକୁ ପଡ଼ିବ ।

ଯମରାଜ : ଚିତ୍ରଗୁପ୍ତ, ଦେଖିଲ, ୟା ବିଷୟରେ ପାଞ୍ଜିରେ କ'ଣ ରହିଛି ?

ଚିତ୍ରଗୁପ୍ତ : (ପାଞ୍ଜିଦେଖି) ଧର୍ମରାଜ, ୟାର ଫିଫ୍‌ଟି ଫିଫ୍‌ଟି ।

ଯମଦୂତ : ତା'ହେଲେ ତ ବଡ଼ ଅନର୍ଥ ହେଲା !

କପିଳ : ହଇହୋ ମହାଜନେ (ଚିତ୍ରଗୁପ୍ତକୁ) କାହିଁକି ଖାତାଟାକୁ ବାରବାର ଦେଖୁଛ ? କ'ଣ ସେଥିରେ ଅଛି ?

ଯମଦୂତ : କପିଳ ମହାପାତ୍ର –

କପିଳ : ପୁଣିଥରେ କହୁଛି ମୁଁ KK...

ଯମଦୂତ : କେକେ, ଏଇଟା ହଉଛି ଯମଲୋକ । ଇଏ ହଉଛନ୍ତି ଧର୍ମରାଜ ଯମରାଜ । ଆଉ ଏ ହେଉଛନ୍ତି ଚିତ୍ରଗୁପ୍ତ ।

କପିଳ : ଶଳା ଚିତ୍ରଗୁପ୍ତଟାକୁ ମାନିବାକୁ ପଡ଼ିବ ! ଖାଇପିଇ ବେଶ୍ ଡଉଲା ଡାଉଲ ହେଇଛି ! ଆଉ ତମେ ଯମରାଜ, ହଇହୋ ତମ ମଇଁଷି କାହିଁ ? Your Baffalo?

ଚିତ୍ରଗୁପ୍ତ : ଦେଖ ବାବୁ ମୃତ କପିଳ ବଦଳରେ ଭୁଲ୍‌ରେ ଯମଦୂତ ତମକୁ ନେଇଆସିଛି । ତମକୁ ସସମ୍ମାନେ ଫେରେଇ ଦିଆଯିବ । ଏଇଟା ଯମଲୋକ । ଏଠି ଅଶୋଭନୀୟ ଆଚରଣ ଶୋଭାପାଏନି । ଯମରାଜ ଚାହିଁଲେ ସବୁକିଛି କରିପାରିବେ ।

କପିଳ : କ'ଣ ମୋ ପରସେଣ୍ଟେଜଟାକୁ ଏଇଟି ଟ୍ୱେଣ୍ଟି କରିପାରିବେ ? କେବେ ନୁହେଁ । ଲୋକଟା ଧର୍ମଭୀରୁ । ଭୁଲ୍ କରିବ ତମେ, ଆଉ ଦଣ୍ଡ ପାଇବି ମୁଁ ?

ଯମଦୂତ : କେକେ, ଯାହା କହୁଛ, ସଂଭ୍ରମର ସହିତ କୁହ । ଯମରାଜ ଚାହିଁଲେ –

କପିଳ : ଚୁପ୍‌ବେ ଦୂତ ! ଦି'ଟଙ୍କାରେ ତତେ କିଣି ପକେଇବି । ଆମ ରାଇଜ ଆଉ ତମ ରାଇଜ ଭିତରେ କେତେ ତଫାତ୍ ଦେଖିଲୁତ ?

Digitized by PPRACHIN, SOA

ଚନ୍ଦ୍ରଗୁପ୍ତ : 'ଧର୍ମରାଜ', କିଛି ଗୋଟାଏ କରନ୍ତୁ ।

କପିଳ : କଦଳୀଟାଏ କରିବ ! ଯାହା କରିବା କଥା ମୁଁ କରିବି । ତମେମାନେ କେବଳ ଦେଖଣାହାରୀ ହେଇ ରହିବ ।

ଯମରାଜ : ଧୈର୍ଯ୍ୟଧର –

କପିଳ : I am KK ଯମରାଜ । ଆଚ୍ଛା ବୁଫାଲୋ କିଙ୍ଗ୍, ତମ ରାଜ୍ୟଟା କାହିଁକି ସ୍ୱର୍ଗରାଜ୍ୟ ଭଳି ଜଣାପଡୁନି ।

ଯମଦୂତ : KK, ଯମଲୋକକୁ ତମେ ଏଯାଏ ଦେଖିନାହଁ । ଦେଖିଲା ପରେ ଅନୁଭବ କରିପାରିବ । ସେତେବେଳକୁ ତମ ହାବଭାବ ପୂରାପୂରି ବଦଳିଯାଇଥିବ ।

କପିଳ : ତା'ହେଲେ ଦୂତ, ଚାଲ ଥରେ ତମ ଯମଲୋକଟା ପରିକ୍ରମା କରିଆସିବା ।

ଯମରାଜ : ହଁ, ଦୂତ, KK ଯାହା କହୁଛି ସେଇଆ କର !

କପିଳ : ଶୁଭସ୍ୟ ଶୀଘ୍ରମ । ଗୁଡବାଏ, ଯମରାଜ... ବାଏ... ବାଏ... (ଯମଦୂତ ସହ KK ବାହାରିଯାଇଛି)

ଯମରାଜ : ଏଇନେ କ'ଣ କରାଯିବ । ଭୁଲ୍‌ଟା ଆମ ତରଫରୁ ହେଇଛି ।

ଚିତ୍ରଗୁପ୍ତ : ତାକୁ ଯେମତି ହଉ ମର୍ତ୍ତ୍ୟମଣ୍ଡଳକୁ ପଠେଇବାକୁ ହବ । ଏ ଜନ୍ତୁ ବେଶି ଦିନ ରହିଲେ ଆମକୁ ବିପଦ ... ଯେକୌଣସି ପ୍ରକାରେ ତାକୁ ତଡ଼ିବାକୁ ପଡ଼ିବ ।

କପିଳ : (ଫେରିଆସି) ମୁଁ ଗଲେ ତ ! ଦେଖିବା, କିଏ ମତେ ବାହାର କରୁଛି !

ଯମରାଜ : କ'ଣ ପାଇଁ ଫେରିଲ ?

କପିଳ : ଅପ୍‌ନା ମରଜି । ହଁ, କାନ ଖୋଲାକର ଶୁନ୍‌ଲୋ ଯମରାଜ । ୟହାଁସେ ହମ୍ ନେହିଁ ଯାଏଙ୍ଗେ । ମେରା ନୟା ଫିଲ୍ମ ଏହାଁ ସୁଟିଙ୍ଗ୍ ହୋଗା ।

ଚିତ୍ରଗୁପ୍ତ : KK, ଏଇଟା ଯମଲୋକ, ଫିଲ୍ମ ଷ୍ଟୁଡିଓ ନୁହେଁ ।

କପିଳ : ମହାଜନେ, ତମ ପାଇଁ ବି ରୋଲ୍ ଅଛି । ମିଷ୍ଟର ଯମରାଜ ହେବେ ମୋ ଫିଲ୍ମର ଭିଲିଆନ୍ । ହଁ, ରମ୍ଭା, ମେନକା କି ଉର୍ବଶୀ ୟାଙ୍କ ଭିତରୁ କେହି ଜଣେ ହେଲେ, ମୋ ହିରୋଇନ୍ କାମ ଚଳିଯିବ ।

Digitized by PPRACHIN, SOA

ଯମଦୂତ : (ପ୍ରବେଶକରି) ଆଉ ହିରୋ କିଏ ହବ ?

କପିଳ : ଥ୍ରୀଇନ୍‌ ୱାନ୍‌... ହିରୋ-ଡାଇରେକ୍ଟର ଏଣ୍ଡ ପ୍ରଡ୍ୟୁସର... । ଦୂତ, ଚାଲ ଆମେ ଯିବା ହିରୋଇନ୍‌ ସନ୍ଧାନରେ ... (ଉଭୟ ବାହାରିଯାଇଛନ୍ତି)

ଧର୍ମରାଜ : ପ୍ରଥମଥର ପାଇଁ ଏ ଯମରାଜ ନିଜକୁ ଦୁର୍ବଳ ମନେକରୁଛି । ସବୁ ଏଇ ଦୂତପାଇଁ ।

ଚିତ୍ରଗୁପ୍ତ : ଧର୍ମରାଜ ଏଇଟା ସେକେଣ୍ଡ । ଫାଷ୍ଟ ହଉଛି ସାବିତ୍ରୀ ଇନ୍‌ସିଡେଣ୍ଟ । ସେଦିନ ସାବିତ୍ରୀ କେତେ ହଲାପଟା ନକରିଛି ଆପଣଙ୍କୁ ...

ଯମରାଜ : ଏ କଥା ଯେମିତି KK କାନରେ ନ ପଡ଼େ !

କପିଳ : (ପ୍ରବେଶ କରି) already ପଡ଼ିସାରିଛି । KKକୁ ପୁଣି କଥା ଲୁଚାଇବ ! ମିଷ୍ଟର ଯମରାଜ ଶୁଣିରଖ, ମୋ ବିରୁଦ୍ଧରେ ଷଡଯନ୍ତ କଲେ ତା'ର ପରିଣାମ ଭୟଙ୍କର ହେବ । ମହାଜନେ,ଏକଥା ଯେମିତି ଭୁଲି ନଯାଅ ... (ପ୍ରସ୍ଥାନ)

ଯମରାଜ : 'ଚିତ୍ରଗୁପ୍ତ' ... ସେ ପାଞ୍ଜିଟାକୁ ଫିଙ୍ଗିଦିଅ ।

ଚିତ୍ରଗୁପ୍ତ : ଧୈର୍ଯ୍ୟ ଧରନ୍ତୁ, ଧର୍ମରାଜ । ନିଶ୍ଚୟ କିଛି ଉପାୟ ମିଳିଯିବ । (ରାଗରେ ଥରୁଥିଲେ ଯମରାଜ)

♦

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

[ଇନ୍ଦ୍ରଲୋକ ନର୍ତ୍ତକ ଓ ନର୍ତ୍ତକୀ ନାଚିନାଚି ପରସ୍ପର ବିପରୀତ ଦିଗରୁ ପ୍ରବେଶ କଲେ ।]

ନର୍ତ୍ତକୀ : କଳା ଚରିଜାତି କହରେ ନାଗର
କଳା ଚରିଜାତି କହ ।
କହି ନ ପାରିଲେ ରସିକନାଗର
ଗୋଡ଼ ମୋର ଘଷିଦିଅ ।

ନର୍ତ୍ତକ : କଳାମେଘ, କଳା କଜଳ ନାଗରୀ
କଳା ବାଶୁଳୀଙ୍କ ଘୋଡା
ଆହୁରି ଜାତିଏ କଳା ସୁନ୍ଦରୀଲୋ
ତୋହରି ମଥାର ଜୁଡା
(ଘୋଡ଼ାନାଚ ଗୀତ)

(ନାଚିନାଚି ମଞ୍ଚର ପଶ୍ଚାତଭାଗକୁ ଯାଇଛନ୍ତି । ଗୋଟିଏ ପ୍ଲାକକାର୍ଡ ଧରି ଆସିଛନ୍ତି । ସେଥିରେ ଲେଖାଅଛି 'ଇନ୍ଦ୍ରଲୋକ' । ପୁଣି ନାଚିନାଚି ବାହାରି ଯାଇଛନ୍ତି । ମଞ୍ଚ ଅନ୍ଧାର ହୋଇ ପୁଣି ଆଲୋକିତ ହୋଇଛି । ଦେବରାଜ ଇନ୍ଦ୍ରଙ୍କ ଦରବାରରେ ନୃତ୍ୟ ଚଳିଥିଲା । କୋଳାହଳ ବାରିହୋଇପଡୁଥିଲା ...)

ଇନ୍ଦ୍ର : ଚମତ୍କାର ... ଅତି ଚମତ୍କାର... ମେନକା । ଗ୍ରହଣ କର ତୁମ ଉପହାର ।
(ଇନ୍ଦ୍ରଙ୍କଠାରୁ ଉପହାର ଗ୍ରହଣ କରି ବିଦାୟ ନେଇଛନ୍ତି ନର୍ତ୍ତକୀ ମେନକା)

ପ୍ରହରୀ : (ପ୍ରବେଶ କରି) ଦେବରାଜଙ୍କ ଜୟହେଉ ।

ଇନ୍ଦ୍ର : କିଛି ବିଶେଷ ସମାଚର ପ୍ରହରୀ ?

ପ୍ରହରୀ : ବୈଦ୍ୟରାଜ ଆପଣଙ୍କୁ ସାକ୍ଷାତ କରିବାକୁ ଚହୁଁଛନ୍ତି ।

Digitized by PPRACHIN, SOA

ଇନ୍ଦ୍ର : ସସମ୍ମାନେ ନେଇଆସ ପ୍ରହରୀ ।

(ବାହାରିଯାଇଛି ପ୍ରହରୀ । ପ୍ରବେଶ କରିଛନ୍ତି ବୈଦ୍ୟରାଜ)

ବୈଦ୍ୟରାଜ : ପ୍ରଣାମ ଦେବରାଜ

ଇନ୍ଦ୍ର : ପ୍ରଣାମ ବୈଦ୍ୟରାଜ । ମୋ ପାଖରେ କିଛି କାର୍ଯ୍ୟ ।

ବୈଦ୍ୟରାଜ : ସମସ୍ୟା ଗମ୍ଭୀର । ସ୍ୱର୍ଗରାଜ୍ୟରେ ଏଭଳି ବ୍ୟାଧି କେବେ ହୋଇନଥିଲା । କେଉଁଠୁ କିପରି ଏ ରୋଗ ସଂକ୍ରମଣ ହେଲା, କିଛି ଜାଣିହେଉନି ।

ଇନ୍ଦ୍ର : ବୈଦ୍ୟରାଜ ଅଶ୍ୱିନୀକୁମାର, ଚିନ୍ତା କ'ଣପାଇଁ ? ଦେବତାମାନେ ତ ଅମର ।

ବୈଦ୍ୟରାଜ : ଏ ବ୍ୟାଧି କିନ୍ତୁ ଯନ୍ତ୍ରଣା ବଢ଼ାଇବ । ମରଣାନ୍ତକ ଯନ୍ତ୍ରଣା ! ସ୍ୱର୍ଗରାଜ୍ୟର ତିନିଭାଗ ଏଇ ରୋଗରେ କବଳିତ । କିଛି ଉପଚାର ମୁଁ ପାଉନି ।

ଇନ୍ଦ୍ର : ଦେବବୈଦ୍ୟ ହୋଇ ଆପଣ ନିରାଶ ହେବାଟା ଆଦୌ ଶୋଭନୀୟ ନୁହେଁ ।

ବୈଦ୍ୟରାଜ : ହଁ, ତେବେ ଏତିକି କହିପାରେ, ଏ ବ୍ୟାଧି କୌଣସି ମାନବଠାରୁ ଆସିଛି । ସମଗ୍ର ମର୍ତ୍ତ୍ୟମଣ୍ଡଳ ବର୍ତ୍ତମାନ ଏଇ ବ୍ୟାଧିରେ ଆକ୍ରାନ୍ତ ।

ଇନ୍ଦ୍ର : ମାନବ, ପୁଣି ସ୍ୱର୍ଗରାଜ୍ୟରେ ! ଅସମ୍ଭବ ....

ବୈଦ୍ୟରାଜ : ନିଶ୍ଚୟ କେହି ଜଣେ ରୋଗୀ ମର୍ତ୍ତ୍ୟମଣ୍ଡଳରୁ ଆସି ସ୍ୱର୍ଗରାଜ୍ୟରେ ପ୍ରବେଶ କରିଛି, ଯାହାଠାରୁ ଏ ବ୍ୟାଧି ସଂକ୍ରମିତ ହୋଇଚାଲିଛି ।

ଇନ୍ଦ୍ର : ଅସମ୍ଭବ ! ମୃତ୍ୟୁ ନହେଲେ ଜଣେ ମଣିଷ ଜୀବିତ ଅବସ୍ଥାରେ ସ୍ୱର୍ଗକୁ ଆସିବ କିପରି ?

ବୈଦ୍ୟରାଜ : ଏ ପ୍ରଶ୍ନର ଉତ୍ତର କେବଳ ଧର୍ମରାଜ ହିଁ ଦେଇପାରିବେ । ଉଚିତ ହେବ, ଆପଣ ଏହି ମୁହୂର୍ତ୍ତରେ ଯମରାଜଙ୍କୁ ସ୍ମରଣ କରନ୍ତୁ । ଘଟଣାର ସତ୍ୟାସତ୍ୟ ଜଣାପଡ଼ିଯିବ ।

ଇନ୍ଦ୍ର : (ଯମରାଜଙ୍କୁ ସ୍ମରଣ କରିଛନ୍ତି)

ଓମ୍ ବୈବସ୍ୱାଧାୟ ବିଧିମହେ

Digitized by PPRACHIN, SOA

ଦଣ୍ଡ ହସ୍ତାୟ ଧିମହି
ତନ୍ନୋ ଯମ ପ୍ରଚୋଦୟାତ୍ ...

ଯମରାଜ : (ପ୍ରବେଶକରି) ଦେବରାଜଙ୍କୁ ସ୍ୱାଗତ ।

ଇନ୍ଦ୍ର : ଧର୍ମରାଜଙ୍କୁ ପ୍ରଣାମ ।

ଯମରାଜ : ପ୍ରଣାମ ବୈଦ୍ୟରାଜ ଅଶ୍ୱିନୀକୁମାର

ବୈଦ୍ୟରାଜ : ପ୍ରଣାମ ଯମରାଜ ।

ଯମରାଜ : ମୋତେ କାହିଁକି ସ୍ମରଣ କଲେ ଦେବରାଜ ?

ଇନ୍ଦ୍ର : କେହି ଜଣେ ମାନବ ସ୍ୱର୍ଗରାଜ୍ୟକୁ ପ୍ରବେଶ କରିଛି, ଯାହାଠାରୁ ସ୍ୱର୍ଗରାଜ୍ୟରେ ଏକ ଅଜଣା ବ୍ୟାଧି ସଂକ୍ରମିତ ହୋଇଚାଲିଛି ।

ବୈଦ୍ୟରାଜ : ଅବସ୍ଥା ସଂଗୀନ । ଏହି ବ୍ୟାଧି ପାଇଁ ଆମେ ସମସ୍ତେ ଚିନ୍ତିତ । କୌଣସି ମାନବ ସ୍ୱର୍ଗରାଜ୍ୟକୁ ପ୍ରବେଶ କରିଛି କି ? (ଯମରାଜ ନିରବ)

ଇନ୍ଦ୍ର : ନିରବ କାହିଁକି, ଯମରାଜ ? କ'ଣ ହୋଇଛି ?

ଯମରାଜ : ହଁ, ଆପଣଙ୍କ ଅନୁମାନ ସତ । ସେହି ମାନବଟି ଭୁଲବଶତଃ ସ୍ୱର୍ଗରାଜ୍ୟକୁ ଆସିଯାଇଛି । ଲୋକଟି କରୋନା ରୋଗରେ ପୀଡ଼ିତ । ତାରିଠାରୁ ଏ ରୋଗ ବ୍ୟାପିବାରେ ଲାଗିଛି ।

ବୈଦ୍ୟରାଜ : କିନ୍ତୁ ଏମିତି କାହିଁକି ଘଟିଲା ?

ଯମରାଜ : ମୋ ଦୂତ ମୃତ କପିଳ ମହାପାତ୍ରର ଆତ୍ମାକୁ ଆଣିବାପାଇଁ ମର୍ତ୍ତ୍ୟମଣ୍ଡଳ ଯାଇଥିଲା, ମାତ୍ର ଭୁଲ୍‌ବଶତଃ ସେ ମୃତ କପିଳ ପରିବର୍ତ୍ତେ ଜୀବିତ କପିଳକୁ ସ୍ୱର୍ଗକୁ ନେଇଆସିଛି । ଉଭୟ କପିଳ କରୋନା ରୋଗାକ୍ରାନ୍ତ । ସେମାନେ ବଗଡ଼ା ଗ୍ରାମପଞ୍ଚାୟତ ସେଣ୍ଟରରେ ସଂଗରୋଧରେ ଥିଲେ ।

ଇନ୍ଦ୍ର : ସମସ୍ୟା ଅତ୍ୟନ୍ତ ଗମ୍ଭୀର ।

ଯମରାଜ : ସେ ମର୍ତ୍ତ୍ୟକୁ ଫେରିବାର ନାଁ ଧରୁନି । ବହୁତ ଉପଦ୍ରବ କଲାଣି । ଏବେ ସ୍ୱର୍ଗର ଅପସରାଙ୍କୁ ନେଇ ସିନେମା କରିବା ପାଇଁ ଜିଦ୍‌ଧରି ବସିଛି ।

ବୈଦ୍ୟରାଜ : ସାଧାରଣ ମାନବ ହୋଇ ଏତେ ଆସ୍ପର୍ଦ୍ଧା ।

Digitized by PPRACHIN, SOA

ଇନ୍ଦ୍ର : ମୁଁ ତାକୁ ଉଚିତ ଶାସ୍ତି ଦେବି ।

ବୈଦ୍ୟରାଜ : ଦେବରାଜ, ତାକୁ ହାତରେ ନ ମାରି ଭାତରେ ମାରିବା ସହଜ ହେବ ।

ଯମରାଜ : ସେ ମୋର କୌଣସି କଥା ଶୁଣିବାକୁ ପ୍ରସ୍ତୁତ ନୁହଁ । ଏବେ ଜିଦ୍ ଧରିଛି ସୋମରସ ପାନକରିବ ।

ବୈଦ୍ୟରାଜ : ଦେବରାଜ, ମେନକା ଯେପରି ବିଶ୍ୱାମିତ୍ରଙ୍କ ତପଭଙ୍ଗ କରିଥିଲେ, ଏଠି ଆମକୁ ସେଇ ଏକା ଉପାୟ ଅବଲମ୍ବନ କରିବାକୁ ହେବ ।

ଇନ୍ଦ୍ର : ହଁ, ତାହାହିଁ ହେବ । ଧର୍ମରାଜ, ଶୀଘ୍ର ସେହି ଉଦଣ୍ଡ ମାନବକୁ ମୋ ଦରବାରରେ ଉପସ୍ଥିତ କରାନ୍ତୁ ।

ଯମରାଜ : ତାହାହିଁ ହେବ, ଦେବରାଜ ।

(ମଞ୍ଚ ଅନ୍ଧକାର ହୋଇଛି)

♦

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

[ଯମଲୋକ ନର୍ତ୍ତକ ନର୍ତ୍ତକୀ ନାଚି ନାଚି ମଞ୍ଚକୁ ଆସିଛନ୍ତି]

ନର୍ତ୍ତକୀ : ଦିଅଂଘର ଗଲି ଦେବତା ପୂଜିଲି
ତେବେ ନ ମାନିଲାମନ
ଭଲ ଥାଉ ମୋର କଳା କହ୍ନାଇଲୋ
କଟି ଯାଉଥାଉ ଦିନ୍ ।

ନର୍ତ୍ତକ : ଦଦରା ନାବକୁ ଭଙ୍ଗା କେରୁଆଳ
ନାଉରିଆ ତହିଁଛୋଟା
ବୋହୂ ପିନ୍ଧିଅଛି ସରୁ ଅଳତାଲୋ
ଶାଶୂ ଦେଖି କରେ ଥଟ୍ଟା ।
(ବିନୋଦବିହାରୀ ଦାସଙ୍କ ସଂକଳିତ ସାରଳା ରତ୍ନଭଣ୍ଡାର ରସସାଗର ଗ୍ରନ୍ଥ (୧୦ମ ଖଣ୍ଡରୁ ସଂଗୃହୀତ)

ନର୍ତ୍ତକୀ : ଓଳିଆ ଉପରେ ନେଳିଆ ଖଦି
କିଏ ହଜାଇଲା ତୁମର ବୁଦ୍ଧି ।
(ସାରଳା ରତ୍ନଭଣ୍ଡାର-୩ୟ ଖଣ୍ଡ)

ନର୍ତ୍ତକ : ଓଲୁଅ କହୁଛି ବଣସାରୁକୁ
ଚାଲେ, ତୋର ମୋର ଯମପୁରକୁ ।
(ମଞ୍ଚର ପଶ୍ଚାତଭାଗକୁ ଉଭୟ ଯାଇ 'ଯମଲୋକ' ଲେଖାଥିବା ପ୍ଲାକ ଆଣି ଯଥାସ୍ଥାନରେ ରଖି ପୁଣି ନାଚି ନାଚି ବାହାରିଯାଇଛନ୍ତି । ମଞ୍ଚକୁ ପ୍ରବେଶ କରିଛନ୍ତି ଯମଦୂତ ଓ ଚିତ୍ରଗୁପ୍ତ ।)

ଚିତ୍ରଗୁପ୍ତ : ଦୂତ, ଏବେ ସେ KK କେଉଁଠି ?

Digitized by PPRACHIN, SOA

ଯମଦୂତ : ମତେ ନାକେଦମ୍ କଲାଣି ।

ଚିତ୍ରଗୁପ୍ତ : ଭୁଲ୍‌ଟା ଯେତେବେଳେ କରିଛ, ଦଣ୍ଡ ତମେ ଭୋଗିବନି ତ ଆଉ କିଏ ଭୋଗିବ ।

ଯମଦୂତ : ମତେ କହୁଛି, ଚିକେନ, ମଟନ ମୋ ପାଇଁ ଆଣ । ଏ ଭେଜ୍ ଖାଦ୍ୟ ମୋ ଦେହି ଚଳିବନି ।

ଚିତ୍ରଗୁପ୍ତ : ତାକୁ ଜଣେଇଦିଅ, ଦେବତାମାନେ ସମସ୍ତେ ନିରାମିଷାଶୀ । ଏଠି ଆମିଷର ପ୍ରବେଶ ନିଷେଧ ।

ଯମଦୂତ : କାଲି ରାତିରେ ମତେ drinks ମାଗିଲା ।

ଚିତ୍ରଗୁପ୍ତ : ତାକୁ କହିଦିଅ, ଏଠି ଦେବଗଣ ସୋମରସ ଛଡ଼ା ଅନ୍ୟ କିଛି ପାନ କରନ୍ତି ନାହିଁ ।

ଯମଦୂତ : ସିଏ ସିନା ମୋ କଥା ଶୁଣିଲେ, କହିବି । ଚବିଶଘଣ୍ଟା କହୁଛି, ମତେ ବୁଲା ।

ଚିତ୍ରଗୁପ୍ତ : ବ୍ୟସ୍ତ ହୁଅନି ଦୂତ । ତା'ର ଦିନକାଳ ସରିଆସୁଛି । ଦେବରାଜ ତା'ପାଇଁ ଗୋଟାଏ ଯୋଜନା ପ୍ରସ୍ତୁତ କରିଛନ୍ତି ।

କପିଳ : (ପ୍ରବେଶ କରି) କି ଯୋଜନା ମହାଜନେ ? ତମର ସେ ଦେବରାଜଙ୍କୁ କହିଦିଅ, KK କାହାରି ଯୋଜନାରେ ବଶୀଭୂତ ହୁଏନା । ବଲିଉଡ୍‌ର ହିରୋ ସବୁକିଛି କରିପାରେ । ଆଉ ଇନ୍ଦ୍ର ତ ଛାର ମୂଷିକଟିଏ...

ଚିତ୍ରଗୁପ୍ତ : KK, ତମେ ଦେବରାଜଙ୍କୁ ଜାଣିନାହଁ । ସିଏ ଋହିଁଲେ ନିମିଷେକରେ ତୁମକୁ ଉଡେଇ ଦେବେ ।

କପିଳ : ଏ KKର ଗୋଟାଏ ଚୁଟ୍‌କୀରେ କେତେ ଇନ୍ଦ୍ର ପବନରେ ମିଶିଯିବେ, ତା'ର ହିସାବ କେହି ରଖିପାରିବନି ।

ଯମଦୂତ : KK, ଦେବରାଜଙ୍କୁ ଟକ୍କର ଦିଅନି ।

କପିଳ : ବାଜେକଥା ବନ୍ଦକର ଦୂତ । ଏ ଓଲିଉଡ୍-ବଲିଉଡ୍‌ର ହିରୋ କାହାକୁ ଖାତିର କରେନା ।

Digitized by PPRACHIN, SOA

ଯମଦୂତ : ଖୁବ୍ ଶୀଘ୍ର ତାଙ୍କ ସହ ତମର ଭେଟ ହେବ ।

କପିଳ : I am eagerly waiting for ଦେବରାଜ । ତା' ଇନ୍ଦ୍ରଲୋକଟାକୁ ଥରେ examine କରିବାକୁ ହେବ । ଆଚ୍ଛା ମହାଜନେ (ଚିତ୍ରଗୁପ୍ତଙ୍କୁ) ରମ୍ଭା, ମେନକା, ଉର୍ବଶୀ ଭିତରୁ କିଏ ବେଶି ସୁନ୍ଦରୀ ? ମାନେ ମୋ ହିରୋଇନ୍ ହେବାକୁ ଫିଟ୍ ?

ଚିତ୍ରଗୁପ୍ତ : KK, ସେଭଳି ଦୁଃସାହସ କରନି । ସେମାନେ ଦେବଅଂଶୀ । ଭୁଲକଲେ ଦେବରାଜଙ୍କ ଅମୋଘ ଅସ୍ତ୍ରରୁ ମୁକ୍ତି ପାଇବନି ।

କପିଳ : ମହାଜନେ, ଏ ଦେବଲୋକରେ ତମେମାନେ ଏମିତି ଗୋଲାମି କରି କରି ବଚସ୍କର ହୋଇଯାଇଛ ! ଥରେ ସ୍ୱାଧୀନ ହୁଅ । ମୁଣ୍ଡ ଉପରକୁ ଟେକ ।

ଯମଦୂତ : କିଛି ଲାଭ ହେବନି । ସ୍ୱର୍ଗରାଜ୍ୟର ଏକ ସ୍ୱତନ୍ତ୍ର ନିୟମ ରହିଛି ।

କପିଳ : ମାର୍ ଗୋଲି ସେ ରୁଲ୍ ରେଗୁଲେସନକୁ । I do not care! KK is above sky ... !

ଚିତ୍ରଗୁପ୍ତ : KK, ଏଇଟା ତମ ମର୍ତ୍ତ୍ୟଲୋକ ନୁହେଁ! ଏଠି ଫୁଲ କେବେ ମଉଳିଯାଏନା । ସବୁଠି ରଂଗ ସତେଜ ... ସୁନ୍ଦର ...

କପିଳ : ଏ ଯମଲୋକଟା ହଉଛି ସବୁଠାରୁ Nasty ଆଉ Third Grade ଜାଗା । ହଇହୋ ଦୂତ, ତମେ ସବୁ ଏଠି ରହୁଚ କେମିତି ? ଯୁଆଡ଼େ ଦେଖିବ, ତତଲା କଡେଇରେ ତେଲ କଡକଡ ହେଇ ଫୁଟୁଛି । ତମ ଯମରାଜଙ୍କର ସୌନ୍ଦର୍ଯ୍ୟଜ୍ଞାନ ବୋଲି କିଛି ନାହିଁ .... ।

ଯମଦୂତ : ସେମିତି କୁହନି । ଧର୍ମରାଜଙ୍କ କାନରେ କଥାଟା ପଡ଼ିଲେ –

କପିଳ : ମୋର, ସେ କିଛି କରିପାରିବନି । ନିହାତି କୁତ୍ସିତ ରୁଚିର ପ୍ରାଣୀଟାଏ ...

ଚିତ୍ରଗୁପ୍ତ : KK ନିଜ ଜିଭକୁ ଲଗାମ ଦିଅ ।

କପିଳ : ମହାଜନେ, ଏ ଯମଲୋକରେ ମୁଁ ଆଉ ରହିପାରିବିନି । ଯେତେ ଶୀଘ୍ର ପାରୁଛ ମତେ ଇନ୍ଦ୍ରଲୋକକୁ Transfer କରିବାର ଉଦ୍ୟମ ଆରମ୍ଭ କର । ସେଇଠି ମୁଁ ଦେବରାଜଙ୍କ Guest Houseରେ ରହିବି ।

Digitized by PPRACHIN, SOA

ଚିତ୍ରଗୁପ୍ତ : ଧର୍ମରାଜଙ୍କୁ ଏ ବିଷୟରେ ଜଣେଇବାକୁ ପଡ଼ିବ ।

କପିଳ : କ'ଣ application ଦରକାର ! ମୁଁ KK କହୁଛି । ବଲିଉଡ୍-ଓଲିଉଡ୍ ହିରୋ... ବାହୁବଳୀ । ଯଥାଶୀଘ୍ର ଯମରାଜଙ୍କ କାନରେ ମୋ କଥାଟା ପକେଇଦିଅ ।

ଯମଦୂତ : କଥା ତ ନିଶ୍ଚୟ KK !

କପିଳ : Good! ଦୂତ ତମେ ଏଇଭଳି ମୋ ଅର୍ଡ଼ର ପାଳନ କର । ମୁଁ ତମକୁ ଗୋଟିଏ Surprised Gift ଦେବି । ଯାହା ତମେ କେବେ କଳ୍ପନା କରିପାରି ନଥିବ ।

ଚିତ୍ରଗୁପ୍ତ : ଦୂତ, ଯମଲୋକର ସବୁ ସ୍ଥାନ KK ଦେଖିସାରିଛନ୍ତି ?

ଯମଦୂତ : ହଁ, ସବୁଜାଗା ବୁଲିସାରିଛନ୍ତି ।

କପିଳ : ଆଚ୍ଛା, ମହାଜନେ, ତମର ଏ ଯମଲୋକରେ କାହାରି ଜଣକର ବି ରୁଚିଜ୍ଞାନ ନାହିଁ ?

ଚିତ୍ରଗୁପ୍ତ : ଧର୍ମରାଜଙ୍କ ଦୃଷ୍ଟିରେ ସମସ୍ତେ ସମାନ । ସେ ନୀତିଧର୍ମ ଆଉ ନ୍ୟାୟର ଦେବତା । ସେ କେବେ ପାତରଅନ୍ତର କରନ୍ତି ନାହିଁ ।

(କିଛି ଗୋଟାଏ ମାନ୍ତ୍ରିକ ଧ୍ୱନି ଭାସି ଆସିଛି)

ଚିତ୍ରଗୁପ୍ତ : KK, ଧର୍ମରାଜ ବିଜେ କରୁଛନ୍ତି, ଚୁପ୍ ହୋଇଯାଅ... ଦୂତ, ଯାଅ ଧର୍ମରାଜଙ୍କୁ ପାଛୋଟି ଆଣ...

ଯମଦୂତ : ଯଥା ଆଜ୍ଞା...

(ଯମଦୂତ ପ୍ରସ୍ଥାନ ପାଇଁ ଉଦ୍ୟତ ହେଲାବେଳେ ମଞ୍ଚ ଅନ୍ଧକାର ହୋଇଛି)

◆

Digitized by PPRACHIN, SOA

ଷଷ୍ଠ ଦୃଶ୍ୟ

[ଚଞ୍ଚଳା ଘର, ପରସ୍ପର ବିପରୀତ ଦିଗରୁ ନାଚିନାଚି ଆସିଛନ୍ତି ନର୍ତ୍ତକ ଓ ନର୍ତ୍ତକୀ]

ନର୍ତ୍ତକୀ : ଜୟତୁ ଦୁର୍ଗା, ମା'ଗୋ ଦୁର୍ଗତିନାଶିନୀ
ଭାରାନିବାରିଣୀ ମା'ଗୋ ବିପଦନାଶିନୀ
ଜୟ ତୁ ସାରଳା ମା'ଗୋ ମୋ କଣ୍ଠେ ବିଜେ ହେବୁ
ନ ଆସିଲା ପଦମାନ କହି କହି ଦେବୁ ।

ନର୍ତ୍ତକ : ରାମ ରାମ ରାମହେ ଗୋବିନ୍ଦ ରାମରାମ
ନବୀନ ସୁନ୍ଦର ପ୍ରଭୁ ନବଘନ ଶ୍ୟାମ ଯେ ।

ନର୍ତ୍ତକୀ : ଅଭିନବ ଜଳଧର ମୂର୍ତ୍ତି ସୀତାଈଶ

ନର୍ତ୍ତକ : ବାରେ ଦୟାକର, ଯିବା, ଚଞ୍ଚଳାର ପାଶ ।
(ଉଭୟ ନାଚିନାଚି ପଶ୍ଚାତ ଭାଗରୁ 'ଚଞ୍ଚଳା' ଲେଖାଥିବା ପ୍ଲାକକାର୍ଡ ଆଣି ଯଥା ସ୍ଥାନରେ ରଖି ବାହାରିଯାଇଛନ୍ତି ।)

ଈଶ୍ୱର : (ପ୍ରବେଶ କରି) ଚଞ୍ଚଳା ... ଲୋ ଚଞ୍ଚଳା ...

ଚଞ୍ଚଳା : (ଭିତରୁ) କିଏ ବେ ଶଳା ? (ପ୍ରବେଶ କରି) ଏଁ ସରପଞ୍ଚ ଆଜ୍ଞା ... ଜୁହାର ... (ଡରିକରି)

ଈଶ୍ୱର : ତୁ ଈଶ୍ୱର ନାୟକକୁ ଚିହ୍ନିନୁ, ଚଞ୍ଚଳା !

ଚଞ୍ଚଳା : ଭୁଲ୍ ହୋଇଗଲା ମହାପୁରୁ ।

ଈଶ୍ୱର : ଦେଖ୍ ଚଞ୍ଚଳା, ତୁ ଯାହା କଲୁ ଠିକ୍ କଲୁନୁ । କପିଳା ଯାହା ହେଲେ ବି ତୋର ସ୍ୱାମୀ । ଇହକାଳ ଆଉ ପରକାଳର ଦେବତା ।

ଚଞ୍ଚଳା : ସରପଞ୍ଚେ, ସେ ନିଆଁଲଗା କଥା ମୋ ଆଗରେ ଧରନି ।

ଈଶ୍ୱର : ତା deadbodyଟା ତିନିଦିନ ପଡ଼ିରହିଲା, ତୋତେ ଏତେ ଖବର ଦିଆଗଲା, ତୁ ଆସିଲୁ ନାହିଁ !

Digitized by PPRACHIN, SOA

ଚଞ୍ଚଳା : ସେ ଗାତପଶା କରୋନା ରୋଗୀଟାକୁ ମୁଁ କାହିଁକି ଛୁଇଁଥାନ୍ତି ! ଯା'ପାଖେ ରହୁଥିଲା, ସିଏ ଆସି ତା ଶବ ଉଠେଇଲାନି ...।

ଈଶ୍ୱର : ତୋର ଏତେ ରାଗ ଯେ ଥରେ ଦେଖା କରିବାକୁ ଆସିଲୁନି !

ଚଞ୍ଚଳା : ସିଏ ମୋର କିଏ କି ? ପାଞ୍ଚବର୍ଷ ଧରି କାଣି କଉଡ଼ିଟିଏ ମୋତେ ଦେଇଛି ! ପିଲାମାନଙ୍କୁ କେମିତି ପାଳିଛି, ସେ କଥା ମୁଁ ଜାଣେ... ।

ଈଶ୍ୱର : ହଉ ଛାଡ ସେ କଥା । ଆମ ଆଶାକର୍ମୀ ଆସିଥିଲେ ସର୍ଭେ କରିବାପାଇଁ । ତୁ ତାକୁ ଫେରେଇଦେଲୁ କାହିଁକି ? ସରକାର ଯାହା କରୁଛନ୍ତି, ତମରିମାନଙ୍କ ମଙ୍ଗଳ ପାଇଁ ।

ଚଞ୍ଚଳା : ଗୋଟାଏ ଇନ୍ଦିରାଆବାସ ଲାଗି ଦଉଡି ଦଉଡି ଗୋଡରୁ ପାଣିମଲା । କେହି ଶୁଣିଲେ ନାହିଁ । ଶେଷକୁ ମୋ ବିପିଏଲ କାଗଜଟା ବି ହଜେଇ ଦେଲେ ।

ଈଶ୍ୱର : ସିଏ ଆଗ ସରପଞ୍ଚ ଅମଳରେ ଯାହା କେଳେଙ୍କାରି ହେଇଛି ହେଇଛି । ଆଉ ସେ ଭୁଲ ହବନାହିଁ । ମୁଁ ଜବାବ ଦଉଛି । ଆଉଥରେ Apply କର ।

ଚଞ୍ଚଳା : ସରପଞ୍ଚବାବୁ, କରୋନାରେ କପିଳା ମଲା । ଆମ ପରିବାରକୁ କିଛି ଟଙ୍କା... ମାନେ କ୍ଷତିପୂରଣ ମିଳିବନି ?

ଈଶ୍ୱର : ଶବଟା ଛୁଇଁବୁନି, ଅଥଚ କ୍ଷତିପୂରଣ ନବୁ ! ତୁ ଏକା ଚତୁର ... !

ଚଞ୍ଚଳା : ଏମିତି କ'ଣ ହଉନି ! ମଲାଲୋକ ତ ପୁଣି ବିପିଏଲ ଚଉଳ ଖାଉଛନ୍ତି !

ଈଶ୍ୱର : କୋଉଠି କ'ଣ ହଉଛି ମୁଁ ଜାଣେନି । ତେବେ ଏ ଈଶ୍ୱର ନାୟକର ପଞ୍ଚାୟତରେ ସେମିତି କିଛି ହବନି ।

ଚଞ୍ଚଳା : ସରକାର ତ ଟଙ୍କା ଦଉଛନ୍ତି, ତମ ହାତରୁ କ'ଣ ପଡୁଛି !

ଈଶ୍ୱର : ଏଇ ମାଗଣା ଖାଇବାଗୁଣ ପାଇଁ ତମ ଗରିବୀ କେବେ ହଟିବନି । ତମମାନଙ୍କ ଦେହସାରା ସେଇ ଗରିବୀ ଭୂତାଣୁଟା ଛାଇହୋଇଯାଇଛି ।

Digitized by PPRACHIN, SOA

ଚଞ୍ଚଳା : ହଉ ହେଲା, ସବୁ ଭୁଲ୍ ମୋର । କ'ଣ ଟିକିଏ ମୋ ଉପରେ ଦୟା କରନ୍ତୁ । ପିଲା କବିଲା ନେଇ ମୁଁ କେମିତି ଚଳିବି ।

ଈଶ୍ୱର : ବିପିଏଲ୍ ପାଇଁ ଆଉଥରେ ଦରଖାସ୍ତ କର । ଇନ୍ଦିରାଆବାସ ପାଇଁ ମଧ୍ୟ । ମୁଁ ଜବାବ ଦଉଛି, ଏଥର ତୋର ନିଶ୍ଚୟ ହବ ।

ଚଞ୍ଚଳା : ସେତିକି ମୋ ଉପରେ ଆଶୀର୍ବାଦ କର ସରପଞ୍ଚବାବୁ । ମୁଁ ଆଉ କିଛି ଚାହୁଁନି ।

(ଯୋଡହସ୍ତରେ ଈଶ୍ୱରଙ୍କୁ ନମସ୍କାର କରୁଥିଲା ଚଞ୍ଚଳା ।)

♦

Digitized by PPRACHIN, SOA

ସପ୍ତମ ଦୃଶ୍ୟ

[ଇନ୍ଦ୍ରଲୋକ, ପରସ୍ପର ବିପରୀତ ଦିଗରୁ ନାଚିନାଚି ନର୍ତ୍ତକ ଓ ନର୍ତ୍ତକୀ ପ୍ରବେଶ କରିଛନ୍ତି ।]

ନର୍ତ୍ତକ: ବାଘକୁ ମାଇଲି ଟେକା
ଛନ୍ନଛନ୍ନ ଦିଶୁ ନରବସିକା
ନବ ରସିକାଲୋ, ଅଳି ମୋର କର ରକ୍ଷା ।

ନର୍ତ୍ତକୀ: ନଈରେ ମଲା ବାଳିଆ
କେତେ ରଂଗେ କଥା କହୁ କାଳିଆ
କହୁ କାଳିଆରେ, ସରୁ ଚଟକଣା ଖିଆ ।
(ବିନୋଦବିହାରୀ ଦାସଙ୍କ ସାରଳା ରତ୍ନଭଣ୍ଡାର-୩ୟ ଖଣ୍ଡରୁ ସଂଗୃହୀତ)

ନର୍ତ୍ତକ : ଆଲୋ ରଂଗେଇ ରାଧା
ତୋ ବିନେ ମୋ ଜୀବନ ଅଧା
ଆହା ମୋ ରସସାଗର, ଦେଖାନି ଫେର ...

ନର୍ତ୍ତକୀ: ଆହା ମୋ ନଟ ନାଗର
ଦେଖାନି ଆଉ ଘତର
ହୁଏ ଉଚ୍ଛୁର, ଘଲେ ଯିବା ଯମପୁର ...
(ନାଚିନାଚି ପଶ୍ଚାତଦେଶକୁ ଯାଇ ପ୍ଲାକକାର୍ଡରେ ଲେଖାଥିବା 'ଇନ୍ଦ୍ରଲୋକ'କୁ ଆଣି ଯଥାସ୍ଥାନରେ ରଖି ବାହାରିଯାଇଛନ୍ତି ।)

ଇନ୍ଦ୍ର : ବୈଦ୍ୟରାଜ, ଏ ବ୍ୟାଧି କେତେଦିନ ଲାଗିରହିବ ?

ବୈଦ୍ୟରାଜ : ଯେ ପର୍ଯ୍ୟନ୍ତ KK ଏ ସ୍ୱର୍ଗରୁ ନ ଯାଇଛି । ତା'ରି ପାଇଁ କରୋନା ସଂକ୍ରମଣ ବଢିଘଲିଛି ।

Digitized by PPRACHIN, SOA

ଇନ୍ଦ୍ର : ତାକୁ ଏଠୁ ବାହାର କରିବାର ଉପାୟ ମୁଁ କରିସାରିଛି । ସେ ଖାଲି ଥରେ ମୋ ଦରବାରରେ ପହଞ୍ଚିଯାଉ ।

ବୈଦ୍ୟରାଜ : ଲୋକଟା ଭାରି ଧୂର୍ତ୍ତ । ଆମକୁ ଚତୁରତାର ସହ ଆଗେଇବାକୁ ହେବ ।

ଇନ୍ଦ୍ର : ସବୁ ବନ୍ଦୋବସ୍ତ ହୋଇସାରିଛି । ନର୍ତ୍ତକୀ ମେନକାକୁ ମଧ୍ୟ କୁହାସରିଛି । ତା'ରି ହାତରେ ସେ ଦୁର୍ବଳ ହେବ । ସେଇ ଅବସରରେ ଆମେ ତାକୁ ମର୍ତ୍ତ୍ୟମଣ୍ଡଳକୁ ଫିଙ୍ଗିଦେବା ।

ବୈଦ୍ୟରାଜ : ସ୍ୱର୍ଗର ଷାଠିଏ ଭାଗ କରୋନାରେ ଆକ୍ରାନ୍ତ । ଦେବଗଣଙ୍କ ଯନ୍ତ୍ରଣା ଅସହ୍ୟ ହେଲାଣି ।

ଇନ୍ଦ୍ର : ଧର୍ମରାଜଙ୍କ ଗୋଟିଏ ଭୁଲ୍‌ପାଇଁ ଆମକୁ ବହୁତ ମୂଲ୍ୟ ଦେବାକୁ ପଡୁଛି ।

ବୈଦ୍ୟରାଜ : ମୋ ବିଚାରରେ ସ୍ୱର୍ଗକୁ ଦୁଇସପ୍ତାହ ପାଇଁ ଲକ୍‌ଡାଉନ୍ ଘୋଷଣା କରନ୍ତୁ । ଆମୋଦପ୍ରମୋଦ ଆସର ଉପରେ ରୋକ୍ ଲଗାଯାଉ । ଦେବଗଣଙ୍କ ସଭା ଆଉ ମେଳିକୁ ନିଷିଦ୍ଧ କରାଯାଉ । ତା' ନହେଲେ, ଏ ରୋଗ ଆହୁରି କାୟାବିସ୍ତାର କରିଚାଲିବ ।

ଇନ୍ଦ୍ର : ତାହାହିଁ ହେବ ବୈଦ୍ୟରାଜ ଅଶ୍ୱିନୀକୁମାର ।

ପ୍ରହରୀ : (ପ୍ରବେଶ କରି) ଦେବରାଜଙ୍କୁ ପ୍ରଣାମ ।

ଇନ୍ଦ୍ର : କିଛି ବିଶେଷ ସମ୍ବାଦ, ପ୍ରହରୀ ?

ପ୍ରହରୀ : ଅପସରା ମେନକା ଆପଣଙ୍କ ଦର୍ଶନ ଅପେକ୍ଷାରେ ...

ଇନ୍ଦ୍ର : ତାଙ୍କୁ ଆସିବାକୁ ଦିଅ ।

ପ୍ରହରୀ : ଯଥା, ଆଜ୍ଞା, ଦେବରାଜ (ପ୍ରସ୍ଥାନ)

ମେନକା : (ପ୍ରବେଶ କରି) ଦେବରାଜଙ୍କୁ ପ୍ରଣାମ । ବୈଦ୍ୟରାଜ ଅଶ୍ୱିନୀକୁମାରଙ୍କୁ ପ୍ରଣିପାତ ।

ଇନ୍ଦ୍ର : ମେନକା, ଯାହା ଯେମିତି କହିଛି ସବୁ ମନେଅଛି ତ ?

ମେନକା : ମୋ ଉପରେ ବିଶ୍ୱାସ ରଖନ୍ତୁ । କ୍ଷେତ୍ର ଉପରେ ତାହାର ଚାକ୍ଷୁସ ପ୍ରମାଣ ପାଇବେ ।

Digitized by PPRACHIN, SOA

ବୈଦ୍ୟରାଜ : ଦେବରାଜ, କିନ୍ତୁ KKକୁ

ମେନକା : ବୈଦ୍ୟରାଜ, ସେସବୁ ମୋ ଉପରେ ଛାଡ଼ିଦିଅନ୍ତୁ । ତାକୁ ଖେଳେଇ ଖେଳେଇ ମୁଁ ମୋହଗ୍ରସ୍ତ କରିବି । ଆଉ ତା'ପରେ ଆମର ଉଦ୍ଦେଶ୍ୟ ସିଦ୍ଧି ।

ଇନ୍ଦ୍ର : ଧର୍ମରାଜ କାହିଁକି ବିଳମ୍ବ କରୁଛନ୍ତି । ସେ ତ ସାଙ୍ଗରେ KKକୁ ଧରି ଆସିବା କଥା । ସମୟ ଗଡ଼ିଯାଉଛି ...

ବୈଦ୍ୟରାଜ : ଧର୍ମରାଜଙ୍କର ସେ ଭୁଲ୍ ଆଉ ହେବନି । ସେ ଯଥା ସମୟରେ ଉପସ୍ଥିତ ହେବେ ।

ଇନ୍ଦ୍ର : ତା'ହେଲେ ମେନକା –

(ନୃତ୍ୟ ଆରମ୍ଭ କରିଛି ମେନକା । ଇତିମଧ୍ୟରେ ପ୍ରହରୀ ଆସି ଇନ୍ଦ୍ରଙ୍କ କାନ ପାଖରେ ସମ୍ବାଦ ଦେଇଛି । ଦେବରାଜ ସେମାନଙ୍କୁ ନେଇଆସିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରହରୀ ଚାଲିଯାଇଛି । ପ୍ରବେଶ କରିଛନ୍ତି ଯମରାଜ ଆଉ KK, ମେନକାର ନୃତ୍ୟରେ ହଜିଯାଇଛି KK ମେନକା ସହିତ ନାଚିବାକୁ ଉଦ୍ୟତ ହେଲାବେଳେ ବାଧା ଦେଇଛନ୍ତି ଯମରାଜ । ନୃତ୍ୟବନ୍ଦ ହୋଇଛି ।)

ଯମରାଜ : ସାମାନ୍ୟ ଶିଷ୍ଟାଚାର ଭୁଲିଯାଉଛ KK ଏଇଟା ଦେବରାଜଙ୍କ ଦରବାର ।

କପିଳ : ହାଲୋ ହାଏ Everybody, I am KK ବଲିଉଡ୍ ଓ ଓଲିଉଡ୍‌ର ହିରୋ

(ହାତ ମିଳାଇବାକୁ ଗଲାବେଳେ ବାଧାଦେଇଛନ୍ତି ବୈଦ୍ୟରାଜ)

ବୈଦ୍ୟରାଜ : ଏ କ'ଣ କରୁଛ KK ! ତମେ କରୋନାରେ ପୀଡ଼ିତ ... ହାତ ମିଳାଇବା ମନା । ପାରିବ ତ ନମସ୍କାର କର ।

ଯମରାଜ : ହଁ, KK ବୈଦ୍ୟରାଜ ଅଶ୍ୱିନୀକୁମାର ଠିକ୍ କହୁଛନ୍ତି ...

କପିଳ : ଓ, ଇଏ ତାହେଲେ ତମ ଏଠିକା CDMO ? ଠିକ୍ ଅଛି ...

(ହାତକୁ କ୍ୟାମେରା ଫ୍ରେମ କରି ସୁଟିଙ୍ଗ୍‌ରେ ବ୍ୟସ୍ତ KK ମେନକା ମୁହଁ ଉପରେ ଫ୍ରେମ ରହିଛି । ମେନକା ମୁଖମଣ୍ଡଳରେ ପ୍ରେମର ଇସାରା, ଚିତ୍କାର କରି ଉଠିଛି KK)

Digitized by PPRACHIN, SOA

ପାଇଗଲି... ପାଇଗଲି.... ମୋ ସିନେମା ପାଇଁ ହିରୋଇନ୍ ପାଇଯାଇଛି ।

ବୈଦ୍ୟରାଜ୍ୟ : KK, ଦେବରାଜଙ୍କ ଦରବାରରେ ବାଚାଳତା ପ୍ରଦର୍ଶନ କରନି ।

କପିଳ : KK ଆଜିଯାଏ କାହା ପାଖରେ ନତମସ୍ତକ ହୋଇନାହିଁ । (ଦେବରାଜଙ୍କ ଉପରେ ଫ୍ରେମ୍ ରଖି) ଦେବରାଜ, ତମେ ହେବ ହିରୋଇନ୍‌ର ବାପା, ଆଉ ମିଷ୍ଟର ଯମରାଜ ହବ ଭିଲେନ୍, dear Doctor (ବୈଦ୍ୟରାଜଙ୍କୁ) ତମ ପାଇଁ ଛୋଟମୋଟ କିଛି ଗୋଟାଏ ରୋଲ କରେଇଦବା ।

ଯମରାଜ : KK, ଦେବରାଜଙ୍କ ଦରବାରରେ କୌଣସି ପ୍ରକାର ପାଗଳାମି କରନି ।

କପିଳ : You, shut up! (ଇନ୍ଦ୍ରଙ୍କ ପାଖକୁ ଆଗେଇଯାଇ) dear ଇନ୍ଦ୍ର, ଆଜିକ ପାଇଁ ତମ ସିଂହାସନଟା ମତେ ଦିଅ । ଆଉ ଦେଖ, ମୁଁ କ'ଣ କରୁଛି....

ବୈଦ୍ୟରାଜ : KK, ତମେ ସୀମା ଟପିଯାଉଛ ...

କପିଳ : ଫାଲ୍‌ତୁ କଥାବାର୍ତ୍ତା ବନ୍ଦକର । ଆଜି ମୁଁ କହିବି... ତମେମାନେ କେବଳ ଶୁଣିବ..., ଡକ୍ଟର, ତମର ଏଠି Doctors Brandy ମିଳେ ?

(ଗ୍ଲାସ୍‌ରେ ପାନୀୟ ଧରି ପରିବେଷଣ କରିଛି ମେନକା KKକୁ)

ଯମରାଜ : ଅପ୍‌ସରା ମେନକା –

(ନିରବ ରହିବାକୁ ଇଙ୍ଗିତ ଦେଇଛନ୍ତି ଇନ୍ଦ୍ର)

କପିଳ : ମୁଁ ଜାଣିଥିଲି, ମେନକା ତମେ ହିଁ ମୋର ମନକଥା ବୁଝିପାରିବ । ଆରେ ହିରୋର ମନକଥା ହିରୋଇନ୍ ବୁଝିବନି ତ ଆଉ କିଏ ବୁଝିବ ? Many Many Thanks my dear ମେନକା... ପିଇ ଚାଲିଥିଲା KK, ଟଳି ଟଳି ପଡ଼ିଯିବାକୁ ବସିଥିଲାବେଳେ ଦଉଡି ତା ଉପରକୁ ଫିଙ୍ଗି ବନ୍ଦୀ କରିଛନ୍ତି ଯମରାଜ ।

ଇନ୍ଦ୍ର : KK, ଏଥର ତମର ଖେଳ ସରିଛି । ଧର୍ମରାଜ, ଏଇଟାକୁ ମର୍ତ୍ତ୍ୟମଣ୍ଡଳକୁ ଫିଙ୍ଗିଦିଅନ୍ତୁ ।

ଯମରାଜ : ଦେବରାଜ, ଆପଣଙ୍କ ପାଖରେ ଆମେ ସମସ୍ତେ ଋଣୀ । ଏ ଦୁଷ୍ଟ ପୁଣି ସେଇ କରୋନା ସେଣ୍ଟରକୁ ଫେରିଯିବ । ଶେଷ ଗ୍ରାମପଞ୍ଚାୟତ ସେଣ୍ଟର...

Digitized by PPRACHIN, SOA

ବୈଦ୍ୟରାଜ : ଯଥାଶୀଘ୍ର ସ୍ୱର୍ଗରାଜ୍ୟକୁ ବିଶୋଧନ କରାଇବା ବ୍ୟବସ୍ଥା କରନ୍ତୁ । ଅନ୍ତତଃ ଦୁଇସପ୍ତାହ ପାଇଁ ସ୍ୱର୍ଗରାଜ୍ୟ ଲକ୍‌ଡାଉନ୍ ହେଉ ।

ଇନ୍ଦ୍ର : ତାହାହିଁ ହେବ । ଏତେଦିନ ପରେ ଦେବଲୋକରେ ଶାନ୍ତି ଆସିଛି । ଏହା ହେଉଛି ଉତ୍ସବର ସମୟ ...

ବୈଦ୍ୟରାଜ : ସେ ଭୁଲ କରନ୍ତୁ ନାହିଁ, ଏ କରୋନା ବଡ଼ ସାଂଘାତିକ ବେମାରି । ମିଳାମିଶା, ନାଚଗୀତ, ଆସର ସବୁ ବନ୍ଦ । ସଂଗରୋଧ ହିଁ ଏହାପାଇଁ ଜରୁରୀ । ଆମ ସମସ୍ତଙ୍କୁ ଏକ ମିଟର ବ୍ୟବଧାନରେ ରହିବାକୁ ହେବ ।

ଯମରାଜ : ହଁ, ଦେବରାଜ... ଏହାହିଁ ମର୍ତ୍ତ୍ୟମଣ୍ଡଳରେ ଚାଲିଛି । ମତେ ଏଥର ବିଦାୟ ଦିଅନ୍ତୁ ... (ଆଗେ ଆଗେ ଯମରାଜ, ପଛେ ପଛେ ଦଉଡିରେ ବନ୍ଦୀ ଅବସ୍ଥାରେ ତାଙ୍କର ଅନୁଗମନ କରିଛି KK)

ଇନ୍ଦ୍ର : ନର୍ତ୍ତକୀ ମେନକା ପୁଣିଥରେ ସ୍ୱର୍ଗରାଜ୍ୟକୁ ଉଦ୍ଧାର କରିଥିବାରୁ ସମସ୍ତ ଦେବଗଣ ତୁମ ନିକଟରେ କୃତଜ୍ଞ ....

(ଦେବଗଣଙ୍କ ଅଭିବାଦନ ଗ୍ରହଣ କରୁଥିଲେ ମେନକା)

ଗ୍ରନ୍ଥିମୋଚନ

[ମଞ୍ଚରେ ଥିଲା ସେଇ ସମାନ ପ୍ଲାକକାର୍ଡ । ସେଥିରେ ଲେଖାଥିଲା 'ପଞ୍ଚାୟତ ସେଣ୍ଟର' । ତା'ଆଗରେ ରହିଥିଲା ଏକ ବ୍ଲକ୍ । ତା'ଉପରେ ଶୋଇଥିଲା କପିଳ ଅର୍ଥାତ୍ KK ...]

ଘୋଷଣା : ପଞ୍ଚାୟତ କ୍ୱାରେଣ୍ଟାଇନ ସେଣ୍ଟରରେ ବାରଜଣ ରୋଗୀଙ୍କ ସ୍ୱାବ ପରୀକ୍ଷା କରାଯାଇଥିଲା, ସେଥିରେ କେବଳ ଜଣେ ରୋଗୀ ପଜିଟିଭ୍ ବୋଲି ଜଣାପଡିଛି । ଏଇ କରୋନା ପଜିଟିଭ୍ ରୋଗୀ ଜଣକ ହେଉଛି KK ଓରଫ କପିଳ କୁମାର ....

(ଧୀରେ ଧୀରେ ଆଲୋକ ନିଷ୍ପ୍ରଭ ହୋଇଛି)

●

Digitized by PPRACHIN, SOA

ପ୍ଲେଗ୍

ପ୍ରଥମ ଦୃଶ୍ୟ

[ସାହିତ୍ୟ ଏକାଡ଼େମୀ ସଭାପତିଙ୍କ ଅଫିସ୍ ରୁମ୍ । ସଭାପତିଙ୍କ ଆସନ ସମ୍ମୁଖରେ ଏକ ଟେବୁଲ୍ ଉପରେ ସୁସଜ୍ଜିତ ଅବସ୍ଥାରେ ରଖାଯାଇଥିଲା ସରସ୍ୱତୀଙ୍କ ଫଟୋଚିତ୍ର । ଫଟୋ ସମ୍ମୁଖରେ ଦଣ୍ଡାୟମାନ ଥିଲା ସଭାପତିଙ୍କ ମସ୍ତିଷ୍କବିକୃତ ପୁତ୍ର ମୂଷିକ]

ମୂଷିକ : ଦେବୀ, ଦିଅ... । ଏତେ କହିଲିଣି .. ଗୋଟେ ବି ଦଉନା । ନଇଲେ ତମ ଭୋଗଯାକ ସବୁ ଖାଇଦେବି ।

ପରମଗୁରୁ : (ପ୍ରବେଶ କରି) ଆହେ ମୂଷିକବାବୁ, ସାର୍ ନାହାନ୍ତି । ତମେ ଏଠି କ'ଣ କରୁଛ ?

ମୂଷିକ : ସରସ୍ୱତୀଙ୍କୁ ମାଗୁଛି । ସିଏ ଦଉନି ..।

ପରମଗୁରୁ : ବାପାଙ୍କର କ'ଣ ଅଭାବ ଅଛି, ତମେ ଆହୁରି ମାଗୁଛ । ଆଚ୍ଛା, କ'ଣଟା ମାଗୁଛ, କହିଲ ।

ମୂଷିକ : ମୋର ଗୋଟାଏ ପୁରସ୍କାର ଦରକାର ।

ପରମଗୁରୁ : (ହସି) ଆହେ ମୂଷିକବାବୁ, ତମକୁ ଏ ରୋଗ କେବେଠାରୁ ଧରିଲା ? ବାପା ତମର ସାହିତ୍ୟ ଏକାଡ଼େମୀ ସଭାପତି । ତାଙ୍କ ପାଖକୁ ଯେତିକି ଲୋକଆସନ୍ତି, ସମସ୍ତଙ୍କର କିଛି ନା କିଛି ପୁରସ୍କାର ଦରକାର, ହେଲେ...

ମୂଷିକ : ମୋର ବି ସେଇଥିରୁ ଗୋଟାଏ ଦରକାର ।

ପରମଗୁରୁ : ହେଲେ, ଏଠି ବାଗ୍‌ଦେବୀଙ୍କ ଫଟୋକୁ କହିଲେ, ସିଏ କ'ଣ ତମକୁ ପୁରସ୍କାରଟା ଦେଇ ପକେଇବେ । ତା'ପରେ ସାହିତ୍ୟ ଏକାଡ଼େମୀ ପୁରସ୍କାରଟା ପିଜୁଳି କି କମଳା ହେଇନି ଗଛରୁ ତୋଳିଆଣି ଦେଇଦେବେ ।

Digitized by PPRACHIN, SOA

ମୂଷିକ : ବାବା ତ ସଦାବେଳେ ୟା'ଙ୍କୁ ପୂଜା କରିଥାନ୍ତି ।

ପରମଗୁରୁ : ମୂଷିକବାବୁ, ତମେ ପିଲାଲୋକ । ବାପା ତମର ମହାନ୍ ପଣ୍ଡିତ । ତାଙ୍କ ବଚନ ବେଦରଗାର । ନ ଜାଣି ତମ ଜେଜେ ତାଙ୍କ ନାଁ ରଖିଛନ୍ତି ଗାଲମାଧବ ଶତପଥୀ । ଚାଲ ଘରକୁ ଯିବା ଚାଲ । କେତେବେଳେ ଆସି ସାର୍ ପହଞ୍ଚିଯିବେ । ମୋ ଅବସ୍ଥା ଦି'ଗଣ୍ଡା ଦି'କଡ଼ା ହୋଇଯିବ ।

ମୂଷିକ : ନା, ପରମା, ନା... ମୁଁ ଜମା ଯିବିନି । ପୁରସ୍କାର ନେଲେ ଯାଇ ଯିବି । (ମୂଷିକ ସରସ୍ୱତୀଙ୍କ ଫଟୋ ଧରିଛି ନେବାପାଇଁ । ବାଧା ଦେଇଛି ପରମଗୁରୁ)

ପରମଗୁରୁ : ମୂଷିକବାବୁ, ରଖିଦିଅ । ସେଇଟା ଖେଳିବା ଜିନିଷ ନୁହେଁ ।

ମୂଷିକ : ନା ପରମା ନା ...।

ପରମଗୁରୁ : କେତେଥର କହିଛି, 'ପରମା' ବୋଲି ଡାକିବନି । ମୁଁ ପରମଗୁରୁ । ବାବୁ ମୂଷିକ, ଫଟୋଟା ରଖିଦିଅ ।

ମୂଷିକ : ନା, କେବେ ନୁହେଁ (ମୂଷିକକୁ ଧରିବାକୁ ଚେଷ୍ଟା କରିଛନ୍ତି ପରମଗୁରୁ । ଗୋଡ଼ାଗୋଡ଼ି ହେଇଛନ୍ତି) ।

ପରମଗୁରୁ : ଆବେ ମୂଷା, ଭଲରେ କହୁଛି, ଫଟୋ ରଖିଦେ । ନ ହେଲେ ତତେ ଯନ୍ତାରେ ପୂରେଇଦେବି ।

(ମୂଷିକ ଦାନ୍ତ ନିକୁଟି ଖତେଇ ହୋଇଛି)

ପରମଗୁରୁ : ଆବେ ଗାଲୁଆପୁଅ ମୂଷା, ତତେ ନେହୁରା ହେଉଛି, ଫଟୋଟା ରଖିଦେ । ମୋ ଚାକିରି ଚାଲିଯିବରେ । ମୋ ବାପାଟା ପରା ! ମୁଁ କଥା ଦଉଛି, ତତେ ନିଶ୍ଚୟ ସାହିତ୍ୟ ଏକାଡ଼େମୀ ପୁରସ୍କାର ମିଳିବ । ଅସରପା, ଓଡ଼ଶ ଯେତେବେଳେ ପୁରସ୍କାର ପାଇଲେଣି, ତୁ କାହିଁକି ନ ପାଇବୁ ।

ମୂଷିକ : ସତ କହୁଛୁ, ମତେ ମିଳିବ ?

ପରମଗୁରୁ : ସାହିତ୍ୟ ଏକାଡ଼େମୀ ପ୍ରେସିଡେଣ୍ଟ୍ ଗାଲମାଧବ ଶତପଥୀଙ୍କ ପିଅନ ପରମଗୁରୁ ଏ ଜବାବ୍ ତମକୁ ଦଉଛି । ଚଳିତ ବର୍ଷ ସାହିତ୍ୟ ଏକାଡ଼େମୀ ପୁରସ୍କାର ମୂଷିକ ଶତପଥୀ ପାଇବେ ।

Digitized by PPRACHIN, SOA

ମୂଷିକ : ପରମା, ତୁ କେତେ ଭଲ !

ପରମଗୁରୁ : ହଉ, ଏଥର ଯାଆନ୍ତୁ । ତିନିଦିନ ପରେ ଏକାଡ଼େମୀ ମିଟିଙ୍ଗ୍ । ବାପାଙ୍କୁ କହି ମୁଁ ଗୋଟାଏ ଛୋଟିଆ ପୁରସ୍କାର କରେଇଦେବି ।

ମୂଷିକ : ବାଏ ... ପରମା ... ବାଏ ... (ଚାଲିଯାଇଛି)

ପରମଗୁରୁ : କି ସାଂଘାତିକ ଏ ମୂଷାଛୁଆ । ବାପରେ ବାପ୍ । ମଣିଷକୁ ଟିକିଏ ଶାନ୍ତିରେ ରଖେଇ ଦେବେନି ଏମାନେ ।

(କ୍ଳାନ୍ତ ଭାବେ ଗୋଟିଏ ଚେୟାରରେ ବସିପଡ଼ିଛନ୍ତି)

♦

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ସାହିତ୍ୟ ଏକାଡ଼େମୀ ସଭାପତିଙ୍କ ଅଫିସରୁମ୍ । ଟେବୁଲ ଉପରେ ମଥା ରଖି କ୍ଳାନ୍ତଭାବେ ଶୋଇଯାଇଥିଲେ ସଭାପତି । ଝାପ୍‌ସା ଅନ୍ଧାର । ଆସିଛନ୍ତି ଶୁଭ୍ରପୋଷାକଧାରୀ ଜଣେ ବୃଦ୍ଧ । ଏଇ ବୃଦ୍ଧ ଜଣେ ମୃତ ମୁଖ୍ୟମନ୍ତ୍ରୀ]

ମୁଖ୍ୟମନ୍ତ୍ରୀ : ପ୍ରେସିଡେଣ୍ଟ୍... ! ହୋ ପ୍ରେସିଡେଣ୍ଟ... ! ବେଶ୍ ନିଶ୍ଚିନ୍ତ ହୋଇ ତ ତମେ ଶୋଇପାରୁଛ ! ହୋ ଗାଲମାଧବ !

ଗାଲମାଧବ : (ଆଖି ମଳି ମଳି) କିଏ... ? ଏତେ ରାତିରେ ... ! କିଏ ... କିଏ... ତମେ ?

ମୁଖ୍ୟମନ୍ତ୍ରୀ : କୁର୍ସି ଉପରେ ବସିଗଲା ପରେ ମଣିଷଗୁଡ଼ାକ ଅତୀତକୁ ଭୁଲିଯାଆନ୍ତି । ମତେ ଚିହ୍ନିପାରୁନ ?

ଗାଲମାଧବ : ଦିନରାତି ଲୋକ ଚଲିଛନ୍ତି । ସମସ୍ତଙ୍କର ପୁରସ୍କାର ଦରକାର । ସେଥିରେ ପୁଣି କଲ୍‌ଚର ମନ୍ତ୍ରୀ ଧମକ ଦେଇଛନ୍ତି, ତାଙ୍କ ଲୋକ ପୁରସ୍କାର ନ ପାଇଲେ ଏକାଡ଼େମୀକୁ ଗ୍ରାଣ୍ଟବନ୍ଦ କରିଦେବେ !

ମୁଖ୍ୟମନ୍ତ୍ରୀ : ଦେଇଦିଅ, କାଠଫାଳିଆ ଖଣ୍ଡେ କି ମେଟାଲ ଖଣ୍ଡେ ତ ଦେଉଛ ।

ଗାଲମାଧବ : ଟଙ୍କା ତ କମ୍ ଦଉନୁ !

ମୁଖ୍ୟମନ୍ତ୍ରୀ : ମାର ଗୁଳି ତମ ଟଙ୍କାକୁ । ଏଇଥିଲାଗି ତା'ହେଲେ ତମକୁ ଏ କୁର୍ସି ଉପରେ ବସେଇଥିଲି ?

ଗାଲମାଧବ : ସାର୍, ଆପଣ ?

ମୁଖ୍ୟମନ୍ତ୍ରୀ : ହଁ, ଆଉ କାହିଁକି ଚିହ୍ନିବ । କାମ ସରିଲା ପରେ କିଏ କାହାକୁ ପଚରେ !

ଗାଲମାଧବ : ସାର୍, ଆପଣଙ୍କ କଣ୍ଠସ୍ୱର କହିଦଉଛି, ଆପଣ ଆମର ସ୍ୱର୍ଗତ ମୁଖ୍ୟମନ୍ତ୍ରୀ ।

ମୁଖ୍ୟମନ୍ତ୍ରୀ : ହଁ, ତମେ ଠିକ୍ ଚିହ୍ନିପାରିଛ, ମୁଁ ତୁମର ସେହି ପୂର୍ବତନ ମୁଖ୍ୟମନ୍ତ୍ରୀ ।

Digitized by PPRACHIN, SOA

ଗାଲମାଧବ : ସାର୍, ଆପଣ ତ ମରି ସାରିଛନ୍ତି । ହେଲେ -

ମୁଖ୍ୟମନ୍ତ୍ରୀ : ମୋର ଆତ୍ମା ଶାନ୍ତି ପାଇପାରି ନାହିଁ । ସେଇଥିପାଇଁ ମତେ ବାରମ୍ବାର ଏ ମର୍ତ୍ତ୍ୟମଣ୍ଡଳକୁ ଆସିବାକୁ ପଡୁଛି । ଆଉ ତମେ ଯେହେତୁ ମୋର ନିଜ ଲୋକ -

ଗାଲମାଧବ : କୁହନ୍ତୁ ସାର୍, ମୁଁ ଆପଣଙ୍କ ପାଇଁ କ'ଣ କରିପାରିବି ?

ମୁଖ୍ୟମନ୍ତ୍ରୀ : ମୋ ପାଇଁ ନୁହେଁ, ମୋର ଆତ୍ମାର ଶାନ୍ତି ପାଇଁ...।

ଗାଲମାଧବ : ଠିକ୍ ଅଛି, ମୁଁ ନିଶ୍ଚୟ କରିବି । କୁହନ୍ତୁ ।

ମୁଖ୍ୟମନ୍ତ୍ରୀ : ଗାଲମାଧବ, ମୋର ଗୋଟାଏ ସାହିତ୍ୟ ଏକାଡ଼େମୀ ପୁରସ୍କାର ଦରକାର ।

ଗାଲମାଧବ : (ହଠାତ୍ ଚମକିପଡ଼ି) ସାର୍ ... !

ମୁଖ୍ୟମନ୍ତ୍ରୀ : କ'ଣ ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଁ ମୁଁ ଅଯୋଗ୍ୟ ?

ଗାଲମାଧବ : ସେ କଥା ମୁଁ କହୁନି । ହେଲେ ଆପଣ ତ ମରିସାରିଛନ୍ତି । ପୁରସ୍କାରଟା ନେଇ କ'ଣ କରିବେ ? ତା'ପରେ ମୁଁ କେମିତି ବା ଦେବି ?

ମୁଖ୍ୟମନ୍ତ୍ରୀ : ମୋ ନାଁରେ ମରଣୋତ୍ତର ପୁରସ୍କାର ଦେବ । ଯେତେଦିନ ଯାଏ ମତେ ତମେ ପୁରସ୍କାର ନ ଦେଇଛ, ସେତେଦିନଯାଏ ମୁଁ ଏ ସାହିତ୍ୟ ଏକାଡ଼େମୀ ବାଉଣ୍ଡାରୀ ଚାରିପଟେ ଘୂରି ବୁଲୁଥିବି । ଦେଖିଲ ତ ତିରିଶି ତାରିଖ ମିଟିଙ୍ଗ୍‌ରେ ମେମ୍ବରମାନେ କେମିତି ତମ ଉପରେ ରାଗ ଶୁଝେଇଲେ !

ଗାଲମାଧବ : ସମସ୍ତେ ଏଠି ସ୍ୱାର୍ଥରେ ଅନ୍ଧ । କିଏ ମୁଖ୍ୟବକ୍ତା ହବ ତ କିଏ ମୁଖ୍ୟଅତିଥି ହେବ ! ଏଇ ମେମ୍ବରମାନେ ଯେମିତି ଏକାଡ଼େମୀଟାକୁ ଚେକି ଧରିଛନ୍ତି । ସମସ୍ତଙ୍କର ସେୟାର୍ ଦରକାର ।

ମୁଖ୍ୟମନ୍ତ୍ରୀ : ଗାଲମାଧବ, ଆହୁରି ଷ୍ଟ୍ରଙ୍ଗ୍ ହୁଅ । ବେଳକାଳ ଭଲ ନୁହେଁ ।

ଗାଲମାଧବ : ଏ ଚେୟାରରେ ବସିବା ଦିନଠାରୁ ମତେ ନିଦ ହଉନି । ଦେଖିନାହାନ୍ତି, ଘରଛାଡ଼ି ମୁଁ ଏଠି ଅଫିସ୍‌ରେ କାହିଁକି ରାତି କଟାଉଥାନ୍ତି । ରାତିଦିନ ଘରକୁ ଫୋନ୍ । ପୁରସ୍କାର ଦରକାର ।

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ : କାଠଫାଳିଆ କାଗଜ ଆଉ କନା ସଂଖ୍ୟା ବଢ଼େଇ ଦିଅ । କେତେ ବା ଖର୍ଚ୍ଚ ହେବ !

ଗାଲମାଧବ : ସେମିତି କଲେ, ପୁରସ୍କାରଟା ଶସ୍ତା ହୋଇଯିବ !

ମୁଖ୍ୟମନ୍ତ୍ରୀ : ତମ ଲୋକଗୁଡ଼ାକ କୋଉ ଦାମିକା ଯେ ! ଯିଏ ଖଣ୍ଡେ ବହି ଲେଖିଦେଲା, ତା'ର ଗୋଟାଏ ପୁରସ୍କାର ଦରକାର । କୁଲିଠାରୁ କଣ୍ଟ୍ରାକ୍ଟର ପର୍ଯ୍ୟନ୍ତ ସମସ୍ତଙ୍କର ପୁରସ୍କାର ଦରକାର ।

ଗାଲମାଧବ : ସାର୍, ସମସ୍ତେ କ'ଣ ଆପଣଙ୍କ ଭଳି ସାହିତ୍ୟିକ ହୋଇଛନ୍ତି । ଜୀବଦ୍ଦଶା ଭିତରେ ଏ ଦେଶର ଜନତା ଆପଣଙ୍କୁ କ'ଣ ଦେଲା ?

ମୁଖ୍ୟମନ୍ତ୍ରୀ : ସେଇଥିପାଇଁ ତ ମଲାପରେ ତ ତମପାଖକୁ ଆସିଛି । ମୋ ଅଶରୀରୀ ଆତ୍ମା ଏ ସାହିତ୍ୟ ଏକାଡ଼େମି ପାଚେରୀ କଡ଼ରେ ଚକ୍କର କାଟୁଛି କ'ଣ ପାଇଁ ?

ଗାଲମାଧବ : ସାର୍, ମତେ ଆପଣ ଏ କୁର୍ସି ଦେଇଛନ୍ତି । ମୁଁ ଏତିକି କରିପାରିବିନି ? ମୋ ଉପରେ ଭରସା ରଖନ୍ତୁ । ମରଣୋତ୍ତର ପୁରସ୍କାରଟା ଆପଣଙ୍କୁ ନିଶ୍ଚୟ ମିଳିବ ।

(ଦୁଆର ମୁହଁ ପାଖରେ ନାଚ ଆଉ ଗୀତର ଆଓ୍ୱାଜ ଶୁଭିଛି । ଉଭୟ କାନ ଡେରିଛନ୍ତି ।)

ଗାଲମାଧବ : ଏତେ ରାତିରେ କିଏ ଆସିଲା ?

ମୁଖ୍ୟମନ୍ତ୍ରୀ : ଦେଖି ଚାହିଁ କାରବାର କର । ସମୟଟା ଆଦୌ ଭଲ ନୁହେଁ ।

ଗାଲମାଧବ : ସାର୍, ଆପଣ ଭିତରେ ଲୁଚି ଯାଆନ୍ତୁ । କେହି ଯଦି ଦେଖିଦବ ...।

ମୁଖ୍ୟମନ୍ତ୍ରୀ : ଠିକ୍ ଅଛି, ମୁଁ ଯାଉଛି । ହେଲେ ମୋ ପୁରସ୍କାର କଥା ଯେମିତି ...

ଗାଲମାଧବ : ସାର୍, ଅଧୀନ ସେ ଭୁଲ୍ କରିବନି । ଯା'ହେଲେ ଆପଣ ମୋର ଅନ୍ନଦାତା ... ।

(ହାତଯୋଡ଼ି ନମସ୍କାର କରିଛନ୍ତି ଗାଲମାଧବ । ଚାଲିଯାଇଛନ୍ତି ମୁଖ୍ୟମନ୍ତ୍ରୀ । ଆସିଛନ୍ତି ବୃହନ୍ନଳା ଏବଂ ସାଥିରେ ତାଙ୍କର ବାୟକ,

Digitized by PPRACHIN, SOA

ଯାହାଙ୍କ କାନ୍ଧରେ ଝୁଲୁଥିଲା ଢୋଲ୍‌କି ...। ଘର ଭିତରେ ସେମାନେ ନୃତ୍ୟବାଦ୍ୟ ପରିବେଷଣ କରିଛନ୍ତି ।)

ଗାଲମାଧବ : ଏସବୁ ମୁଁ କିଛି ବୁଝିପାରୁନି । ଆପଣମାନେ କିଏ ?

ବୃହନ୍ନଳା : ଆମେ ହଉଛୁ 'ବୃହନ୍ନଳା'...

ଗାଲମାଧବ : କି ନଳା ?

ବାୟକ : ବୃହନ୍ନଳା । ଅଭିଶପ୍ତ ଅର୍ଜ୍ଜୁନ । ଆମ୍ଭେ ହଉଛୁ ତାଙ୍କ ବାୟକ ଶ୍ରୀ ...

ଗାଲମାଧବ : ଥାଉ, ହେଇଗଲା, ହଇବେ ହିଞ୍ଜଡ଼ା, ଆଉ କୋଉଠି ଗାଲୁପେଲିବାକୁ ଲୋକ ମିଳିଲେନି ।

ବୃହନ୍ନଳା : ମୁଖ ସମ୍ଭାଳି କଥୋପକଥନରେ ବ୍ୟାପୃତ ହୁଅ ।

ବାୟକ : କ୍ରୋଧ ଅନର୍ଥର କାରଣ । ରସନା ସଂଯତ କର, ସଭାପତି ମହାଭାଗ !

ଗାଲମାଧବ : ବାଜେ କଥା ବନ୍ଦକର । ରାତି ଅଧରେ ଆସି ମତେ ହଇରାଣ କରିବ ?

ବୃହନ୍ନଳା : ଦିନଯାକ ତ ଅତ୍ର ଭୀଷଣ ଭିଡ଼ । ରାତ୍ରକାଳ ନିରାପଦ ଭାବି ଆସିବା ହେଲୁ ।

ଗାଲମାଧବ : ହଉ, ଏଥର କହିବା ହୁଅନ୍ତୁ । କିସ ପାଇଁ ଏ ଶୁଭ ଆଗମନ ?

ବାୟକ : ବୃହନ୍ନଳାଙ୍କର ଗୋଟିଏ ପୁରସ୍କାର ଆବଶ୍ୟକ । ସାହିତ୍ୟ ଏକାଡ଼େମୀ ପୁରସ୍କାର ।

ଗାଲମାଧବ : (ହସି) ହିଞ୍ଜଡା ବି ଶେଷରେ ଏ ଦୌଡ଼ରେ ସାମିଲ୍ । ବାଃ ... ବାହାରେ ବାୟକ... !

ବାୟକ : 'ବୃହନ୍ନଳା' ହିଞ୍ଜଡା ନୁହନ୍ତି ।

ବୃହନ୍ନଳା : ବୃହନ୍ନଳା ବି ମଣିଷ । ସଭାପତି, ପୁରସ୍କାର ପାଇଁ ଆମ୍ଭେ କ'ଣ ଅଯୋଗ୍ୟ ?

ଗାଲମାଧବ : ଶାନ୍ତିରେ ଟିକିଏ ଶୋଇବି ବୋଲି ଏ ଜାଗାକୁ ପଳେଇଆସିଲି । ହେଲେ ଏଠି ବି ମତେ ...

Digitized by PPRACHIN, SOA

ବୃହନ୍ନଳା : ବାୟକଶ୍ରେଷ୍ଠ, ମୂତ୍ରାଗାରମ୍ ? ଆମ୍ଭେ ଗମନ କରିବୁ ।

ବାୟକ ସଭାପତି, ବୃହନ୍ନଳା ମୂତ୍ରାଗାର ଯିବେ । କୁତ୍ର ମୂତ୍ରାଗାରଃ ?

ଗାଲମାଧବ : ସେଇଟା କି ଜିନିଷ ?

ବୃହନ୍ନଳା : 'ବାୟକ' ... କିମ୍ କରିଷ୍ୟାମି ?

ଗାଲମାଧବ : ଏସବୁ ପେଖନା ଏଠି ଚଳିବନି । ଯାଅ ...

ବାୟକ ସଭାପତି, ବୃହନ୍ନଳା ମୂତ୍ରାଗାର ଯିବେ 'ମୂତ୍ରାଗାର' ?

ଗାଲମାଧବ : ମୂତ୍ରାଗାର କ'ଣ ?

ବୃହନ୍ନଳା : (ସାନ ପାସ୍‌ର ସଂକେତ ଆଙ୍ଗୁଳିରେ)

ଗାଲମାଧବ : ଓ ୟୁରିନାଲ୍ । ସେ କଥା ନ କହି ମୂତ୍ରାଗାର... ମୂତ୍ରାଗାର ହଉଛ ! ସେପଟେ ପୁରୁଷଙ୍କ ପାଇଁ । ଏପଟେ ମହିଳାଙ୍କ ପାଇଁ ହେଲେ ତମର କୋଉପଟ ?

ବାୟକ : ବୃହନ୍ନଳା ଉଭୟପଟେ ପ୍ରବେଶ କରିପାରିବେ । କାରଣ ସେ ଉଭୟର ସମ୍ମିଶ୍ରଣ । ପୁରୁଷ ଆଉ ନାରୀ ବି । (ତରବର ହୋଇ ବୃହନ୍ନଳା ଚାଲିଯାଇଛନ୍ତି)

ଗାଲମାଧବ : ହଇହୋ ବାୟକ, ଆଉ କେହି ଲୋକ ମିଳିଲେନି ? ଏ ଦୋମିଶାକୁ ସାଙ୍ଗରେ ଧରି କି ଯାତରା ଚଳେଇଛ ?

ବାୟକ : ବିଶ୍ୱାସ କର, ସଭାପତି । ପୁରସ୍କାର ପ୍ରାପ୍ତି ଅର୍ଥେ ବୃହନ୍ନଳା ଏଠାକୁ ଆଗମନ କରିଛନ୍ତି । ଆମ୍ଭେ ତାଙ୍କର ସହଚର ମାତ୍ର । ବାୟକଶ୍ରେଷ୍ଠ ।

ଗାଲମାଧବ : ପୁରସ୍କାରଟା କ'ଣ ଛେନା ନଡ଼ିଆ ପାଇଲ । ଯେତେବେଳେ ଯିଏ ଆସିବ ଚକଟି ଖାଇବ । ମୁଁ ଦେବି, ତମେ ଗିଳିବ ।

ବାୟକ : ବିରକ୍ତି ପରିହାର କରନ୍ତୁ, ମହାଭାଗ ।

ଗାଲମାଧବ : ଏଠି ପୁରସ୍କାର ଫୁରସ୍କାର କିଛି ମିଳିବନି । ଯାଅ ... ।

ବୃହନ୍ନଳା : (ପ୍ରବେଶ କରି) ଶାନ୍ତି ... ଶାନ୍ତି ... ! ଅହୋ ସଭାପତି, ତବ ମୂତ୍ରାଗାରଃ ଅତୀବ ଶୋଭନୀୟ । କି ସୁନ୍ଦର !

Digitized by PPRACHIN, SOA

ଗାଲମାଧବ : ହଉ, ସେତିକି ଥାଉ । ଏବେ ଯାଅ । ରାତି ବହୁତ ହେଲାଣି । ମତେ ଟିକେ ଶୋଇବାକୁ ଦିଅ ।

ବାୟକ : ସଭାପତି, ବୃହନ୍ନଳା ପୁରସ୍କାର ନ ନେଇ ଫେରିପାରିବେନି ।

ବୃହନ୍ନଳା : ଏହା ଅତ୍ୟନ୍ତ ସ୍ପଷ୍ଟ । ତେବେ ଆମ୍ଭେ ସେଇଥିପାଇଁ କୌଣସି ଅର୍ଥ ତୁମ୍ଭକୁ ଦେଇପାରିବୁ ନାହିଁ ।

ବାୟକ : ହଁ ସଭାପତି ମହାଶୟ, ପୁରସ୍କାରର ଅଧା ଅର୍ଥ ତମର । ବାକି ଅଧା ଆମର ।

ଗାଲମାଧବ : ମତେ କ'ଣ ବେପାରୀ ପାଇଲ କି ? କିସ ଭାବୁଛ ? ଜିଭ ଓପାଡ଼ି ପକାଇବି ।

ବାୟକ : ଆଚ୍ଛା ଠିକ୍ ଅଛି, ପୁରସ୍କାରର ପୂରା ଅର୍ଥ ତମେ ନିଅ । ହେଲେ କନା, କାଗଜ ଆଉ କାଠଫାଳିଆ ଆମର ।

ଗାଲମାଧବ : ସାହିତ୍ୟ ଏକାଡ଼େମୀ ପ୍ରେସିଡେଣ୍ଟଙ୍କୁ ଲାଞ୍ଚ ! ଜେଲ୍ ପଠେଇଦେବି । (ରାଗରେ)

ବୃହନ୍ନଳା : (ଗାଲମାଧବଙ୍କ ଗାଲରେ ଜୋରକରି ଚୁମ୍ବନ ଦେଇ) ମରିଯାଉଥାଏ ଲୋ ମା' ... ! ତୁମ୍ଭଙ୍କୁ କିଏ ନ ଚିହ୍ନେ । କ'ଣ ଭୁଲ୍ କହିଲି, ମହାଚିନ୍ତକ ମହାଶୟ ?

ଗାଲମାଧବ : ବୃହନ୍ନଳା । (ରାଗରେ ଥରି) ଜେଲ ପଠେଇଦେବି ।

ବହନ୍ନଳା : ଚୁପ୍, ତୁଚ୍ଛାର ମଣିଷ । ତୁମ୍ଭେ ସାହିତ୍ୟର ସଂକଟ । କୀଟ ! ହୁଁ, ଚିନ୍ତକ... ପୁଣି ମହାଚିନ୍ତକ !

ବାୟକ : ପ୍ରେସିଡେଣ୍ଟ ବୃହନ୍ନଳା ରାଗିଲେ ତମକୁ କଦାପି କ୍ଷମା ଦେବେନି । ତମେ ତ ପୁଣି ଧରାଧରି କରି ପ୍ରେସିଡ଼େଣ୍ଟ ହେଇଛ । କେତେ ମାଲ୍ ମନ୍ତ୍ରୀଙ୍କୁ ଦେଇଛ, ସେ କଥା କିଏ ନ ଜାଣେ । ପ୍ରତି ପୁରସ୍କାର ପିଛା କେତେ ନଉଛ, ସେ କଥା କାହାକୁ ବା ଅଜଣା ।

ଗାଲମାଧବ : 'ବାୟକ' (ରାଗରେ ଥରି) ।

Digitized by PPRACHIN, SOA

ବୃହନ୍ନଳା : ବାୟକ ସତ୍ୟ ପ୍ରକାଶ କରିଛନ୍ତି । କ୍ରୋଧ ସମ୍ବରଣ କର । ଅନ୍ୟଥା କ୍ରୋଧ ଶରୀର ପ୍ରତି କ୍ଷତିକାରକ ।

ଗାଲମାଧବ : ବୃହନ୍ନଳା !

ବୃହନ୍ନଳା : ତୁ ଟା କେଡ଼େ ବେସରମଟା କିରେ ! ଲାଜ ଲାଗୁନି । ଜଣେ ମହିଳାଙ୍କ ସାଙ୍ଗରେ ଏପରି ଅଭଦ୍ର ବ୍ୟବହାର । ଅହଂ ବୃହନ୍ନଳାଃ ! ତୁ ତ ଛାର ଚିନ୍ତକ... ।

ବାୟକ : କୁହ ପ୍ରେସିଡେଣ୍ଟ୍ ... । ତମ ଭାଗ କେତେ ? ଆଉ ତମ ସେକ୍ରେଟାରୀଙ୍କ ଭାଗ କେତେ ? ଆଚ୍ଛା, ତମେ ଦି'ଜଣ ଯାକ ତ ସାହିତ୍ୟ ଘର ମାଡ଼ିନା ! ତମ ଦି'ଟାଙ୍କୁ କିଏ ଏମିତି ପଦବୀ ଦି'ଟା ଦେଲା । ମନ୍ତ୍ରୀ ନା ତାଙ୍କ ସେକ୍ରେଟାରୀ ! କାହାକୁ କେତେ ଦେଇଛ ?

ଗାଲମାଧବ : ବାୟକ, ବୃହନ୍ନଳା ! ତମେ ଦିହେଁ ସୀମା ଟପିଯାଉଛ । ଖାଲି ରାତିଟା ମତେ ଅଡୁଆ ପରିସ୍ଥିତିରେ ପକେଇଦେଇଛି । ନଚେତ୍ ...

ବୃହନ୍ନଳା : ଅଲାଜୁକଟା କିରେ । ହେଲା ଟଙ୍କା ଦେଇ ପ୍ରେସିଡେଣ୍ଟ ହେଇଛୁ । ବଡ଼ ବଡ଼ କଥା କାହିଁକି ବକୁଛୁ ? ହଇବେ, ଏ ଚିନ୍ତକ ଉପାଧିଟା ତତେ କିଏ ଦେଇଛି ?

ବାୟକ : ପ୍ରେସିଡ଼େଣ୍ଟ... ବୃହନ୍ନଳା ଉଚିତ କଥା କହିଛନ୍ତି । କେତେ ଟଙ୍କା ନେଇ ପୁରସ୍କାରଟା ଦବ ? ହାଁ, ବୃହନ୍ନଳାଙ୍କର ପୁରସ୍କାରଟା ଦରକାର । (ବୃହନ୍ନଳା ନୃତ୍ୟ ପରିବେଷଣ କରିଛନ୍ତି । ବାୟକ ବାଦ୍ୟବାଦନ କରିଛନ୍ତି । ଗାଲମାଧବ ନିଜ କାନ ଚିପି ଧରିଛନ୍ତି ।)

ଗାଲମାଧବ : ମୋ ବାପା, ମୋ ମା'... । ତମ ପୁରସ୍କାର ମୁଁ ବିଚାର କରିବି ।

ବୃହନ୍ନଳା : କିସ କହୁଛୁରେ !

ବାୟକ : ବୃହନ୍ନଳା ବିଚାରକୁ ପସନ୍ଦ କରନ୍ତି ନାହିଁ । ପକ୍କା ଜବାବ୍ । ହଁ, ଆଗାମୀ ନବବର୍ଷ ଦିନ ଯେମିତି ନାଟକ ବିଭାଗ ପୁରସ୍କାରଟା... (ମାନେ ବାଜେ ନାଟକ ପୁରସ୍କାର ପାଏ...)

Digitized by PPRACHIN, SOA

ଗାଲମାଧବ : ଅନ୍ୟମାନେ ଅଛନ୍ତି । ମୁଁ ଏକା କ'ଣ କରିବି ।

ବୃହନ୍ନଳା : ସତ୍ୟମ୍ ବଦ । ଅପ୍ରିୟମ୍ ବଦ । ବେଶି ବକିଲେ ତମ ଚିନ୍ତକ ଗୁମରଟା ଖୋଲିଦେବି ।

ବାୟକ : ବ୍ୟସ୍ତ ହୁଅନି ପ୍ରେସିଡ଼େଣ୍ଟ, ତମ କଥା ବୃହନ୍ନଳା ବୁଝିବେ । ହଁ, ନୂଆବର୍ଷରେ କାଶ୍ମୀର ବୁଲିଯିବାପାଇଁ ଦୁଇଟା ଟିକେଟ୍ ଡାକରେ ପାଇବ ।

ବୃହନ୍ନଳା : ପ୍ରେସିଡେଣ୍ଟ, ଏଥର ବୃହନ୍ନଳାକୁ ବିଦାୟ ଦିଅ । ଏଥର ସନ୍ତୁଷ୍ଟ ତ ?

ବାୟକ : ହଁ ନବବର୍ଷରେ ନାଟକ ବିଭାଗରେ ପୁରସ୍କାରଟା ଯେମିତି ...

ଗାଲମାଧବ : ଅବଶ୍ୟ ମିଳିବ । ଆପଣମାନେ ଯାଆନ୍ତୁ ।

(ହସିହସି ହାତ ଯୋଡୁଥିଲେ ଗାଲମାଧବ । ବାଦ୍ୟ ନୃତ୍ୟ ସହ ବାହାରିଯାଉଥିଲେ ବୃହନ୍ନଳା ଏବଂ ବାୟକ)

◆

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ଏକାଡ଼େମୀ ସଭାପତିଙ୍କ ଅଫିସ୍‌ରୁମ୍ । ସମୟ ଦିବସ । ପରମଗୁରୁ ସିଗାରେଟ୍ ଟାଣୁଥିଲେ । ବାହାରୁ ଆସିଛନ୍ତି ପ୍ରଫେସର ଶର୍ମା]

ପରମଗୁରୁ : ଆସନ୍ତୁ, ପ୍ରଫେସର ଶର୍ମା । ସାର୍ ଆପଣଙ୍କୁ ସଦାବେଳେ ଝୁରି ହଉଛନ୍ତି । କ'ଣ ନ କଲେ ଆପଣ ।

ଶର୍ମା : ମୁଁ କିବା ମଣିଷ ! କ'ଣ ବା ମୁଁ କରିଛି !

ପରମଗୁରୁ : ଆପଣଙ୍କ ପରାମର୍ଶକୁ ମନ୍ତ୍ରୀ ଗ୍ରହଣ କରିଛନ୍ତି । ପୁରସ୍କାର ପାଇବାକୁ ହେଲେ ସାହିତ୍ୟିକମାନଙ୍କୁ ରିଫ୍ରେସର୍ କୋର୍ସ କରିବାକୁ ପଡ଼ିବ । ଅତି କମ୍‌ରେ ଦୁଇଟି । ଲକ୍ଷେ ଟଙ୍କା କଣ ସହଜ ପଡ଼ିଛି !

ଶର୍ମା : ନବୀନ ତରୁଣ ଲେଖକମାନଙ୍କ ପାଇଁ ମଧ୍ୟ ଦୁଇଟି ଓରିଏଣ୍ଟେସନ୍ ପ୍ରୋଗ୍ରାମ୍ ରହିଛି । ଖାଲି ସେତିକି ନୁହେଁ, ପ୍ରତ୍ୟେକ ପ୍ରାର୍ଥୀ ପାଞ୍ଚ ହଜାର ଟଙ୍କା ଲେଖାଏଁ ରେଜିଷ୍ଟ୍ରେସନ୍ ଫି ଦେବେ । ସରକାରଙ୍କର ବେଶ୍ କିଛି ଆୟ ହେବ । (ହସି) ସମସ୍ତଙ୍କର ପୁରସ୍କାର ଦରକାର... ।

ପରମଗୁରୁ : ଏ ବର୍ଷ ରିଫ୍ରେସର୍ ପାଇଁ ତିନିଶହ ଓରିଏଣ୍ଟେସନ୍ କୋର୍ସ ପାଇଁ ପାଞ୍ଚଶହ ଦରଖାସ୍ତ ପକେଇଛନ୍ତି । ଆପଣଙ୍କ ବ୍ରେନ୍‌ରେ ଏ ସୁପର ଡୁପର ଆଇଡିଆ ଜୁଟିଲା କେମିତି ?

ଶର୍ମା : ବିନା ସ୍ୱାର୍ଥରେ ଏ ପ୍ରଫେସର ଶର୍ମା କୋଉଠି ହାତ ଦିଏନା । କଟକ ଆଉ ଭୁବନେଶ୍ୱରରେ ଯେଉଁ ଦି'ଟା ଲିଟରେଚର ଟ୍ରେନିଙ୍ଗ୍ ଫ୍ୟାକ୍ଟ୍ରୀ ଖୋଲାଯାଇଛି, ସେଠି ଆପ୍ଲିକାଣ୍ଟମାନଙ୍କ ପାଇଁ ପସିବଲ୍, ଟେଷ୍ଟପେପର ଛପାଗଲିଛି ।

ପରମଗୁରୁ : ଏ ବାବଦକୁ ବହୁତ ଟଙ୍କା ଖର୍ଚ୍ଚ ହୋଇଥିବ ।

Digitized by PPRACHIN, SOA

ଶର୍ମା : ସେ ଅନୁଷ୍ଠାନଟା ମନ୍ତ୍ରୀଙ୍କ ଶାଳକଙ୍କର ମୁଁ କେବଳ ତା'ର ଲୋକଦେଖାଣିଆ ତତ୍ତ୍ୱାବଧାରକ । (ହସି ହସି) ସବୁ ତ ସିଏ, ମୁଁ କେବଳ ନିମିତ୍ତ ମାତ୍ର...

ପରମଗୁରୁ : ପ୍ରଫେସର ସାହେବ ଆଉ ଟିକିଏ ପରିଶ୍ରମ କରନ୍ତୁ । ପୁରସ୍କାରପ୍ରାପ୍ତିର ଭାବମୂର୍ତ୍ତିଟା ଆହୁରି ସହଜ ହୋଇଉଠିବ ।

ଶର୍ମା : କ'ଣଟା କହିବାକୁ ଚାହୁଁଛ ?

ପରମଗୁରୁ : ବିଚାରକମାନଙ୍କ ସାଧୁତା ମାପିବାପାଇଁ ଗୋଟାଏ ଏଣ୍ଟ୍ରାନ୍ସ ପରୀକ୍ଷା ଦରକାର । ସେମିତି ହେଲେ ସେମାନେ ଆଉ କାମିନୀ କାଞ୍ଚନ ପ୍ରତି ଆକର୍ଷିତ ହେବେନି ।

ଶର୍ମା : ଆଉ ଗୋଟାଏ ଜିନିଷ ଛାଡ଼ିଯାଉଛ ବନ୍ଧୁ । ସେଇଟା ହଉଛି ଜାତିକୁ ନେଇ ପଲିଟିକ୍ସ । ଅର୍ଥାତ୍ ବ୍ରାହ୍ମଣ କି କରଣ । ଯାଜପୁରବାଲା କି ବରହମ୍ପୁରବାଲା । ସମ୍ବଲପୁରବାଲା କି ବାଲେଶ୍ୱରବାଲା । (ହସି ହସି) ଆଉ ସମସ୍ତେ ମୂର୍ଖ ! ସେମାନେ ସାହିତ୍ୟ ଚକ୍ଷର ଧାର ଧାରନ୍ତି ନାହିଁ ଯେମିତି !

ପରମଗୁରୁ : ସତରେ ସାର୍, ଏ ପୁରସ୍କାର ବ୍ୟାଧିର ଚେରଟା କେତେ ଗହୀରକୁ ଯାଇଛି !

ଶର୍ମା : ଏଥିରେ ଆଇ. ଏ.ଏସ୍ ଆଉ ଆଇ.ପି.ଏସ୍ ଧାରୀ ସାହିତ୍ୟ ଠିକାଦାରମାନଙ୍କର ମଧ କୋଟା ରହିଛି ।

ପରମଗୁରୁ : ସେ କଥା କାହିଁକି କହୁଛନ୍ତି । ଆମର ଯୋଉ ଦିଗ୍‌ଗରି'ଟା ବଡ଼ ସାହିତ୍ୟ କଣ୍ଟ୍ରାକ୍ଟର ଅଛନ୍ତି, ସେମାନେ ଯେତେବେଳେ କଲଚର ବିଭାଗରେ ଥିଲେ, ଯାହା ଯୋଉଠୁ ଆସିଲା, ପ୍ରଥମେ ସେମାନେ ନିଜେ ଗିଳି ପକାଇଲେ । ବଳିଲେ ତ ଅନ୍ୟମାନେ ପାଇବେ ।

ଶର୍ମା : ଏମାନଙ୍କର ପ୍ରକୃତି ହେଉଛି 'ଆପେ ବଞ୍ଚିଲେ ବାପର ନାଁ'...। ନିଜେ ପୁରସ୍କାରଟା ପାଇଗଲା ପରେ ସେମାନେ ଚାହାନ୍ତି ଆଉ କେହି ସେ ପୁରସ୍କାର ନ ପାଆନ୍ତୁ ।

Digitized by PPRACHIN, SOA

ପରମଗୁରୁ : ଆଉ କିଏ ପାଇଗଲେ ସେମାନେ କେମିତି ଏକ ନମ୍ବରେ ହେଇରହିବେ । ପତିଆରା କମିଯିବ ।

ଶର୍ମା : ହଁ, ଯଦି ବା ପାଇବେ, ତାଙ୍କ କ୍ୟାମ୍ପର ଲୋକ ହିଁ ପାଇବେ । ଅନ୍ୟମାନଙ୍କୁ ସେଠି ମୁହଁ ଗଳାଇବା ମନା । କେତେ ଦିନ ଏ କ୍ୟାମ୍ପ ରାଜନୀତି ଚାଲିଥିବ !

(ବାହାରୁ କହି କହି ଆସିଛନ୍ତି ପ୍ରେସିଡେଣ୍ଟ)

ଗାଲମାଧବ : ଯେତେ ଦିନଯାଏ ଏ ଦେଶର ଜନତା ସଚେତନ ନ ହୋଇଛନ୍ତି ।

ଶର୍ମା : ନମସ୍କାର ଆଜ୍ଞା । ଖାସ୍ କଥାଟିଏ କହିଛନ୍ତି । ଏ ବର୍ଷର ଶ୍ରେଷ୍ଠ ରୋଗୀ କିଏ ହଉଛି ?

ଗାଲମାଧବ : ସେଇ ମିଟିଙ୍ଗ୍‌ରୁ ତ ଆସୁଛି । ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ମରଣୋତ୍ତର ସମ୍ମାନ ଲାଭ କରୁଛନ୍ତି ।

ଶର୍ମା : ଶୁଣିଲି, ଜଣେ ହିଞ୍ଜଡା ବି...

ଗାଲମାଧବ : କାହିଁକି ନ ପାଇବେ । ମନ୍ତ୍ରୀଙ୍କ କ୍ୟାମ୍ପର ଲୋକ... ଏରିଆ ଅନୁସାରେ ଯେତେବେଳେ ପୁରସ୍କାର ଦିଆଯାଉଛି, ସେତେବେଳେ ବୃହନ୍ନଳା କାହିଁକି ନ ପାଇବେ । ଏଠି କାହିଁକି ଠିଆ ହେଇଛ ? (ପରମଗୁରୁଙ୍କୁ) ଯାଅ, ଚ'ଆଣ !

ପରମଗୁରୁ : ସାର୍, ମୂଷିକବାବୁଙ୍କ କଥା କ'ଣ କଲେ ?

ଗାଲମାଧବ : ପୁରସ୍କାରଟା କ'ଣ ଚକ୍‌ଲେଟ୍ ହେଇଛି, ବୋତଲ ଭିତରୁ କାଢି ଦେଇଦେବି । ଯାହା ତମେମାନେ ସବୁ କଲଣି, ଶେଷରେ ମୋ ଚକିରିଟା ନବ । ମାସକୁ ଯୋଉ ପଚିଶ ହଜାର ମିଳୁଛି, ସେତକ ବି ବୁଡ଼େଇବ ।

ପରମଗୁରୁ : କେମିତି ତାଙ୍କୁ ପ୍ରବୋଧନା ଦେବି ?

ଶର୍ମା : କାଠଫାଳିଆ, କନା ଆଉ କାଗଜ କ'ଣ ବଜାରରେ ଅଭାବ ଅଛି ? ପରମଗୁରୁ ଏକଥା ତୁମକୁ ବୁଝେଇବାକୁ ପଡ଼ିବ ।

ପରମଗୁରୁ : ମୂଷିକବାବୁଙ୍କର ଟିକିଏ ମୁଣ୍ଡଦୋଷ ରହିଛି ।

Digitized by PPRACHIN, SOA

ଗାଲମାଧବ : ହେଲେ ରୋଗୀ ତ ହେଇନି ।

ଶର୍ମା ଅନ୍ୟମାନଙ୍କ ଭଳି ସିଏ ତ ପାଗଳ ହେଇନି ।

ଗାଲମାଧବ : ଘ'ଟା... (ନିର୍ଦ୍ଦେଶ ଦେଇ)

ପରମଗୁରୁ : ଆଣୁଛି ସାର୍... (ପ୍ରସ୍ଥାନ) (ବାଦ୍ୟବାଦକ ସହ ପ୍ରବେଶ କରିଛନ୍ତି ବୃହନ୍ନଳା ଏବଂ ବାୟକ । ହ୍ୟାଣ୍ଡସେକ କରିଛି ବୃହନ୍ନଳା ଗାଲମାଧବଙ୍କ ସହିତ)

ଗାଲମାଧବ : ଆରେ ଇଏ କ'ଣ ହଉଛି ।

ବାୟକ : ଖବର ପାଇଗଲୁ ତ, ସେଇଥିପାଇଁ ବଧେଇ ଜଣେଇବାକୁ ଚାଲିଆସିଲୁ ।

ବୃହନ୍ନଳା : ଇଏ ନବୀନ ମହୋଦୟ ? (ଶର୍ମାଙ୍କୁ ଲକ୍ଷ୍ୟକରି)

ଗାଲମାଧବ : ଇଏ ହେଉଛନ୍ତି ପ୍ରଫେସର ଶର୍ମା ।

ବୃହନ୍ନଳା : ଅହୋ, ନାମ ଶୁଣିଛି । ପାରିବାର ଲୋକ । ଆମ୍ଭ ପୁସ୍ତକ ହିନ୍ଦୀରେ ଅନୁବାଦ କରିଦିଅ, ତୁମ୍ଭକୁ ଦିଲ୍ଲୀ ପଠେଇଦବୁ ।

ବାୟକ : ବୃହନ୍ନଳା ବାକ୍ୟ ଉପରେ ଭରସା ଆସୁନି ? ପ୍ରେସିଡେଣ୍ଟଙ୍କୁ ପଚାରି ବୁଝନ୍ତୁ ।

ଗାଲମାଧବ : ଦେଖ, ଏ ସମୟରେ ଏଠିକି ଆସିବାଟା ...

ବୃହନ୍ନଳା : କିଏ ଏମିତି ସତିଆ ଅଛି, ଯିଏ ଖିଲିପାନ ନ ଖାଉଛି ! କିଏ ମଦ ଖାଉଛି... କିଏ ଟଙ୍କା ଖାଉଛି... ଆଉ କିଏ ମାଂସ ଖାଉଛି । କିଏ ଜଣେ ଏମିତି ଅଛି, ଯିଏ ସୁସ୍ଥ ମଣିଷ ବୋଲେଇବ । ମହାଚିନ୍ତକ ବୋଲାଇବ !

ଗାଲମାଧବ : ଦୟାକରି ଯାଆନ୍ତୁ, ନଚେତ୍ ସବୁ ମେଡ଼ିଆବାଲା ଚାହିଁ ବସିଛନ୍ତି । (ହାତ ଯୋଡୁଥିଲେ ଗାଲମାଧବ । ବାଦ୍ୟବାଦକ ସହ ନିଷ୍କ୍ରାନ୍ତ ହେଉଥିଲେ ବୃହନ୍ନଳା ଏବଂ ବାୟକ) ।

Digitized by PPRACHIN, SOA

ବାଜେ ନାଟକ

(ଚରିତ୍ର : ରସିକଶେଖର, ରସରାଜ, ରସଗ୍ରୀବ, ରସପଞ୍ଚକ, ରସିକଚୂଡ଼ାମଣି, ରସିକାନନ୍ଦ)

ପ୍ରଥମ ଦୃଶ୍ୟ

[ଆଲୋଚନା ସଭା । ମଞ୍ଚ ଉପରେ ଗୋଟିଏ ଟେବୁଲ ଏବଂ ଗୋଟିଏ ଚେୟାର । ଟେବୁଲର ଉପରେ ତାର ନଥିବା ଏକ ମାଇକ୍ରୋଫୋନ୍ ଷ୍ଟାଣ୍ଡ ଥିଲା । ରସିକଶେଖର ଦର୍ଶକଗଣଙ୍କୁ ସମ୍ବୋଧିତ କରୁଥିଲେ ।]

ରସିକଶେଖର : ଆଜି ସନ୍ଧ୍ୟାର ସୁଧୀ ଦର୍ଶକବୃନ୍ଦ । ବହୁ ବିଳମ୍ବରେ ସଭାକାର୍ଯ୍ୟ ଆରମ୍ଭ ହେବାକୁ ଯାଉଥିବାରୁ ମୁଁ ଆଦୌ ଦୁଃଖ ପ୍ରକାଶ କରୁନି । ଆପଣମାନେ ତିନିଘଣ୍ଟା କାଳ ଏ ଗରମରେ ପୁଣି ବିନା ଫ୍ୟାନ୍‌ରେ ବସି ରହିଥିବାରୁ, ପ୍ରଥମ ଧନ୍ୟବାଦ ଆପଣମାନଙ୍କର ପାଇବା କଥା । ଈଶ୍ୱର କରନ୍ତୁ, ଏମିତି ପାୱାର ଫେଲ୍ ହଉଥାଉ । ତା'ଦ୍ୱାରା ଆପଣମାନଙ୍କର ସହନଶୀଳ ଶକ୍ତି ବଢ଼ିବ । ଏ ଦେଶ ପ୍ରଗତି ପଥରେ କରମଣ୍ଡଳ ଏକ୍ସପ୍ରେସ୍ ଭଳି ଦୌଡ଼ିବ । ହଁ, ଏଥର ସଭାକାର୍ଯ୍ୟ ଆରମ୍ଭ କରିବା । ହାଲୋ ... ମାଇକ୍ରୋଫୋନ ଟେଷ୍ଟିଙ୍ଗ୍...ୱାନ୍...ଥ୍ରୀ... (ମାଇକ୍ରୋଫୋନ୍ ଧରୁ ଧରୁ ତାହା ଖସିପଡ଼ିଛି । ଜଣା ପଡ଼ିଛି ସେଥିରେ ତାର ନାହିଁ)

ଆରେ ଏଥିରେ ତ ତାର ନାହିଁ । ନ ଥାଉ, କ୍ଷତି କ'ଣ ? ଆଚ୍ଛା ମୁଁ ଯାହା ଯାହା କହିଗଲି, ଆପଣମାନେ ଶୁଣିଛନ୍ତି, ନା ନାହିଁ ? ଶୁଣନ୍ତୁ ବା ନଶୁଣନ୍ତୁ, ଗ୍ଦ'ଜଳଖିଆ ଯେତେବେଳେ ଖାଇଛନ୍ତି, ବସି ରହିବାକୁ ବାଧ୍ୟ । କେହି ଯଦି ହଲ୍ ଭିତରୁ ଉଠିବାକୁ ଚେଷ୍ଟା କରେ, ହାତ ଗୋଡ଼ ଗୋଟେ ହରେଇବାକୁ ପଡ଼ିବ ।

Digitized by PPRACHIN, SOA

ହାଏ, ମୁଁ ହେଲି ଆଜିର ଦୁର୍ନୀତି ନିବାରଣ ଆଲୋଚନା ସଭାର ଆବାହକ 'ରସିକଶେଖର' । ଆଜି ସନ୍ଧ୍ୟାର ମୁଖ୍ୟଅତିଥି ଶ୍ରୀଯୁକ୍ତ ଶ୍ରୀଲ ପରମପୂଜ୍ୟ ରସରାଜଙ୍କୁ ମୁଁ ଏ ମଞ୍ଚ ଉପରକୁ ଆସିବାକୁ ଅନୁରୋଧ କରୁଛି । ରସରାଜ, ପ୍ଲିଜ୍... ଆସନ୍ତୁ... ଟିକେ ଦେଖି ଚାହିଁଆସିବେ । (ରସରାଜ ମଞ୍ଚକୁ ଆସିଲାବେଳେ କୌଣସି ଏକ ପଦାର୍ଥକୁ ଝୁଣ୍ଟିକରି ପଡିଯାଇଛନ୍ତି । ଉଠାଇଛନ୍ତି ରସିକଶେଖର)

ରସିକଶେଖର : ମୁଁ କହୁଥିଲି ନା'ଟିକେ ଦେଖିଚାହିଁ ଆସନ୍ତୁ । ସବୁ କଥାରେ ତ ଖାଲି ତରତର...

ରସରାଜ : ହଇହୋ ରସିକଶେଖର, ମୁଖ୍ୟ ଅତିଥିକୁ ମାରିବା ପାଇଁ ଏ ଗୋଟିଏ ରୀତିମତ ଷଡ଼ଯନ୍ତ୍ର । ଯିବା ଆସିବା ବାଟରେ ଏ ଖଣ୍ଡା ତରୱାଲ୍ ଖଣତି କାହିଁକି ରଖିଛ ?

ରସିକଶେଖର : ଆସ୍ତେ କୁହନ୍ତୁ, ଲୋକେ ଶୁଣିଲେ ପୋଲିସ୍‌ରେ ଖବର ଦେଇଦେବେ । ପୁଣି ଘଣା ପେଲିବାକୁ ହବ ।

ରସରାଜ : (ହସି ହସି) ମୋର କିଛି ହେଇନି । ଝୁଣ୍ଟିକରି ସିନା ପଡ଼ିଗଲି ହେଲେ ମୋର କିଛି ହେଇନି ।

ରସିକଶେଖର : କିଛି ହେଇନି କି ହେବନି । ଆପଣ ଏମିତି କେତେ ଖାଲଢିପ ମାଡ଼ି ମାଡ଼ି ଆସିଛନ୍ତି । ଆପଣଙ୍କର ସେସବୁରେ ଉତ୍କଟ ଅଭିଜ୍ଞତା ଅଛି ।

ରସରାଜ : ରସିକଶେଖର, ଆଉ ବିଳମ୍ବ କାହିଁକି ? ସଭା ଆରମ୍ଭ କର । ଆରେ ମୋ ପ୍ୟାପେଟ୍ କ'ଣ ହେଲା ?

ରସିକଶେଖର : କେଉଁ ପ୍ୟାକେଟ୍ ?

ରସରାଜ : ଆରେ ଯାହାକୁ ମୁଁ ଉନ୍ମୋଚନ କରିବି ।

ରସିକଶେଖର : ଓ, ଆମ ଦୁର୍ନୀତି ନିବାରଣ ସମିତିର ମୁଖପତ୍ର । ଆପଣ ମୁଖ୍ୟଅତିଥି ହେଇ ସେସବୁକୁ ନିଜେ ଧରି ଆସିବାଟା ।

ରସରାଜ : ଆମ ପ୍ରେସ୍‌ରେ ବିନା ପଇସାରେ ଛପା ହେଇଛି । ଦେଶସେବା... ଲୋକ ହିତକର କାର୍ଯ୍ୟ (ହସି)... ସେଇଥିଲାଗି...

Digitized by PPRACHIN, SOA

ରସିକଶେଖର : ହଁ, ତାହା ତ ନିଶ୍ଚୟ । ଆପଣମାନଙ୍କ ଭଳି ମୁଖ୍ୟଅତିଥି ଭାଗ୍ୟରେ ଥିଲେ ମିଳନ୍ତି । ହଠାତ୍ ଏ ମୁଖ୍ୟଅତିଥି ହବା କଣ୍ଡୁଟା କାହିଁକି ଆପଣଙ୍କର ବାହାରିଲା ?

ରସରାଜ : ଆଗକୁ ଇଲେକ୍‌ସନ୍ ଅଛି । ପାର୍ଟି ଟିପ୍ କରିଛନ୍ତି, ଫିଲ୍‌ଡ୍ ପ୍ରସ୍ତୁତ କରିବା ପାଇଁ । ତେଣୁ ଦଶ କୋଡ଼ିଏଟା ସଭା ସମିତିରେ ମୁଖ୍ୟଅତିଥି ନ ହେଲେ, ଲୋକେ ଜାଣିବେ କେମିତି ?

ରସିକଶେଖର : ଆଜ୍ଞା କିଛି ମାଲ୍‌ପାଣି ଦେବାକୁ ପଡ଼ିବ ନା' ସେମିତି ଖାଲିଖାଲି ?

ରସରାଜ : ଏ ଦେଶରେ କୋଉ କଥା ମାଗଣାରେ ହେଉଛି ? ତିନିହଜାର ଟଙ୍କା ଚାନ୍ଦା ନେଇଛନ୍ତି । ଭୋଜି ବାବଦକୁ ଆଉ ହଜାରେ ।

ରସିକଶେଖର : ତା'ମାନେ ଟଙ୍କା ଦେଇ ଆପଣ ଏ ସଭାରେ ମୁଖ୍ୟଅତିଥି । ହଁ, ଯେଉଁ ଦେଶରେ ଲୋକେ ଚ'ଜଳଖିଆରେ ସନ୍ତୁଷ୍ଟ, ସେଠି ଆପଣମାନେ ତ ଆସନ ଜମେଇବେ ।

ରସରାଜ : ଧୀରେ କୁହ ଲୋକେ ଜାଣିଲେ, ମୋ ପ୍ରେଷ୍ଟିଜ୍ ଲିକ୍ ହୋଇଯିବ ।

ରସିକଶେଖର : ପ୍ରେଷ୍ଟିଜ୍ ଲିକ୍ ହେଲେ ଆଉ କ'ଣ ଅନ୍ୟ କୌଣସି ପ୍ରେସରକୁକର ମିଳୁନି । 'ହକିନ୍‌ସ' ନକଲେ 'ଭୋଲ୍‌ଟା'ର ନେଇ ଆସିବା ।

ରସରାଜ : ହଇହୋ, ଥଟ୍ଟା କରିବାକୁ ଆଉ କେହି ମିଳୁନାହାନ୍ତି । ମତେ ଆହୁରି ତିନିଟା ଜାଗାକୁ ଯିବାକୁ ହେବ ।

ରସିକଶେଖର : କ'ଣ ସବୁଠି ମୁଖ୍ୟ ଅତିଥି, ନା' ସମ୍ମାନିତ ଅତିଥି ?

ରସରାଜ : ପ୍ରତି ଘଣ୍ଟା ପାଇଁ ଚାରି / ପାଞ୍ଚ ହଜାର ଟଙ୍କା ଲେଖାଏଁ ଦେଇଛି । କ'ଣ ସମ୍ମାନିତ ଅତିଥି ହେବା ପାଇଁ ? ଯାଅ, ଅତି ଶୀଘ୍ର ମୋ ପ୍ୟାକେଟ୍ ଆଣ ।

ରସିକଶେଖର : ଏଇମାନଙ୍କୁ ନେଇ ତ ଆମକୁ ଚଳିବାକୁ ପଡ଼ିବ । ଭଲ ମଣିଷ ମିଳୁଛି କୋଉଠି । ମିଳିଲେ ବି ରହୁଛି କୋଉଠି । ଚଳେଇନେବା ନା' କ'ଣ କହୁଛନ୍ତି, ଆପଣମାନେ ? (ଦର୍ଶକଙ୍କୁ)

Digitized by PPRACHIN, SOA

ରସରାଜ : ରସିକଶେଖର, ତମେ ବହୁତ ଗପୁଛ । କଥା କମ୍ କାମ ବେଶି । ଯାଅ, ମୋ ପ୍ୟାକେଟ୍ ଖୋଜି ଆଣ ।

ରସିକଶେଖର : ଦେଖୁଛୁ ... (ଭିତରକୁ ଯାଇଛନ୍ତି)

ରସରାଜ : ସବୁଯାକ ମୋ ଭାଗ୍ୟକୁ ଭକୁଆ ମିଳିଲେ । ଏଗୁଡ଼ାଙ୍କୁ ନେଇ କେମିତି ମଣିଷ ଉପରକୁ ଉଠିବ ...

ରସିକଶେଖର : (ପ୍ରବେଶ କରି) ଆଜ୍ଞା, ସିଡ଼ି ଆଣିବି ? (ହାତରେ ପ୍ୟାକେଟ୍)

ରସରାଜ : ବକ୍‌ବକ୍ ବନ୍ଦ କର । ଏଇଟା ତ ମୋ ପ୍ୟାକେଟ୍ ନୁହେଁ । ଠିକ୍ ଅଛି । ଯାହା ମିଳୁଛି, ସେଇଥିରେ ଚଳେଇ ଦବା ! ଏଠି ରଖ ।

ରସିକଶେଖର : ସୁଧୀବୃନ୍ଦ, ଆମ ସମିତିର ମୂଖପତ୍ରକୁ ଉନ୍ମୋଚନ କରିବାପାଇଁ ମୁଁ ମୁଖ୍ୟଅତିଥି ରସରାଜଙ୍କୁ ଅନୁରୋଧ କରୁଛି ।

ରସରାଜ : ମୂର୍ଖପତ୍ର ନୁହେଁ ମୁଖପତ୍ର । ହଇହୋ କୋଉ ଗୁରୁଙ୍କ ପାଖରେ ତାଲିମ୍ ନେଇଥିଲ ?

ରସିକଶେଖର : ସେମାନେ ବି ମାଲପାଣି ଦେଇ ମାଷ୍ଟର ଚାକିରି ପାଇଛନ୍ତି । ୪/୫ ଥର ପରୀକ୍ଷା ଦେଇ ଫେଲ ହେଲାପରେ ଟଙ୍କା ପଇସା ଦେଇ ପାଶ୍ କରିଛନ୍ତି ।

ରସରାଜ : ସେଇଥିଲାଗି ତମ ମୁଣ୍ଡରେ ବୁଦ୍ଧିକମ୍ । କିହୋ ଟନିକ୍ ଖାଉନ୍ ... ଶକ୍ତି ବଢ଼ିବ...

ରସିକଶେଖର : ଆଜ୍ଞା, 'ଯେ ବାତ୍ ହଜମ୍ ନହିଁ ହୁଇ' ...।

ରସରାଜ : ଆଜିକାଲି ବଜାରରେ ଜରିଦିଆ ପ୍ୟାକେଟ୍‌ରେ ଘୋଡ଼ାଡିମ୍ବ ହଜମି ବଟିକା ମିଳୁଛି । ସେଇଥିରୁ ଗିଳୁନା, ହଜମ ହେଇଯିବ । ହଇହୋ, ତମେ ଆବାହକ ହେଇଛ । ମୋ ପରିଚୟ କ'ଣ ମୁଁ ଦେବି ?

ରସିକଶେଖର : ସୁଧୀବୃନ୍ଦ, ମୁଁ ଭୁଲିଯାଇଥିଲି ମୁଖ୍ୟଅତିଥିଙ୍କ ପରିଚୟ ଦେବାକୁ । ଆମର ମୁଖ୍ୟଅତିଥି ରସରାଜ ହେଉଛନ୍ତି, ନିଖିଳ ଉତ୍କଳ ମାଇଚିଆ ମଙ୍ଗଳ କେନ୍ଦ୍ରର ପ୍ରେସିଡେଣ୍ଟ । କଳିଙ୍ଗ ବୁଲା ଷଣ୍ଢ ଆସୋସେସନ୍‌ର

Digitized by PPRACHIN, SOA

ସେକ୍ରେଟାରୀ । ନିଖିଳ ଭାରତ ଅବଳା ଉଦ୍ଧାରଣ କେନ୍ଦ୍ରର ଅବୈତନିକ ସଂପାଦକ । ଏହାଛଡ଼ା ସେ ହେଉଛନ୍ତି ଝାଡୁଦାର ସଂଘ, ରଜକ ସଂଘ ଏବଂ ରିକ୍ସାବାଲା ସଂଘର ଚେୟାରମ୍ୟାନ୍ । ସେହି ମହାମାନ୍ୟ ବ୍ୟକ୍ତିଙ୍କୁ ମୁଁ – (ଦର୍ଶକଙ୍କୁ ଇଙ୍ଗିତ କରି) 'ତାଳି'...

ରସରାଜ : ଦେବି ଦି'ଟା ଢିଅ ଯେ ବୋପାକୁ ମଉସା ଡାକୁଥିବ । ହଇହୋ ଆଉ ଦି'ଟା ରହିଗଲା, ତାକୁ କିଏ କହିବ ?

ରସିକଶେଖର : ଆଜ୍ଞା, ଆପଣଙ୍କ ପ୍ରତିଭାକୁ ଚିହ୍ନିବାକୁ, ଲୋକମାନେ କ'ଣ ଆଉ ବାକି ରହିଛନ୍ତି ।

ରସରାଜ : ରସିକଶେଖର, ହଁ କହିଦିଅ । ମୁଁ ଅଖିଳ ଉତ୍କଳ କାଙ୍ଗାଳ ସମିତିର ଅଧ୍ୟକ୍ଷ । ଆଉ ବିକଳି ବେବର୍ତ୍ତା ସଂଘର ସଂପାଦକ ।

ରସିକଶେଖର : ସୁଧୀବୃନ୍ଦ, ଯାହା ଯାହା ଆଗରୁ ଶୁଣିଥିଲେ, ସେଥିରେ ଏ ଦୁଇଟି ଆଡ୍ କରିଦିଅନ୍ତୁ । ଏଥର ମୁଖ୍ୟଅତିଥିଙ୍କୁ ମୁଁ ଅନୁରୋଧ କରୁଛି । ସେ ଆମ ମୁଖପତ୍ର ଉନ୍ମୋଚନ କରନ୍ତୁ ।

(ମୁଖପତ୍ର ଉନ୍ମୋଚନ କରିବାକୁ ରସରାଜ ଆଗେଇ ଆସିଛନ୍ତି)

ରସରାଜ : ରସିକଶେଖର, ମୋ ଅସ୍ତ୍ର କାହିଁ ? ମୋ ଅସ୍ତ୍ର ...

ରସିକଶେଖର : ଆଜ୍ଞା ଛୁରା ନା'ଖଣ୍ଡା, ନା'ଭୁଜାଲି ? କୋଉଟା ଦେବି ?

ରସରାଜ : କାନ୍ଥବାଡ଼ର ବି କାନ ଅଛି, ରସିକଶେଖର । ମୋ ଅସ୍ତ୍ର ଦିଅ । କୋଉଥିରେ ଉନ୍ମୋଚନ କରିବି ? ଆରେ ମୋ କଇଞ୍ଚି ?

ରସିକଶେଖର : ଆଜି ଖାଲି ସବୁ ଭୁଲ୍ ହୋଇଯାଉଛି । କଇଞ୍ଚି ଏଇନେ କୋଉଠୁ ଆଣିବି ? ଯେତିକି ଝାମେଲା, ସବୁ ମୋରି ଉପରେ । ବରଂ ଆବାହକ ନ ହେଇଥିଲେ ଭଲ ହେଇଥାନ୍ତା ।

ରସରାଜ : କଇଞ୍ଚି ନାହିଁ, ନ ଥାଉ । ମୁଁ ଏକ ଅଭିନବ ଉପାୟରେ ମୁଖପତ୍ର ଉନ୍ମୋଚନ କରିବି । ଜଗତଜନ ଦେଖି ଚମତ୍କୃତ ହେବେ ।

ରସିକଶେଖର : କେମିତି ?

Digitized by PPRACHIN, SOA

ରସରାଜ : ଦନ୍ତ ଦେବଙ୍କ ସାହାଯ୍ୟରେ ।

ରସିକଶେଖର : ମାନେ ଦାନ୍ତରେ କାମୁଡ଼ି କାମୁଡ଼ି ...

ରସରାଜ : ହଁ, ଯାହା ଆଜି ପର୍ଯ୍ୟନ୍ତ କେହି ଦେଖି ନଥିବେ କିମ୍ବା କରିନଥିବେ ।

ରସିକଶେଖର : ସବୁଥିରେ ଆପଣ ନମ୍ବରଓ୍ୱାନ୍ । ହଉ ଏଥର ଆରମ୍ଭ କରନ୍ତୁ । ସୁଧୀବୃନ୍ଦ, ତାଳି ... ଜୋର୍‌ରେ ...। (ରସରାଜ ପ୍ୟାକେଟ୍‌କୁ ଦାନ୍ତରେ ଛିଡ଼ାଇବା ଆରମ୍ଭ କରିଛନ୍ତି) ଜୋର୍ ଲଗାକର ଏଇସା ... ଜୋର୍ ଲଗାକର ଏଇସା ... (ପ୍ୟାକେଟ୍‌ର ରିବନ୍‌କୁ ଛିଣ୍ଡାଉ ଛିଣ୍ଡାଉ ରସରାଜ ପଡି ଯାଇଛନ୍ତି । ଗୋଟିଏ ଦାନ୍ତ ତାଙ୍କର ଭାଙ୍ଗିଯାଇଛି । ପ୍ୟାକେଟ୍ ଭିତରୁ ଗୋଟିଏ ବଲ୍ ବାହାରିଛି)

ରସରାଜ : ରସିକଶେଖର, ମୋ ଦାନ୍ତ ?

ରସିକଶେଖର : ସାର୍, 'ଦାନ୍ତ' ନୁହେଁ 'ବଲ୍' । ପ୍ୟାକେଟ୍ ଭିତରୁ ଏ ବଲ୍‌ଟି ବାହାରିଛି ।

ରସରାଜ : ପାଜି, ମୋ ଦାନ୍ତ କଥା ପଚାରୁଛି । କେବଳ ତମରି ପାଇଁ ମୁଁ ମୋର ଗୋଟିଏ ଦାନ୍ତ ଆଜି ହରେଇଲି ।

(ରସିକଶେଖର ପକେଟ୍‌ରୁ ରୁମାଲ୍ ଦେଇଛନ୍ତି । ମୁହଁ ପୋଛିଛନ୍ତି ରସରାଜ)

ରସିକଶେଖର : ସାର୍, ଆପଣ କିଛି ହରେଇ ନାହାନ୍ତି । ବରଂ ଏ ଦେଶ ଆଉ ଜାତି ଲାଗି ଆପଣ ନିଜର ଅମୂଲ୍ୟ ଦନ୍ତଟିକୁ ଉତ୍ସର୍ଗ କରିଛନ୍ତି । ଅନ୍ୟମାନେ ଏଥିରୁ ଶିକ୍ଷାଲାଭ କରିବେ । ଖାଲି, ସେତିକି ନୁହେଁ, ଆଉ ମିଟିଙ୍ଗ୍‌ରେ ଆପଣଙ୍କୁ 'ଦନ୍ତ ଶେଖର' ଉପାଧି ପ୍ରଦାନ କରାଯିବ । ନିଜେ ମୁଖ୍ୟମନ୍ତ୍ରୀ ପ୍ରଦାନ କରିବେ ।

ରସରାଜ : ସତରେ ରସିକଶେଖର, ତମ ଜ୍ଞାନରେ ମୁଁ ଭାରି ଖୁସି । ତମ ନାଁ ରସିକଶେଖର ନ ହୋଇ ଜ୍ଞାନଗରୁଡ଼ ହବା କଥା । ଠିକ୍ ଅଛି, ତମ ପାଇଁ କିଛି ଗୋଟାଏ ବନ୍ଦୋବସ୍ତ କରିବାକୁ ହବ ।

Digitized by PPRACHIN, SOA

ରସିକଶେଖର : ସବୁ ତ ଆପଣମାନେ ଚରିବୁଲି ସଫା କରିସାରିଲେଣି, କଣଟା ଆଉ ଅଛି ଯେ ଆମେ ଗିଳିବୁ ।

ରସରାଜ : 'ଦନ୍ତ ଶେଖର'...। ହଁ ରସିକଶେଖର, ତମେ ତୁରନ୍ତ ମୋର ସେହି ଦନ୍ତର ଅନୁସନ୍ଧାନ କର । ଉତ୍ସବ ଅନୁଷ୍ଠାନ କର । ସମସ୍ତ ଖର୍ଚ୍ଚ ଆମ୍ଭେ ବହନ କରିବୁ । ଆଉ ତମର ପିଇବା... ଖାଇବା ଖର୍ଚ୍ଚ ବି...।

ରସିକଶେଖର : ଆପଣ ସେଥିପାଇଁ ମୋଟେ ଚିନ୍ତା କରନ୍ତୁନି । ଆମ ସୁବିଧାବାଦୀ ସାହିତ୍ୟ ସଂସଦ ଠିକ୍ ସମୟରେ ମାଲ୍‌ପାଣି ପାଇଲେ ସବୁ ଠିକ୍ କରିଦେବ ।

ରସରାଜ : ରସରାଜ, ସେ ଦିଗରେ କେବେ କୁଣ୍ଠା ପ୍ରକାଶ କରେ ନି । ଆଗେଇ ଯାଅ... ଅମଡ଼ା ମାଡ଼ି... ଯାଅ... ଫଳ ନିଶ୍ଚୟ ମିଳିବ ।

ରସିକଶେଖର : ସାର୍, ଆପଣ ଯଦି କିଛି ଅଧିକା ଦିଅନ୍ତେ, ଏଥରକ ସାହିତ୍ୟ ଏକାଡ଼େମୀ ପୁରସ୍କାରଟା ବି ଆମେ ଯୋଗାଡ଼ କରି ଦିଅନ୍ତୁ । ସାର୍, ଆପଣଙ୍କର କେହି ନିଜଲୋକ, ମାନେ ଶଳା କି ଭିଣୋଇ ନାହାନ୍ତି ?

ରସରାଜ : ଅଛନ୍ତି, କ'ଣ ହେବ ?

ରସିକଶେଖର : ମୁଖ୍ୟମନ୍ତ୍ରୀଙ୍କୁ କହି ସେମାନଙ୍କୁ ଜୁରୀ କମିଟିରେ ରଖନ୍ତୁ । ତା'ପରେ ଦେଖିବେ, ଆକାଡ଼େମୀ ପୁରସ୍କାରଟା ଆପଣ ନ ପାଇ, ଆଉ କିଏ ପାଇବ ?

ରସରାଜ : ଉତ୍ତମ ପ୍ରସ୍ତାବ । ଠିକ୍ ଅଛି, ଏ ହାତରେ ମାଲ୍ ନବ, ସେ ହାତରେ ପୁରସ୍କାର ଦବ ।

ରସିକଶେଖର : ସେସବୁ କଥା ମୋ ଉପରେ ଛାଡ଼ିଦିଅନ୍ତୁ । ସୁବିଧାବାଦୀ ସାହିତ୍ୟ ସଂସଦ ସବୁକିଛିର ବନ୍ଦୋବସ୍ତ କରିଦେବ । ଆମ ଅନୁଷ୍ଠାନ ହେଉଛି ଚିନ୍ତକମାନଙ୍କର ଖଣି ।

ରସରାଜ : ଏ ରସିକଶେଖର, ମୁଁ କ'ଣ କରୁଥିଲି ?

ରସିକଶେଖର : ମୁଖପତ୍ର ଉନ୍ମୋଚନ କରୁଥିଲେ ।

Digitized by PPRACHIN, SOA

ରସରାଜ : ସୁଧୀବୃନ୍ଦ, ଆପଣମାନଙ୍କ ସମ୍ମୁଖରେ ସମିତିର ମୁଖପତ୍ରଙ୍କୁ ମୁଁ ଉନ୍ମୋଚନ କରୁଛି । (ରାଗିଯାଇ) ରସିକଶେଖର, ହେଲେ ମୁଖପତ୍ର କାହିଁ ?

ରସିକଶେଖର : ନିଅନ୍ତୁ ସାର୍ (ବଲ୍‌ଟି ଦେଇ)

ରସରାଜ : ଏ କ'ଣ ? ମୁଖପତ୍ର କାହିଁ ?

ରସିକଶେଖର : ପ୍ୟାକେଟ୍ ଭିତରୁ ଏଇ ବଲ୍‌ଟି ବାହାରିଥିଲା । ଚଳେଇ ନିଅନ୍ତୁ ...

ରସରାଜ : କି ଝାମେଲାରେ ମଣିଷ ପଡ଼ିଲା ... ! କ'ଣ ଏଇନେ ମଣିଷ କରିବ ?

ରସିକଶେଖର : ସାର୍, ଦୁର୍ନୀତିର ପ୍ରାଥମିକ ଅବସ୍ଥା ମଧ୍ୟ ଏଇ ବଲ୍‌ଭଳି ଥିଲା । ଗବେଷକମାନେ ବାହାର କରିଛନ୍ତି ।

ରସରାଜ : ମିଳିଗଲା ... ମିଳିଗଲା ।

ରସିକଶେଖର : କ'ଣ ସାର୍ ?

ରସରାଜ : ଦୁର୍ନୀତିର ଅସଲ ସ୍ୱରୂପ ... ହଣ୍ଡ୍ରେଡ୍ ପରସେଣ୍ଟ ଗ୍ୟାରେଣ୍ଟି ଦେଇ ମୁଁ କହିପାରେ । ଦୁର୍ନୀତିର ସ୍ୱରୂପ ହେଉଛି ଗୋଲ । ଠିକ୍ ଏଇ ବଲ୍ ଭଳି । ପ୍ରଥମ ଅବସ୍ଥାରେ ଏହା ଲମ୍ୱା ଥିଲା । ଏବେ ଗୋଲ୍ ହୋଇଯାଇଛି । ଠିକ୍ କାଳିଆର ଆଖିପରି ।

ରସିକଶେଖର : ସୁଧୀବୃନ୍ଦ, ମୁଖ୍ୟଅତିଥିଙ୍କ ଏ ନୂତନ ତଥ୍ୟକୁ ଖାତାକଲମ ବାହାର କରି ଟିପନ୍ତୁ । ଦରକାରବେଳେ କାମରେ ଲାଗିବ ।

ରସରାଜ : ଆହୁରି ଉତ୍ତମ ହେବ, ଯଦି ସକାଳେ ସନ୍ଧ୍ୟାରେ ପ୍ରତିଦିନ ଏହାକୁ ମୁଖସ୍ଥ କରନ୍ତି ...

ରସିକଶେଖର : ହଁ, ସୁଧୀବୃନ୍ଦ ! ଏବେ ଆରମ୍ଭ କରିଦିଅନ୍ତୁ ନା' ... ଦୁର୍ନୀତିର ରୂପ ହେଉଛି –

ରସରାଜ : 'ଲମ୍ୱାରୁ ଗୋଲ୍' ... କାଳିଆ ଯୋଜନା ଭଳି... (ମଞ୍ଚ ଅନ୍ଧକାର)

♦

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[ଟେବୁଲ୍ ଉପରେ ଚେୟାରଟି ରହିଥିଲା । ରସପଞ୍ଚକ ନିଜକୁ ଏକ ନାରୀ ମନେକରି, 'ଚୋଲି କେ ପିଛେ କ୍ୟା ହେ' ଗୀତଟିକୁ ବାରମ୍ବାର ଅଭ୍ୟାସ କରିଚାଲିଥିଲା ... ମନ ଖୋଲି ନାଚୁଥିବାବେଳେ ପ୍ରବେଶ କରିଛି ରସଗ୍ରୀବ ।]

ରସଗ୍ରୀବ : ଅପୂର୍ବ... ଅପୂର୍ବ...!! ଅହୋ... କ'ଣ ନ ହେଇଛି ମ !

ରସପଞ୍ଚକ : କେଡ଼େ ବେରସିକ ଲୋକଟା ବା ! ଭିତରେ ମାଇପିଲାଟା । ଏକା ଅଛି । ଏମତି ଷଣ୍ଢଭଳିଆ କାହିଁକି ମାଡ଼ି ଆସୁଛ ?

ରସଗ୍ରୀବ : ଭଦ୍ରେ ! କିସ ତବ ନାମ ? ଆମ୍ଭେ ଷଣ୍ଢପୁରର ରସଗ୍ରୀବ । କବି ରସିକ ରସଗ୍ରୀବ ...।

ରସପଞ୍ଚକ : ରସଗୁଡ଼ ହୁଅ କି ଛେନାଗୁଡ଼ ହୁଅ । ମୋର ସେଥିରେ କ'ଣ ଅଛି ।

ରସଗ୍ରୀବ : ଅଛି, ବହୁତ ଅଛି । ତମେ ତ ରସିକଶ୍ରେଷ୍ଠ । ତମକୁ ଛାଡ଼ି ରସ କେମିତି ବାହାରିବ । ଅହୋ ରସବତୀ, କୁହନା କୁହ ।

ରସପଞ୍ଚକ : ହେଇଟି, ମୁଁ ରସବତୀ ନୁହଁ ... ତାଙ୍କ ଡମି । ସିଏ ନଥିଲାବେଳେ ସବୁ କାମ ମୁଁ ଚଳାଏ ।

ରସଗ୍ରୀବ : ତା'ହେଲେ ଭଦ୍ରେ, ତୁମ୍ଭ ଶୁଭନାମ ?

ରସପଞ୍ଚକ : 'ରସପଞ୍ଚକ'

ରସଗ୍ରୀବ : ଅହୋ କି ଚମତ୍କାର । ପୁରୁଷର ଅଙ୍ଗେ ଅଙ୍ଗେ ନାରୀର ଲାଳିତ୍ୟ ।

ରସପଞ୍ଚକ : ହଇହେ, କାହିଁକି ସେ ନୁଖୁରା କଥାଗୁଡ଼ାକ କହୁଛ ? ତମର କ'ଣ ମା'ଭଉଣୀ ନାହିଁ ? ଏ ରସବତୀ ପାଖରେ କାହିଁକି ଗେଲ ବୋହି ପଡୁଛି ?

ରସଗ୍ରୀବ : ରସପଞ୍ଚକ, ତମେ ସତକୁ ସତ ଯଦି ରସବତୀ ପାଲଟିଯାନ୍ତ ଏଠି ରସର ଝରଣା ବହିଯାନ୍ତା ।

Digitized by PPRACHIN, SOA

ରସପଞ୍ଚକ : ଥାଉ... ସେତିକି ଥାଉ... । ବେଶି ବୋହିଲେ ରଖିବାକୁ ଜାଗା ମିଳିବନି...।

ରସଗ୍ରୀବ : ତମେ ଏମିତି ଫିଡୁକୁଛ କାହିଁକି ? ମୁଁ ତୁମକୁ ଆଦର କରେ ଆଇ ଲାଭ୍ ୟୁ । ଇଲୁ... ଇଲୁ...

ରସପଞ୍ଚକ : କ'ଣ ହେଲାରେ ବାଡ଼ିପଶା, ତୁ ମତେ ଲାଭ ଦେଖଉଛୁ । ମୋ ପାନ ଦୋକାନରେ ଢେର୍ ଲାଭ କରିଛି । ତୁ କି ଲାଭ ଦବୁ ?

ରସଗ୍ରୀବ : ଅର୍ଥକୁ କଦର୍ଥ କରନି, ରସବତୀ । ମୁଁ ତୁମକୁ 'ଲଭ୍' ମାନେ ପ୍ରେମ କରେ ।

ରସପଞ୍ଚକ : ହେଇଟି, ତମ ଘର କୋଉଠି ? ମତେ ଜାଣିଛ ଟି ?

ରସଗ୍ରୀବ : କିଏ ତମକୁ ନ ଜାଣେ, ରସକିନୀ ! ତମେ କବିର ପ୍ରିୟା... ରସିକ ହୃଦୟର ହାର... ଅନ୍ଧର ଲଉଡ଼ି...

ରସପଞ୍ଚକ : କାହିଁ କହୁନ ଗଞ୍ଜାଡ଼ର ଚିଲମ... ତମ ମାଇପର ଭଉଣୀ ।

ରସଗ୍ରୀବ : ଭାଷା ସମ୍ବରଣ କର, ଭଦ୍ରେ । ତମେ ପାଖେ ପାଖେ ଥିଲେ ମୋ କବିତା ସୃଷ୍ଟି ଆହୁରି ସହଜ ହୋଇଉଠିବ ।

ରସପଞ୍ଚକ : ଲତା ଭଳିଆ ମାଡ଼ିବ ନା'... ! କୋଉଠି ମାଡ଼ିବି, କହୁନ ।

ରସଗ୍ରୀବ : ଏ କବି ପ୍ରତି ଏତେଟା ନିଷ୍ଠୁର ହୁଅନି, ବନ୍ଧୁ ... ସଖା ମୋର । ତମର ନାଯ୍ୟ ଅଧିକାର ନିଶ୍ଚୟ ମିଳିବ ।

ରସପଞ୍ଚକ : ଦୋକାନ ବାକି ତ ଷାଠିଏ ଟଙ୍କା ହେଇଛି । ଏଯାଏ ତ ଦେଇନା । କହିଲା କ'ଣ ନା ଅଧିକା ଦେବ ... ଲେମ୍ବୁ ଲୁଣଟା ଦବ !

ରସରାଜ : (ପ୍ରବେଶ କରି) ରସିକଶେଖର, ଏମାନେ କିଏ ?

ରସିକଶେଖର : (ସହସା ଆସି) ଆଉଟ୍... ଆଉଟ୍... । ଡକା ଯାଇନି । କାହିଁକି ଆସିଲ ?

ରସପଞ୍ଚକ : ଛିଆଲୋ, ସେଇ କଥା କହିବ । ଏତେ ନବଜ ହଉଛ କାହିଁକି ?
(ରସପଞ୍ଚକ ଏବଂ ରସଗ୍ରୀବ ଚାଲି ଯାଇଛନ୍ତି)

Digitized by PPRACHIN, SOA

ରସିକଶେଖର : ଆଜ୍ଞା, ସଭାପତି ରସକେତୁ ଆଜି ଆସି ପାରିବେନି । ତାଙ୍କୁ ପ୍ରବଳ ନାଳରକ୍ତ ଝାଡ଼ା । ସଭାପତି ହେବ କିଏ ?

ରସରାଜ : ଦୁଃଖ କରନି, ରସିକଶେଖର । ଆମେ ଚଳେଇଦବୁ । ତୁମେ କେବଳ ଆମ କୁର୍ସୀଟା ଦେଖାଇଦିଅ ... କୁର୍ସୀ ...

ରସିକଶେଖର : ସୁଧୀବୃନ୍ଦ, ଆମର ପରମ ସୌଭାଗ୍ୟ । ମୁଖ୍ୟଅତିଥି ରସରାଜ ଆଜି ସଭାପତି ଏବଂ ମୁଖ୍ୟଅତିଥି ଡବଲ ରୋଲ କରିବେ । ମୁଁ ତାଙ୍କୁ ଆସନ ଗ୍ରହଣ କରିବାକୁ ଅନୁରୋଧ କରୁଛି ।

ରସରାଜ : ଆସନ ? ଆମ୍ଭ କୁର୍ସୀ କାହିଁ ?

(ରସିକଶେଖର ଚେୟାରଟି ପକାଇ ବସିବାକୁ ଅନୁରୋଧ କରିଛନ୍ତି । ଚେୟାର ଉପରେ ବସୁବସୁ ସେଇଟି ଗଡ଼ି ପଡିଛି) ।

ରସିକଶେଖର : ଆଜ୍ଞା, ଦେଖି ଚାହିଁ ବସନ୍ତୁ ।

ରସରାଜ : ସଭାପତିଙ୍କୁ ଅପମାନ । ମତେ ମାରିବା ପାଇଁ ଗୋଟାଏ ରୀତିମତ ଷଡଯନ୍ତ୍ର ।

ରସିକଶେଖର : ଆଜ୍ଞା, ଦେଶଟା ତ ସେଥିରେ ଚାଲିଛି । କରିବା କ'ଣ ?

ରସରାଜ : ଏଥିପାଇଁ କ'ଣ କିଛି ଉପାୟ ନାହିଁ ?

ରସିକଶେଖର : ଉପାୟ ତ ଏଯାଏ ନୀତି ଆୟୋଗ କମିଶନ ବାହାର କରିପାରିନାହାନ୍ତି ।

ରସରାଜ : କାରଣ କ'ଣ ?

ରସିକଶେଖର : ଭଲ ମଣିଷ ଖୋଜା ଚାଲିଛି । ମିଳିଲେ ତ... ?

ରସରାଜ : ଉତ୍ତମ କଥା କହିଛ । ଆଜି ସଭାପତି ଟେବୁଲ୍ ଉପରେ ବସି ସଭାକାର୍ଯ୍ୟ ପରିଚାଳନା କରିବେ । (ରସରାଜ ଟେବୁଲ ଉପରେ ବସିଛନ୍ତି) ଆବାହକ, ଆଜିର, ଆଲୋଚକମାନଙ୍କ ନାମ ପାଠକର ।

ରସିକଶେଖର : ଅବିଳମ୍ବେ ପାଠ କରୁଛି ସାର୍ ।

ରସରାଜ : କିହୋ ଏମିତି ସାର୍ ସାର୍ କାହିଁକି ହଉଛ ? ଜାଣିପାରୁନ, ଆମ୍ଭେ ଡବଲ୍ ରୋଲ କରୁଛୁ ...

Digitized by PPRACHIN, SOA

ରସିକଶେଖର : ଅଧୀନ ଟିକେ ଡେରିରେ ଅବଗତ ହେଲା । ଆଜିର ଆଲୋଚକଗଣ ହେଉଛନ୍ତି – ରସଗ୍ରୀବ, ରସିକାନନ୍ଦ, ରସବତୀ, ରସିକ ଚୁଡ଼ାମଣି ...।

ରସରାଜ : 'ରସବତୀ'...। ତା'ହେଲେ ତ ବହି ଜମିଲା । ଠିକ୍ ଅଛି, ଆଗ ରସବତୀଙ୍କୁ ଡାକ ।

ରସିକଶେଖର : ତାଙ୍କ ସିରିଏଲ ଆଗ ପଡୁନି । ପ୍ରଥମ ଅଛନ୍ତି କବି ରସଗ୍ରୀବ ।

ରସରାଜ : ସୁଧୀବୃନ୍ଦ, ମୁଁ ଆଲୋଚକ ରସଗ୍ରୀବଙ୍କୁ ଆହ୍ୱାନ କରୁଛି ।

(ରସଗ୍ରୀବ ଆସିଛନ୍ତି । ଖାତା, କଲମ, ପେନ୍‌ସିଲ୍, ବହି ତାଙ୍କ ସାର୍ଟରେ ଝୁଲୁଥିଲା ।)

ଆସନ୍ତୁ ... ଆସନ୍ତୁ ଆଲୋଚକ କବି କଣ୍ଠୁଗ୍ରୀବ ...

ରସିକଶେଖର : କଣ୍ଠୁଗ୍ରୀବ ନୁହେଁ, ରସଗ୍ରୀବ ...

ରସଗ୍ରୀବ : କବି, ସମାଲୋଚକ ରସଗ୍ରୀବର ମୁଖ୍ୟଅତିଥି ଏବଂ ସଭାପତିଙ୍କୁ ପଶ୍ଚାତ୍ ପ୍ରଣାମ ।

ରସିକଶେଖର : ବେଶି ନାହିଁ, ଦି'ପଦ... ଭାସିବା ହୁଅନ୍ତୁ ।

ରସଗ୍ରୀବ : "ହଲ୍ ଭିତରେ ଦର୍ଶକଙ୍କ ଭିଡ଼
ଡାଇଲଗ ମନେ ପଡୁ ନାହିଁ
ଗଛବୃଛ, ଗାଈ, ରମାକାନ୍ତ ଏବଂ ଚଢ଼େଇ –
ସମୁଦ୍ରରେ ପହଁରିଲେ । ରାତାରାତି ତମେ କିନ୍ତୁ ଉଭାନ୍ ..."

ରସରାଜ : ଅହୋ ... ଅହୋ, କି ଚମତ୍କାର । କବି କଣ୍ଠୁଗ୍ରୀବ, ତମେ ଖାଲି ଏଇ କବିତା ଘଷ କର, ନା' ଆଉ କିଛି ରମ୍ଭାରମ୍ଭି କର ?

ରସଗ୍ରୀବ : ମୁଁ ଜଣେ ଉଚ୍ଚକୋଟୀର ନୋଟ୍‌ବହି ମାନେ ମିନିଙ୍ଗ୍ ବହି ଲେଖକ । ଆଉ ସୁବିଧାବାଦୀ ସମାଲୋଚକ । ଆଜି ପର୍ଯ୍ୟନ୍ତ ଯେତେ ମନ୍ତ୍ରୀ ସାହିତ୍ୟ ଘଷ କରିଛନ୍ତି, ସେସବୁ ମୋରି ପାଇଁ । ସେମାନଙ୍କ ନାଁ ରହେ । ହେଲେ କାମଟା ମତେ ହିଁ କରିବାକୁ ପଡେ ।

ରସିକଶେଖର : ମୁଖ୍ୟମନ୍ତ୍ରୀଙ୍କ ଉପରେ ଏବେ ତାଙ୍କର ଗୋଟିଏ ବହି ବାହାରିଛି ।

Digitized by PPRACHIN, SOA

ରସରାଜ : ବାସ୍ତବରେ ତମଭଳି ଛେଚାପିଟା କବି ଥିଲେ, ଏ ଦେଶ ତ ଦୌଡ଼ିବ ପ୍ରଗତି ପଥରେ ।

ରସିକଶେଖର : ଖାଲି ସେତିକି ନୁହେଁ, ସେ ଜଣେ ଥାର୍ଡ଼୍ ଗେଡ଼୍‌ର ଗବେଷକ ।

ରସଗ୍ରୀବ : ସାହିତ୍ୟ ରାଜ୍ୟରେ ଯେଉଁମାନେ ଶୀଘ୍ର ମାନେ ରାତାରାତି ପିଏଚ୍‌ଡି ଦରକାର କରନ୍ତି, ସେମାନେ ସମସ୍ତେ ମୋ ପାଖକୁ ଆସିଥାନ୍ତି । ମାତ୍ର ପଚିଶ ହଜାର ଟଙ୍କା ବିନିମୟରେ ଆପଣମାନେ ନେଇପାରନ୍ତି ନିଜ ମନ ମୁତାବକ ପିଏଚ୍‌ଡ଼ି ।

ରସିକଶେଖର : ଅସୁବିଧା ହେଲେ ସେ ମଧ୍ୟ ଇନ୍‌ଷ୍ଟଲ୍‌ମେଣ୍ଟରେ ଦେବାକୁ ପ୍ରସ୍ତୁତ ।

ରସରାଜ : ତମେ ତା'ହେଲେ ଦେଶର ଜଣେ କୁତୀ ସନ୍ତାନ ।

ରସଗ୍ରୀବ : କୁତୀ ନୁହେଁ କୃତୀ ।

ରସରାଜ : ତମେ କୋଉ ଏରିଆରେ ଏଗୁଡ଼ାକ ବଣ୍ଟାବଣ୍ଟି କର ?

ରସଗ୍ରୀବ : ସାରଳା ଦାସଠାରୁ ସୀତାକାନ୍ତ ପର୍ଯ୍ୟନ୍ତ... ରାଧାନାଥ ରାୟଙ୍କଠାରୁ ରାଧାନାଥ ରଥ ପର୍ଯ୍ୟନ୍ତ... ଜଗନ୍ନାଥଙ୍କଠାରୁ ଜାଲୁଲେଇ ଠାକୁରାଣୀଙ୍କ ପର୍ଯ୍ୟନ୍ତ, ସବୁ ବିଷୟରେ ମୁଁ ସିଦ୍ଧହସ୍ତ ।

ରସରାଜ : ମୁଁ କ'ଣ କହୁଥିଲି କି ...

ରସିକଶେଖର : ଖୋଲିକରି କୁହନ୍ତୁ । ଆହୁରି ଶସ୍ତାରେ ସେ ବି କରେଇଦେବି । ପିଏଚ୍.ଡ଼ି ଦରକାର ତ ?

ରସଗ୍ରୀବ : ଆଦୌ ଚିନ୍ତା କରନ୍ତୁନି । ମୋ ବ୍ରାଣ୍ଡ ଫାକ୍‌ଟରୀରେ ସବୁ ପ୍ରକାର ପିଏଚ୍.ଡି ମିଳେ ।

ରସରାଜ : ତମେ ତ ତା'ହେଲେ ଖାସ୍‌ଲୋକ । ଆଚ୍ଛା, ଦୁର୍ନୀତିକୁ କେମିତି ଦୂର କରିପାରିବ କହିଲ ?

ରସଗ୍ରୀବ : ଭାରି ସହଜ, ହିନ୍ଦୀ ଫିଲିମ୍‌ରେ ଗୋଟାଏ ଜମାଣିଆ ଭଜନ ରହିଛି । ସକାଳେ ସଞ୍ଜରେ ସେଇଟିକୁ ଜନତା ଶୁଣିଲେ, ଦୁର୍ନୀତି ଆପେ ଆପେ ଚାଲିଯିବ ।

Digitized by PPRACHIN, SOA

ରସରାଜ : କ'ଣ ତାହେଲେ ସେହି ଅପୂର୍ବ ଭଜନ ?

ରସଗ୍ରୀବ : "ତୁ ଚିଜ୍ ବଡ଼ି ହେ ମସ୍ତ୍ ମସ୍ତ୍"...
(ନୃତ୍ୟଭଙ୍ଗୀରେ । ସମସ୍ତେ ତାଳି ମାରିଛନ୍ତି)

ରସରାଜ : ଚମତ୍କାର... ଚମତ୍କାର...!!

ରସିକଶେଖର : ମୁଁ କହୁନଥିଲି, ଭାରି କାମିକା ଲୋକ ।

ରସରାଜ : ସତରେ କବି କଣ୍ଠୁଗ୍ରୀବ ତମକୁ ଲାଭ କରି ଏ ଦେଶ ଧନ୍ୟ । ତମର ଏ ନୂତନ ତଥ୍ୟ ସାହିତ୍ୟ ରାଜ୍ୟରେ ନିଶ୍ଚୟ ଝଡ଼ବତାସ ସୃଷ୍ଟି କରିବ ।

ରସିକଶେଖର : ଆଜ୍ଞା, କବି ରସଗ୍ରୀବଙ୍କୁ ଏଇ ଅବସରରେ ପୁରସ୍କାରଟିଏ ଦେଇପାରିଲେ, ସେ କୃତାର୍ଥ ହୁଅନ୍ତେ ।

ରସରାଜ : ଖାସ୍ କଥାଟିଏ କହିଛ । କବି କଣ୍ଠୁଗ୍ରୀବ, ତମ ପ୍ରତିଭାକୁ ସମ୍ମାନ ଜଣାଇ ଆଜିପାଇଁ ମୁଁ ତମକୁ ପଚାଶ ପଇସିଟି ଅର୍ପଣ କରୁଛି ।
(ପକେଟ୍‌ରୁ ବାହାରି କରି ୫୦ ପଇସା ଅର୍ପଣ କରିଛନ୍ତି)

ରସଗ୍ରୀବ : ଆଜ୍ଞା, ଏଇଟି ଅଚଳ ଆଠଣି

ରସରାଜ : କିଏ ସେଇ ମହାଜ୍ଞାନୀ, ମୋ ପକେଟରେ ଅଚଳ ଆଠଣି ପୂରାଇବାକୁ ଦୁଃସାହସ କଲା ? ଆବାହକ, ତୁରନ୍ତ ଏ ତଦନ୍ତ କମିଶନ ବସାଅ । କଠିନ ଦଣ୍ଡ ଦିଆଯିବ ସେଇ ମହାଜ୍ଞାନୀକୁ ।

ରସଗ୍ରୀବ : ଆଜ୍ଞା, ଏଇଟି ତାହେଲେ ନିଅନ୍ତୁ ।

ରସରାଜ : ରସରାଜ ଯାହା ଥରେ ଦିଏ, ତାକୁ ଆଉ ଫେରାଇ ନିଏନା । ଠିକ୍ ଅଛି, ତମକୁ ପରେ ଦିଆଯବ । ଆଜିପାଇଁ ଏତିକି ରଖିଦିଅ ।

ରସଗ୍ରୀବ : ମତେ ବଦନାମ କରିବା ପାଇଁ ଆପଣ ଯାହାସବୁ ସଭା, ସମିତିରେ ଘୋଷଣା କରୁଛନ୍ତି, ଦଉନାହାନ୍ତି ।

ରସରାଜ : ବିରୋଧୀ ଦଳର ଏହା ଏକ ଷଡ଼ଯନ୍ତ୍ର । ଏତିକି ଜାଣିବ, "ବିଶ୍ୱାସେ ମିଳଇ ହରି – ତର୍କେ ବହୁ ଦୂର ?"

ରସଗ୍ରୀବ : ଆଜିକାଲି ତ ସବୁ ଭେଜାଲ । ବିଶ୍ୱାସଟା କେମିତି ଭଲ ରହିବ ?

Digitized by PPRACHIN, SOA

ରସରାଜ : ଠିକ୍ ଅଛି ! ତମର ବିଶ୍ୱାସ ପାଇଁ ମୁଁ ତମକୁ ଗୋଟାଏ ହନୁମାନ ପଇସା ପ୍ରଦାନ କରୁଛି । ସାଇତି ରଖିବ । ଦରକାରବେଳେ କାମରେ ଲାଗିବ । ଭବିଷ୍ୟତ ଉଜ୍ଜ୍ୱଳ ହେବ ।

ରସିକଶେଖର : ଆଜ୍ଞା, ତାଙ୍କୁ ଜଲ୍‌ଦି ବିଦାୟ ଦିଅନ୍ତୁ । ଆଉ ଜଣେ ତେଣେ ଅପେକ୍ଷା କରିକରି ବେଦମ୍ ହୋଇଗଲାଣି ।

ରସରାଜ : କିଏ ? କାହା କଥା କହୁଛ ?

ରସିକଶେଖର : ରସକିନୀ ରସରକେଲୀ 'ରସବତୀ'-

ରସରାଜ : ଥାଉ, ଆଉ କହିବା ଦରକାର ନାହିଁ । ଆମ୍ଭେ ବୁଝିଗଲୁ । କବି କଣ୍ଠଗ୍ରୀବ, ତମେ ଏଥର – (ରସଗ୍ରୀବ ଚାଲିଯାଇଛି । ଆସିଛି ରସପଞ୍ଜିକ)

ରସପଞ୍ଜିକ : ମୁଖ୍ୟଅତିଥିଙ୍କୁ ଠିଆଠିଆ ପ୍ରଣାମ ।

ରସରାଜ : ରସବତୀ, ତମେ ଏତେବେଳଯାଏ କୋଉଠି ଥିଲ ? ପାଖକୁ ଆସ ପ୍ରିୟେ ...

ରସପଞ୍ଜିକ : କ'ଣ କହୁନ । ଏମିତି କୁରୁକୁରୁ କାହିଁକି ହଉଛ ?

ରସିକଶେଖର : ତମକୁ ଆଜ୍ଞା ମନେ ମନେ କେତେଥର ସ୍ୱପ୍ନ ଦେଖି ସାରିଲେଣି ।

ରସପଞ୍ଜିକ : ଯେ'... ମା'... କେଡ଼େ ଲାଜ କଥା ମ'... !

ରସରାଜ : ମୋ ପାଖକୁ ଆସି ବସ ।

ରସପଞ୍ଜିକ : ମୁଁ ସଭାକୁ ଆସିଛି ନା, ୟା'ଙ୍କ ପାଖରେ ବସିବାକୁ ଆସିଛି ?

ରସରାଜ : ମାରଗୁଲି ସେ ସଭାକୁ । ତମେ ଖାଲି ତମର ସେ ତେରଛି ନଜରଟା ମୋ ଆଡ଼କୁ ପକାଉଥାଅ ।

ରସପଞ୍ଜିକ : ଯେ' ମା'... ଏ ପୁରୁଷଟାକୁ ଟିକେ ଲାଜ ନାହିଁ । ହଇଗୋ କ'ଣ କରିବି କହୁନ । କୁତୁକୁତୁ କରିବି ? ନା' ଆଉ କିଛି ?

ରସରାଜ : କୁତୁକୁତୁ ତାହା କି ପ୍ରକାର କଳା ?

ରସିକଶେଖର : ଆଜ୍ଞା, ସେକ୍ସ ଏଜୁକେଶନରେ ଏଇଟା ହେଉଛି ଫାଉଣ୍ଡେସନ୍ କୋର୍ସ... ମାନେ ମୂଳ ପାହାଚ ।

Digitized by PPRACHIN, SOA

ରସରାଜ : ଅତି ଉତ୍ତମ ...

ରସିକଶେଖର : ଆଉ ବିଳମ୍ବ କାହିଁକି ?

(ରସପଞ୍ଚକ ରସରାଜଙ୍କ ଅଣ୍ଟାରେ କୁତୁକୁତୁ କରିଛି)

ରସରାଜ : ଥାଉ... ସେତିକି ଥାଉ । ମୁଁ ତମ ଉପରେ ବହୁତ ଖୁସି ।

ରସପଞ୍ଚକ : ତା' କ'ଣ ମୁଁ ଜାଣିପାରୁନି । ନ ହେଲେ ଅଖିଆଅପିଆ ଏତେବେଳଯାଏ ମତେ ପକେଇ ରଖିଥାନ୍ତ !

ରସରାଜ : ଦୁର୍ନୀତି ଦରବାରରେ ତମେ କ'ଣ କରିପାରିବ ? ମାନେ ତମ କରାମତି କଥା ପଚାରୁଛି ।

ରସିକଶେଖର : ନିଜ ଲୋକ ପାଖରେ ଲଜ୍ଜା କ'ଣ । କୁହ -

ରସପଞ୍ଚକ : ମୋ ପାନ ଦୋକାନଆଡ଼େ କେବେ ଆସ । ଠିକ୍ ବୁଝେଇଦେବି । ଖିଲିପାନ ଗେଂଜିଦେବି, ବଳେ ବୁଝିଯିବ... ।

ରସିକଶେଖର : ତା'ହେଲେ ?

ରସପଞ୍ଚକ : ପୂରା ଗୋଟିକିଆ ପାନ ଦରକାର । ଯେଉଁ ଦିନଠାରୁ ଏ ଦେଶର ଲୋକେ ପାନ ଗିଳିବା ଆରମ୍ଭ କରିବେ, ସେହି ଦିନଠାରୁ ଦୁର୍ନୀତି ଛାଏଁ ଛାଏଁ ଲୋପ ପାଇଯିବ ।

ରସରାଜ : ହେଲେ କେମିତି ?

ରସରାଜ : ଚୂନ, ଗୁଆ, ଗୁଣ୍ଡି ଦେଇ ଏମିତି ମୋଡ଼ି ଦେବି । ସେଇ ପାନ ଭିତରେ ଦୁର୍ନୀତି ପାଟି ଭିତରକୁ ଯାଇ ପୂରା ତଳକୁ ଗଳିଯିବ । ଖଲାସ୍, ଏକଦମ ଖଲାସ୍ ।

ରସିକଶେଖର : ଯଦି ଝାଡ଼ାରେ ବାହାରିନଯାଏ ?

ରସପଞ୍ଚକ : ଚୋବେଇ ଗିଳିଦେବ । ଛେପ ପିକ କିଛି ବାହାରେ ଯେମିତି ନ ପଡ଼େ ।

ରସରାଜ : ବାଃ... ବାଃ... ଚମତ୍କାର ତଥ୍ୟ । ଏତେ ଦିନଯାଏ ଏ ତଥ୍ୟକୁ କୋଉଠି ସାଇତି ରଖିଥିଲ ରସବତୀ ?

Digitized by PPRACHIN, SOA

ରସପଞ୍ଚକ : କୋଉଠି ଆଉ ରଖିବି ? ସେଇଠି ମ’ ... । ଗର୍ଭରେ...

ରସିକଶେଖର : ଓ ଠିକଣା ଜାଗାରେ ।

ରସରାଜ : ଆଉ... ସେଇଠି ଆଉ । ଭଲ ଜାଗାରେ ଅଛି । ସେଠୁ ସିଏ କୁଆଡ଼େ ଯାଇପାରିବନି । (ଭିତରୁ ଶୁଣାଗଲା – ‘ରସବତୀ ଆସିପାରିବେନି । ତାଙ୍କର ଆକ୍ସିଡେଣ୍ଟ ହୋଇଯାଇଛି ।’)

ରସିକଶେଖର : ବଡ଼ ଅଶୁଭ ଖବର । ରସବତୀଙ୍କର ଆକ୍ସିଡେଣ୍ଟ ...

ରସିକରାଜ : ରସିକଶେଖର, ଇଏ ତା’ହେଲେ କିଏ ? (ରସପଞ୍ଚକକୁ ଦେଖାଇ)

ରସିକଶେଖର : ଆଜ୍ଞା, ଇଏ ହଉଛନ୍ତି ତାଙ୍କ ‘ଡମି’

ରସପଞ୍ଚକ : ନାମ ମୋର ‘ରସପଞ୍ଚକ’...

ରସରାଜ : ଦିନ ଦି’ପହରେ ଡକାୟତି ।

ରସପଞ୍ଚକ : ତମେ କୋଉ ଭଲ ମଣିଷ ଯେ । କେତେ ଘାଟରେ ପାଣି ପିଇ ପିଇ ଆସିଛ...

ରସରାଜ : ରସିକଶେଖର, ତୁରନ୍ତ ପୋଲିସ୍ ଡକାଅ ।

ରସପଞ୍ଚକ : କାଇଁକି ପୁଲିସ୍ ପୁଲିସ୍ ହଉଛ...। ପୁଲିସ୍ ତ ଆପେ ଖୋଜି ଖୋଜି ଆସି ଏଠି ପହଞ୍ଚିଯିବ...

ରସରାଜ : ଆସ୍ତେ କହ, ନଇଲେ ପାନଖିଆ ଦାନ୍ତ ଦି’ଟା ଭାଙ୍ଗିଦେବି ।

ରସିକଶେଖର : କ’ଣ ଏଇସବୁ ହଉଛି । ଶୀଘ୍ର ଏ ପାଲା ବଢ଼େଇ ଆମେ ଯେମିତି ହଉ ଏଠୁ ଫେରାର ହେଇଯିବା । କେତେବେଳେ ଆସି ମାମୁଁଘର ଲୋକେ ପହଞ୍ଚିଯିବେ, କହି ହେଉନି ।

ରସରାଜ : ହଉ, ତମେ ଏଥର ଯାଅ ।

ରସପଞ୍ଚକ : ସମସ୍ତଙ୍କୁ ଟି.ଏ. ଡି.ଏ... ଦେଇ ବିଦା କରୁଛ । ମତେ କ’ଣ ମୋଫତ ପାଇଲ ? ହେଇଟି, ମୁଁ କାହାରି ନୁହେଁ ...। ଗୁଆକାତିରେ ଦେବି ଧରି ଦାବି ଯେ...

ରସିକଶେଖର : ଆଜ୍ଞା, କିଛି, ଦେଇଦିଅନ୍ତୁ ତାଙ୍କୁ । ସିଏ ଛାଡ଼ିଲା ଲୋକ ନୁହଁନ୍ତି ।

Digitized by PPRACHIN, SOA

ରସରାଜ : ଠିକ୍ ଅଛି । ଏ ପଚିଶି ପଇସିଟି ନିଅ ।

(ପକେଟରୁ ବାହାର କରି ରସପଞ୍ଚକକୁ ଦେଉଛି)

ରସପଞ୍ଚକ : ଏଇଟା ଦଶପଇସି...। ଦଶପଇସି ଦେଇ ଦଶଟଙ୍କାର କଥା କହିବ । ଛିଆଲୋ... ଛି... ରଖ ତମ ଦଶପଇସି ।

(ରସରାଜଙ୍କ ହାତରେ ମାଡ଼ିଦେଇ) ହେଇଟି, ଯିବ...ଯିବ...। ଭଲକରି ଖିଲିପାନ ଗୋଞ୍ଜିଦେବି... ! (ପ୍ରସ୍ଥାନ)

ରସରାଜ : ଆରେ ବାବା, କି ସାଂଘାତିକ ମଣିଷ... !

ରସିକଶେଖର : ହେଲେ ଅନ୍ତରଟା ଭାରି ସରଳ ନରମ ।

ରସରାଜ : ତାହା ତ ଝଲିଚଳନ କରିଦଉଛି । ରସିକଶେଖର, ତମେ କିଛି ସମୟ ପାଇଁ ଏ ସଭା କାମ ଚଳଉଥାଅ । ମୁଁ ଟିକେ 'ଏକ' ଆସେ...

ରସିକଶେଖର : ଏକ... ଦୁଇ ସବୁ ସାରିଦେଇ ଆସନ୍ତୁ ।

(ରସରାଜ ଚାଲିଯାଇଛି)

ରସିକଶେଖର : ସୁଧୀବୃନ୍ଦ, ଆମର ଆଉ ଦୁଇଜଣ ଛେଚାପିଟା ଆଲୋଚକ ଏ ସଭାରେ ମହଜୁଦ୍ ଅଛନ୍ତି । ମୁଁ ଏକା ସାଙ୍ଗରେ ସେ ଦୁଇଜଣଙ୍କୁ ମଞ୍ଚ ଉପରକୁ ଆହ୍ୱାନ କରୁଛି...। ରସିକଚୁଡ଼ାମଣି... ଆଉ ରସିକାନନ୍ଦ...।

ରସିକଚୁଡ଼ାମଣି : (ପ୍ରବେଶ କରି) ମୁଖ୍ୟଅତିଥିଙ୍କୁ ରସିକ ଚୁଡ଼ାମଣିର ପଶ୍ଚାତ୍ ପ୍ରଣାମ

(ପଛପଟକୁ ହାତ କରି ପ୍ରଣାମ)

ରସିକଶେଖର : ଡାକ୍ତର ରସିକଚୁଡ଼ାମଣି, ଏସବୁ ... ?

(ରସିକଚୁଡ଼ାମଣିଙ୍କ ଡ୍ରେସ୍‌ରେ ଛୁରୀ, କଇଞ୍ଚି, ଡାଙ୍ଗଣ ଝୁଲୁଥିବ । ହାତରେ ଛୋଟ ଶାବଳ)

ରସିକଚୁଡ଼ାମଣି : ସେସବୁ ଡାକ୍ତରୀ ବିଦ୍ୟାର ଗହନ କଥା । ସହଜେ ମୁଣ୍ଡରେ ପଶୁନି ।

ରସିକଶେଖର : ରସିକାନନ୍ଦ କୁଆଡ଼େ ଗଲେ ?

ରସିକଚୁଡ଼ାମଣି : ତାଙ୍କୁ ଜୋର୍‌ରେ ତଲବ୍ ଦେଖାଇଲା । ସାଙ୍ଗେ ସାଙ୍ଗେ ସେଇଠି ବସି ପଡ଼ିଲେ ।

Digitized by PPRACHIN, SOA

ରସିକଶେଖର : ବଡ଼ ଲଜ୍ଜାର ବିଷୟ । ଏ କଥା କାହାକୁ କହିବନି । ହଁ ଡାକ୍ତର, ତମର ଗହନ ବିଦ୍ୟା ବିଷୟରେ କିଛି ଭାଷ... ସୁଧୀ ଦର୍ଶକମାନେ ଖାସ୍ ତମପାଇଁ ଅପେକ୍ଷା କରିଛନ୍ତି ।

ରସିକଚୁଡ଼ାମଣି : ଏ ସରଂଜାମଗୁଡ଼ିକୁ ଦେଖୁଛନ୍ତି ? ଛୁରୀ... କଇଁଚି, ଡାମ୍ଫଣେ... ଆଉ ଏ ଶାବଳ ଏମାନେ ମେଡ଼ିକାଲ ସାଇନ୍ସ କ୍ଷେତ୍ରରେ ମତେ ବହୁତ ସାହାଯ୍ୟ କରିଛନ୍ତି ।

ରସିକଶେଖର : ବଡ଼ ଆଚମ୍ବିତ କଥା ...!

ରସିକଚୁଡ଼ାମଣି : କାହାକୁ କହିବେନି, ଗୋପନ କଥା ।

ରସିକଶେଖର : ଦୁର୍ନୀତି ନିବାରଣ ଦିଗରେ ତମ ଡାକ୍ତରୀ ଜ୍ଞାନ କେମିତି କ'ଣ ସାହାଯ୍ୟ କରୁଛି ?

ରସିକଚୁଡ଼ାମଣି : ଦୁର୍ନୀତିର ଅସଲ କାରଣ ହେଉଛି 'ବଥ' । ମଣିଷ ଶରୀର 'ବଥ' ।

ରସିକଶେଖର : 'ବଥ' ।

ରସିକଚୁଡ଼ାମଣି : ବଥରୁ ଜୀବାଣୁମାନେ ଗୋଟିଏ ମଣିଷ ପାଖରୁ ଆଉ ଗୋଟିଏ ମଣିଷ ପାଖକୁ ବ୍ୟାପିଥାନ୍ତି । ଏହି ଜୀବାଣୁମାନେ ହେଉଛନ୍ତି ଦୁର୍ନୀତିର ମଞ୍ଜି ।

ରସିକଶେଖର : ଏମିତିକା ଗୋଲ୍‌ଗାଲ୍ ତଥ୍ୟ ଆଜିଯାଏ କେହି ବାହାର କରିନଥିଲେ । ତମେ ଏସବୁ ଖବରକାଗଜରେ ପ୍ରକାଶ କରୁନ କାହିଁକି ?

ରସିକଚୁଡ଼ାମଣି : ଦେଶସାରା ତ ସମସ୍ତେ ଘୋଡ଼ାଡିମ୍ବ ସମ୍ମିଳନୀରେ ବ୍ୟସ୍ତ । ମୋ କଥା ଶୁଣିବ କିଏ ?

ରସିକଶେଖର : ଅଲବତ୍ ଶୁଣିବେ । ତାଙ୍କ ଚଉଦପୁରୁଷ ଶୁଣିବାକୁ ବାଧ । ଏ ତଥ୍ୟ ପାଇଁ କେତେ କାଳ ଲାଗିଛି ?

ରସିକଚୁଡ଼ାମଣି : ପୂରାପୂରି ଏକଦିନ ଏକରାତି । ମନେ ପଡ଼ିଯାଉଛି ସେଦିନ କଥା । ରୋଗୀଟିଏ ଯନ୍ତ୍ରଣାରେ ଛଟପଟ ହେଉଥାଏ ।

Digitized by PPRACHIN, SOA

ରସିକଶେଖର : ତମେ ସେଠି କ'ଣ କରୁଥିଲ ?

ରସିକଚୁଡ଼ାମଣି : ମେଡ଼ିକାଲ୍‌କୁ ଏକ୍ସରେ ମେସିନଟାଏ ଆସିଥାଏ । ସେଇଟାକୁ ରାତାରାତି ଉଠେଇବା ପାଇଁ ସବୁତକ ଦାୟିତ୍ୱ ମୋ ଉପରେ ଥାଏ । ଖୁବ୍ ସତର୍କ ହେଇ ଶାବଳ ହାତରେ ଧରି ଆଗଉଥାଏ ।

ରସିକଶେଖର : ତା'ପରେ ?

ରସିକଚୁଡ଼ାମଣି : ରାତିଅଧରେ ମୋ ହାତରେ ଶାବଳ ଦେଖି, ସେ ଭାବିଲା ମୁଁ ତାକୁ ମାରିବାକୁ ଯାଉଛି । ବଥଟି ତା'ର ସେଇଠି ଆପେ ଫାଟିଗଲା । ସର୍ଜିକାଲ୍ ୱାର୍ଡ଼ର ସବୁରୋଗୀ ମତେ ଡାକ୍ତରଙ୍କ ବଡ଼ବାପା ବୋଲି ଜାଣନ୍ତି ।

ରସିକଶେଖର : ବାଃ... କି ଦାରୁଣ ସତ୍ୟ !

ରସିକଚୁଡ଼ାମଣି : ସେହି ଦିନଠାରୁ ଏ ଡାକ୍ତର ଚୁଡ଼ାମଣି ଦୁର୍ନୀତିର ମଞ୍ଜି ସେଇ ବଥକୁ ମୂଳପୋଛ କରିଚାଲିଛି ।

ରସିକଶେଖର : ହେଲେ ଏସବୁ ଯନ୍ତ୍ରପାତି ?

ରସିକଚୁଡ଼ାମଣି : ଶାବଳ ସାହାଯ୍ୟରେ ପ୍ରଥମେ ବଥର ମୂଳକୁ ତାଡ଼ିବ । କଇଁଚିରେ ବଥର ଅଗକୁ ଆସ୍ତେ କାଟିବ । ଛୁରୀଧରି ଜାଗାଟିକୁ ପିସ୍‌ପିସ୍ କରି ବାହାର କରିବ । ଡାଙ୍ଗଣ ଧରି କ୍ଷତ ସ୍ଥାନକୁ ସିଲେଇ କରିଦେବ । ବାସ୍ ରୋଗୀକୁ ଆରାମ୍, ଦୁର୍ନୀତି ମଧ୍ୟ ଲୋପ... ।

ରସିକଶେଖର : ସାବାସ୍ ... ସାବାସ୍ ... ଡାକ୍ତର । କ'ଣ ନ କହିଲ ମ !

ରସରାଜ : (ପ୍ରବେଶ କରି) ରସିକଶେଖର, ଏଥର ମୋ ପୋଜିସନ୍ ଛାଡ ।

ରସିକଚୁଡ଼ାମଣି : ହଇହୋ, ତମେ ତା'ହେଲେ ମୁଖ୍ୟଅତିଥି ନୁହଁ ?

ରସିକଶେଖର : କିଛି ସମୟ ପାଇଁ ମୁଁ ତାଙ୍କ ଡମି ସାଜିଥିଲି ...।

ରସିକଚୁଡ଼ାମଣି : ଫେରାଅ ମୋ ପ୍ରଣାମି... ଜଲଦି ଫେରାଅ ...।

ରସରାଜ : ଆଉ ବିଳମ୍ବ କାହିଁକି ? ତାଙ୍କ ପ୍ରଣାମି ୱାପସ୍ କର ।

Digitized by PPRACHIN, SOA

ରସିକଶେଖର : କଥା କଥାକେ ଏମିତି ଅପମାନ ଦେଲେ ମୁଁ ସୁଇସାଇଡ୍ କରିଦେବି । ଠିକ୍ ଅଛି, ବିଶିଷ୍ଟ ଡାକ୍ତର ରସିକ ଚୁଡ଼ାମଣିଙ୍କୁ ପଶ୍ଚାତ୍ ପ୍ରଣାମ ।

ରସିକଚୁଡ଼ାମଣି : ଆପଣ ସେଇଟାକୁ ଗ୍ରହଣ କରିନିଅନ୍ତୁ ।

ରସରାଜ : ଉତ୍ତମ... । ରସିକ ଚୁଡ଼ାମଣି, ତମ ଜ୍ଞାନ ବିଷୟରେ ବହୁତ ଶୁଣିଛି । ହେଲେ ଥୋବଡ଼ା ଦେଖି ନଥିଲି ।

ରସିକଶେଖର : ରସିକାନନ୍ଦଙ୍କର ଆସିବାବେଳ ହୋଇଯାଇଛି । ଡାକ୍ତର ଚୁଡ଼ାମଣି, ତମେ ଏଥର ଆଉଟ୍... ।

ରସିକଚୁଡ଼ାମଣି : କ'ଣ ଖାଲି ଖାଲି ଏଠୁ ଫେରିଯିବାକୁ ଆସିଛି ?

ରସିକଶେଖର : ଆଉ କ'ଣ ବାଲି ମେଞ୍ଚାଏ ନେଇକରି ଯିବ ?

ରସରାଜ : ଆମ୍ଭେ ଦେଖୁଛୁ ବ୍ୟସ୍ତ ହୁଅନି । (ପକେଟ୍ ଅଣ୍ଡାଳି) ନିଅ ଟଙ୍କାଟିଏ ନିଅ । ହେଲେ ପଚାଶ ପଇସା ଫେରାଇବାକୁ ପଡ଼ିବ ।

ରସିକଚୁଡ଼ାମଣି : ବିଡ଼ି କଠାକୁ ତ ଟଙ୍କାଟିଏ ହେଲାଣି । କାହିଁକି ପଚାଶ ପଇସା ଫେରାଇବି ? ମୋ ଜ୍ଞାନ କ'ଣ ଏତେ ଶସ୍ତା ?

ରସରାଜ : ଏମିତି କଲେ ଆଉ ଦିନେ ଏଠାକୁ ଆସିବନି ।

ରସିକାନନ୍ଦ : (ରସିକାନନ୍ଦ ମୁହଁ ଗଳେଇ ପଚାରିଛନ୍ତି) ଯିବି, ନା' ଟାଇମ୍ ହେଇନି ?

ରସିକଶେଖର : ଡାକ୍ତର ଚୂଡ଼ାମଣି ଜଲ୍‌ଦି ଆଉଟ୍... ଆଉଟ୍... (ଚୁଡାମଣି ଚାଲିଯାଇଛନ୍ତି) । ଏଥର ରସିକାନନ୍ଦ, ଇନ୍... ଇନ୍... ଆସ । (ରସିକାନନ୍ଦ କାନ୍ଦିକାନ୍ଦି ପ୍ରବେଶ କରିଛନ୍ତି)

ରସରାଜ : ଏ କ'ଣ ରସିକାନନ୍ଦ ?

ରସିକଶେଖର : ସେ ଆପଣଙ୍କୁ କରୁଣ ରସରେ ପ୍ରଣାମ ଜଣାଉଛନ୍ତି ।

ରସରାଜ : ସାବାସ୍ ଗ୍ରହଣ କରିନେଲି ।

ରସିକଶେଖର : ସେ ସଦ୍ୟ ଫେରିଛନ୍ତି ଅଖିଳ ଭାରତୀୟ କାନ୍ଦଣା ସମ୍ମିଳନୀରୁ । ଫାଷ୍ଟ ପ୍ରାଇଜ୍ ପାଇଛନ୍ତି ।

Digitized by PPRACHIN, SOA

ରସରାଜ : ତା'ହେଲେ ତ ରସିକାନନ୍ଦ ତମେ ନିଶ୍ଚୟ ଗୋଟାଏ ପୁରସ୍କାର ପାଇବ ।

ରସିକଶେଖର : ତମ କରାମତିଟା ସାର୍‌ଙ୍କୁ ଦେଖେଇ ଦିଅ ।

ରସିକାନନ୍ଦ : ସେଥିରେ ମୁଁ କେବେ ବିଳମ୍ବ କରେନା । ଆପଣ ହାର୍‌ମୋନିୟମ୍ ଧରନ୍ତୁ ।

(ରସିକଶେଖର ହାରମୋନିୟମ୍ ଚଳାଇଲା ଭଳି ଆଙ୍ଗୁଳି ଚଳାଇଲେ । ରସିକାନନ୍ଦ ତିନିପ୍ରକାର କାନ୍ଦଣା ପରିବେଷଣ କଲେ)

ରସରାଜ : ବ୍ରାଭୋ... ବ୍ରାଭୋ... ରସିକାନନ୍ଦ । ତମେ କ'ଣ ନ କଲମ ?

ରସିକଶେଖର : ସେ ହେଉଛନ୍ତି ଜଣେ ନାମକରା ବୈଜ୍ଞାନିକ ।

ରସରାଜ : ଦୁର୍ନୀତି ବିଷୟରେ ତମ ବିଜ୍ଞାନ କ'ଣ କରୁଛି ?

ରସିକାନନ୍ଦ : ଆପଣମାନେ ସମସ୍ତେ ଜାଣନ୍ତି, ବିଜ୍ଞାନ ହେଉଛି ଗୋଟାଏ ଗ୍ୟାସ୍ । ଆଉ ଏ ଦୁର୍ନୀତି ହେଉଛି, ଗୋଟାଏ ସୁପରଗ୍ୟାସ୍ । ୧୯୪୮ ମସିହା ଜାନୁଆରୀ ୩୦ ତାରିଖଠାରୁ ଏହି ଦୁର୍ନୀତି ଗ୍ୟାସ୍ ବ୍ୟାପିବାରେ ଲାଗିଛି ।

ରସିକଶେଖର : କୋଉଠି ବ୍ୟାପୁଛି ? ଜଳରେ ନା ସ୍ଥଳରେ ? ପବନରେ ନା' ଅଗ୍ନିରେ ?

ରସିକାନନ୍ଦ : ସବୁଠି... ସବୁବେଳେ... ଚେଇଁଥିବାବେଳେ... ଶୋଇଥିବାବେଳେ... ଝାଡ଼ା ପରିସ୍ରା ଗଲାବେଳେ... ଏପରିକି ମନରେ... ରକ୍ତରେ... ନିଶ୍ୱାସପ୍ରଶ୍ୱାସରେ... ସବୁଠି ତା'ର ରାଜୁତି ।

ରସିକଶେଖର : ଏହାର କ'ଣ କିଛି ପ୍ରତିକାର ନାହିଁ ?

ରସିକାନନ୍ଦ : ଅଛି...! ତାହା କେବଳ ଗୋଟିଏ ଲୋକ ଜାଣେ । ଆଉ ସେଇ ଜଣକ ହେଉଛି ମୁଁ । ମୋ ହାତରେ ଏଇ ନଳୀଟିକୁ ଦେଖିପାରୁଛନ୍ତି ? ଯା'ରି ସାହାଯ୍ୟରେ ମୁଁ ୧୯୪୮ ମସିହାରୁ ସେହି ସୁପରଗ୍ୟାସ୍ ଖୋଜି ବୁଲୁଛି ।

ରସିକଶେଖର : ଏ ନଳୀଟା କ'ଣ ମହାତ୍ମାଗାନ୍ଧୀଙ୍କର ନା' ସାମନ୍ତ ଚନ୍ଦ୍ରଶେଖରଙ୍କର ?

Digitized by PPRACHIN, SOA

ରସିକାନନ୍ଦ : ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ମଲା ପୂର୍ବରୁ ସେ ଏଇଟିକୁ ମୋ ନାଁରେ ଉଇଲ୍ କରି ଦେଇଯାଇଥିଲେ ।

ରସରାଜ : ପାଖାପାଖି ୭୦ ବର୍ଷ ତ ପୂରିବାକୁ ବସିଲାଣି । ଦୁର୍ନୀତି କେବେ ଲୋପ ହେବ ?

ରସିକାନନ୍ଦ: ଧୈର୍ଯ୍ୟ ଧରିବାକୁ ହେବ । ଏଯାଏ ନିଆଁ ଜଳିନାହିଁ... କେଟ୍‌ଲୀ ତାତି ନାହିଁ । ଗରମ ନ'କେଟ୍‌ଲୀ ଭିତରେ ଦୂ ଠାଇ ଦୁର୍ନୀତି ଗ୍ୟାସ୍‌କୁ ଶେଷ କରିବାକୁ ହେବ ।

ରସିକଶେଖର : ସେ ସମୟ କେବେ ଆସିବ ?

ରସିକାନନ୍ଦ : ଆସିବ... ଖୁବ୍ ଶୀଘ୍ର ଆସିବ । ୪୯ ପବନ ବହିବ... ଜଳସ୍ଥଳ ପବନ ଆକାଶ ଏକାକାର ହେବ । ସେହି ଦିନ ରାତି ବାରଟାବେଳେ କେଟଲୀ ଗରମ ହେବ । ସକାଳ ହେଲାବେଳକୁ କେଟଲୀରେ କିଛି ନଥିବ । ଦୁର୍ନୀତି ଗ୍ୟାସ୍ ଉଡନ୍ ଛୁ ...।

ରସରାଜ : ଆଃ... କି ଦାମିକିଆ ସତ୍ୟ ତମେ ଆବିଷ୍କାର କରିଛ ମ ! ମୋର ଇଚ୍ଛା ହେଉଛି ମୁଁ ଏଇ ମୁହୂର୍ତ୍ତରେ ତୁମକୁ ପୁରସ୍କାର ପ୍ରଦାନ କରିବି ।

ରସିକାନନ୍ଦ : ନାଇଁ ଥାଉ... ଥାଉ... । ମୋ ଗବେଷଣା ବଳରେ ମୁଁ ଜାଣିପାରୁଛି, ଆପଣଙ୍କ ପକେଟ ପୂରାପୂରି ଖାଲି ।

ରସିକଶେଖର : ଏ ତ ଅତି ଚମତ୍କାର ।

ରସରାଜ : ମୁଁ ତ ଦିନେ ନା ଦିନେ ନିଶ୍ଚୟ ପୁରସ୍କାର ଦେବି ।

ରସିକଶେଖର : ମୃତ୍ୟୁ ପୂର୍ବରୁ ନିଶ୍ଚୟ...

ରସରାଜ : ପୁରସ୍କାର ନ ପାଇଲା ପର୍ଯ୍ୟନ୍ତ ତମେ ମରି ପାରିବ ନାହିଁ ।

ରସିକାନନ୍ଦ : ପ୍ରଭୁ, ସେତିକି ଦୟା ଥାଉ ।

ରସରାଜ : ଆବାହକ, ଆଉ କେହି ଆଲୋଚକ ଅଛନ୍ତି ନା'ସଭା ଖତମ୍ କରିବା ?

ରସିକଶେଖର : ସେତିକି ଭାଷଣ ଶୁଣିଶୁଣି ଦର୍ଶକମାନଙ୍କ ପିଳେହିପାଣି । ଅଧିକା ହେଲେ ତାକୁ ପୁଣି ନେଇ କୋଉଠି ଥୋଇବେ ? ସମସ୍ତେ ଘୁମେଇ ପଡ଼ିଲେଣି ।

Digitized by PPRACHIN, SOA

ରସରାଜ : ସମସ୍ତଙ୍କୁ ଡାକିଦିଅ । ଜାତୀୟ ସଂଗୀତ ଗାନ କରାଯିବ । ଶୀଘ୍ର କାମ ସାର । ଯେତେ ଶୀଘ୍ର ଏଠୁଁ ଫେରାର୍ ହେବାକୁ ପଡ଼ିବ । ବେଶି ସମୟ ରହିଲେ ଧରାପଡ଼ିଯିବା ।

(ରସପଞ୍ଚକ, ରସିକଚୂଡ଼ାମଣି, ରସଗ୍ରୀବ ସମସ୍ତେ ମଞ୍ଚକୁ ଆସିଛନ୍ତି । କୋରସ୍ ଭଳି ଗାନ ଆରମ୍ଭ କରିଛନ୍ତି)

ରସରାଜ : କଲେ ପଛେ କରୁ ଟାଉଟରୀ ...

ସମସ୍ତେ : ଆମେ ଚଳାଇବୁ ଦେଶ ଆମରି ...

ରସରାଜ : ଦେଶର ଧନକୁ ନିଲାମ କରି

ସମସ୍ତେ : ଆମରି ନାଆରେ ଆମେ ନାଉରୀ

(ପୋଲିସ୍ ହୁଇସିଲ୍ / ସାଇରନ୍ ଶୁଭିଛି । ପରେ ପରେ ଏକ ଘୋଷଣା)

ଘୋଷଣା : ଜେଲରୁ ଖସି ପଳେଇଆସିଥିବା କେତେ ଜଣ କଏଦୀ ବର୍ତ୍ତମାନ ବାପୁଜୀ ଅଡ଼ିଟରିୟମ୍ ଭିତରେ ଆତ୍ମଗୋପନ କରିଛନ୍ତି । ସେମାନଙ୍କୁ ପୋଲିସ୍‌ରେ ଧରାଇଦେବାକୁ ଅନୁରୋଧ ଜନସାଧାରଣଙ୍କୁ । କଏଦୀମାନେ ଖସିଯିବାକୁ ଚେଷ୍ଟା କରନ୍ତୁ ନାହିଁ । ଅଡିଟରିୟମ୍ ଚଉିପଟେ ସଶସ୍ତ୍ର ପୋଲିସ୍ ଜଗି ରହିଛି । ବିନା ଦ୍ୱିଧାରେ କଏଦୀମାନେ ନିଜ ନିଜକୁ ସରେଣ୍ଡର କରନ୍ତୁ ...।

ରସିକଶେଖର : କ'ଣ କରିବା ଏଇନେ ? ମୁଁ ମନା କରୁଥିଲି ଏ ଜାଗାକୁ ଆସିବାକୁ । ଏସବୁ ପାଇଁ ତମେ ଦାୟୀ ।

ରସରାଜ : ବରଂ ଭଲଥିଲା ଜେଲର ସେ ଶୁଖିଲା ରୁଟି ଦି'ଖଣ୍ଡ । ଏବେ ତ କପାଳ ଫାଟିଲା ।

ରସିକାନନ୍ଦ : ଆଉ କୋଉବାଟେ ଖସି ହେବନି ? ପୁଣି ସେଇ ଜେଲ୍...

ରସିକଚୁଡାମଣି : ଚଉିପଟେ ପୁଲିସ୍ ଜଗିଛି ।

ରସପଞ୍ଚକ : ଆଜି ରାତି ମିଲ୍‌ଟା ତା ହେଲେ ?

ରସରାଜ : ମାମୁଁଘରେ ।

Digitized by PPRACHIN, SOA

ରସିକଶେଖର : ମାମୁଁଘରକୁ ଯିବା ଯେତେବେଳେ ନିଶ୍ଚିତ, ଦର୍ଶକମାନଙ୍କ ପାଖରେ ଥରେ କ୍ଷମା ମାଗିନେଲେ କ୍ଷତି କ'ଣ ?

ରସରାଜ : ହଁ, ତାହାହିଁ ହେଉ । ଦର୍ଶକ ବନ୍ଧୁଗଣ, ଆମେ ସବୁ ଜଣେଜଣେ କଏଦୀ । ଆତ୍ମରକ୍ଷା ପାଇଁ ଏ ନିରାପଦ ସ୍ଥାନଟି ବାଛି ନେଇଥିଲୁ । ହେଲେ କପାଳରେ ଯାହା ଲେଖାହେଇଛି, ତାକୁ କିଏ ଫାଙ୍କିପାରିବ ?

ରସିକଶେଖର : ହଁ, ବନ୍ଧୁଗଣ ! ଆଜି ସନ୍ଧ୍ୟାର ପ୍ରକୃତ ବକ୍ତାଗଣ ଅଡ଼ିଟୋରିୟମ ଉପର ମହଲାରେ ବନ୍ଧା ହୋଇଛନ୍ତି । ସେମାନଙ୍କୁ ମଧ୍ୟ ଆମେ କ୍ଷମା ମାଗିନେଉଛୁ ।

ରସରାଜ : ଆମେ ଯାହାସବୁ କହିଲୁ, ସବୁ ଗୁଡ଼ାଏ ଡାହାମିଛ । ଏସବୁକୁ ଆପଣମାନେ ଗୋଟାଏ ନାଟକର ଡାଇଲଗ୍ ବା ବାଜେ ନାଟକ ବା ଫାଲ୍‌ତୁ ନାଟକ ବୋଲି ମନେକରି ଆମକୁ କ୍ଷମା କରିଦିଅନ୍ତୁ ।

ରସିକଶେଖର : ହଁ, ଗ୍ୟାରେଣ୍ଟି ଦେଉଛୁ, ଆଉ ଏମିତି ଭୁଲ୍ କେବେ କରିବୁନି ...।

(ପୋଲିସ୍ ହୁଇସିଲ ପାଖେଇ ଆସୁଥିଲା । ମଞ୍ଚ ଅନ୍ଧକାର ।)

●

Digitized by PPRACHIN, SOA

କାଳିଦାସ କଥା

(ଚରିତ୍ର : ନେତ୍ରାନନ୍ଦ, କାଳୁ, ମନ୍ଦାକିନୀ, ବିକ୍ରମ, ବିକି, ବେବି, ଚୌଧୁରୀ, ରସିକାନନ୍ଦ, ସ୍ୱାମୀ, ରବି)

ପ୍ରଥମ ଦୃଶ୍ୟ

[ଡ୍ରଇଂରୁମ୍: ଟି.ଭି.ରେ ରାମାୟଣ ସିରିଏଲ୍ ଚାଲିଥିଲା । ଘରର ଚାକର କାଳୁ ଏକୁଟିଆ ବସି ସିରିଏଲ୍‌ଟି ଦେଖୁଥିଲା । ସିରିଏଲ୍ ଶେଷରେ ସେ ନିରବରେ ବସି କାନ୍ଦୁଥିବାବେଳେ, ଘରର ମାଲିକ ନେତ୍ରାନନ୍ଦବାବୁ ଘର ଭିତରକୁ ପଶି ଆସିଛନ୍ତି...]

ନେତ୍ରାନନ୍ଦ : କାଳୁ! ଆରେ କ'ଣ ହେଲା ? କାନ୍ଦୁଛୁ କାହିଁକି ?
(କାଳୁ ବେଶୀ କାନ୍ଦିଛି । ଟି.ଭି. ବନ୍ଦ କରିଛନ୍ତି ନେତ୍ରାନନ୍ଦ ବାବୁ) ।

କାଳୁ : 'ମରିଗଲେ' ।

ନେତ୍ରାନନ୍ଦ : କିଏ ମରିଗଲେ ?

କାଳୁ : ମା' 'ସୀତୟା' ।

ନେତ୍ରାନନ୍ଦ : କୋଉ ସୀତୟା ?

କାଳୁ : ରାମଚନ୍ଦ୍ରଙ୍କ ସ୍ତ୍ରୀ

ନେତ୍ରାନନ୍ଦ : କୋଉ ରାମଚନ୍ଦ୍ର ? ଆରେ ଆମ ଡାଇରେକ୍ଟର ରାମବାବୁଙ୍କ ସ୍ତ୍ରୀ 'ସୀତା' ନୁହେଁ ତ ?

କାଳୁ : ନାଇଁ, ସିଏ ନୁହେଁ । ଭଗବାନ ରାମଚନ୍ଦ୍ରଙ୍କ ସ୍ତ୍ରୀ 'ସୀତୟା' ।

ନେତ୍ରାନନ୍ଦ : ଆଚ୍ଛା, ଆଚ୍ଛା... ! ଟି.ଭି. ସିରିଏଲ ଦେଖୁଥିଲୁ ।

କାଳୁ : ହଁ ବାବୁ, ସୀତୟାଙ୍କୁ ଶେଷଯାଏ କେହି ବୁଝିପାରିଲେ ନାହିଁ ।

ନେତ୍ରାନନ୍ଦ : ହେଲା, ତୁ ତ ବୁଝିଛୁ, ସେତିକି ଯଥେଷ୍ଟ । ହଉ... । ଆ'...।

କାଳୁ : ବାବୁ, ଚା'ଆଣିବି ?

Digitized by PPRACHIN, SOA

ନେତ୍ରାନନ୍ଦ : ହଁ, ଯା... । ନା'... । ଚା' ଦରକାର ନାହିଁ । ଦେହ ହାତ ବିନ୍ଧୁଛି । ଟିକେ ଭଲକରି ଦାବିଦେ । (କାଳୁ 'ହାତ... 'ପିଠି'... ମୋଡ଼ିବାକୁ ଆରମ୍ଭ କରିଛି)

ନେତ୍ରାନନ୍ଦ : ଆରେ ଟିକିଏ ଖାଇଲା ଭଳିଆ ମୋଡ଼ି ଦେ । ଏମିତି ତରତର କାହିଁକି ହଉଛୁ ?

କାଳୁ : ମା' ଖୋଜୁଥିବେ ।

ନେତ୍ରାନନ୍ଦ : ଏଯାଏ ତ ଖୋଜିନାହାନ୍ତି । ସେ ବେଳ ଆସୁ ।
(ଭିତରୁ ମନ୍ଦାକିନୀ ଡାକିଛନ୍ତି)

ମନ୍ଦାକିନୀ : (ଭିତରୁ) 'କାଳୁ' ।

ନେତ୍ରାନନ୍ଦ : ତୁ କାହିଁକି ବ୍ୟସ୍ତ ହଉଛୁ ? ମୁଁ ତୋ ମା'କୁ ବୁଝେଇଦେବି ।

ମନ୍ଦାକିନୀ : (ପୁଣି ଭିତରୁ ଡାକିଛନ୍ତି) 'କାଳୁ' ...।

କାଳୁ : ଯାଉଛି ମା' ...।

ନେତ୍ରାନନ୍ଦ : ଯାଇ ପାରିବୁନି ।

କାଳୁ : ବାବୁ ମା'ଙ୍କ ରାଗକଥା ତ ଜାଣିଛନ୍ତି । 'ଛାଞ୍ଚୁଣି... ପହଁରା ଯାହା ହାତରେ ପଡ଼ିବ । କିଛି ବାଦ୍ ପଡ଼ିବନି ।

ମନ୍ଦାକିନୀ : (ଭିତରୁ) 'କାଳୁ', ଚା'ଆଣିଲୁ ?

କାଳୁ : ଏଇ ସାଙ୍ଗେ ସାଙ୍ଗେ ନଉଛି ।

ନେତ୍ରାନନ୍ଦ : 'କାଳୁ' ମୋତେ ଚିହ୍ନିଛୁ ?

କାଳୁ : କ'ଣ କରିବି ଯେ ।

ମନ୍ଦାକିନୀ : (ପ୍ରବେଶ କରି) କି ପାଲା ଲାଗିଛି ଏଠି ? କେତେବେଳୁ ଚା'ମାଗୁଛି...

କାଳୁ : ବାବୁ ଛାଡ଼ିଲେ ସିନା ଯିବି ।

ମନ୍ଦାକିନୀ : ବାବୁ କ'ଣ ତତେ ମାଡ଼ି ବସି ଧରିଛନ୍ତି ।

ନେତ୍ରାନନ୍ଦ : ପିଠିଟା ରହିଗଲା । ଟିକିଏ ଭଲକରି ଦାବିଦେ ।

ମନ୍ଦାକିନୀ : କାଳୁ ଯା କହୁଛି ।

Digitized by PPRACHIN, SOA

ନେତ୍ରାନନ୍ଦ : କାଲୁ ଯଦି ଗୋଟାଏ ପାଦ ବଢ଼େଇଚୁ, ତୋ ହାଡ଼ଗୋଡ଼ ଚୁନା କରିଦେବି ।

ମନ୍ଦାକିନୀ : ଯା' କହୁଛି ।

ନେତ୍ରନନ୍ଦ : ନା, ଯାଇ ପାରିବୁନି ।

ମନ୍ଦାକିନୀ : ମୁଁ କହୁଛି ସିଏ ଯିବ ।

ନେତ୍ରାନନ୍ଦ : ମୁଁ କହୁଛି ସେ ଯାଇ ପାରିବନି ।

ମନ୍ଦାକିନୀ : ଅଲବତ୍ ଯିବ ।

ନେତ୍ରାନନ୍ଦ : ନା, ଯାଇପାରିବନି ।

ମନ୍ଦାକିନୀ : ଯିବ ।

ନେତ୍ରାନନ୍ଦ : ଯାଇପାରିବନି ।

(ବାହାରୁ ଆସିଛି ବିକ୍ରମ । କ୍ରିକେଟ ଖେଳାଳୀ)

ବିକ୍ରମ : କ'ଣ ହେଇଛି ? କାହିଁକି ହୋ-ହାଲ୍ଲା ହଉଛି । 'କାଲୁ' ପାନ ଆଣିଲୁ ।

କାଲୁ : ପାନ ସରିଯାଇଛି ।

ବିକ୍ରମ : ଯା'... । ଆଉ ପାଞ୍ଚଖଣ୍ଡ ମକରା ଦୋକାନରୁ ନେଇଆସିବୁ, ଯା ।

କାଲୁ : ସିଏ ମନା କରିଛି, ଦବନି । ଦୋକାନ ବାକି ତା'ର ତିନିଶହ ପଚିଶ ଟଙ୍କା ।

ବିକ୍ରମ : ଆରେ ତାକୁ କହିଦବୁ, ମୋ କୋଚିଙ୍ଗ ସରିଯାଉ । ଏଥର ଇଣ୍ଡିଆ 'ଏ' ଦଳରେ ମୁଁ ନିଶ୍ଚିତ ଯାଉଛି । କେତେ ଟଙ୍କା ନବ, ରଖିବାକୁ ଜାଗା ପାଇବନି ।

କାଲୁ : ତମେ ତାକୁ ବୁଝେଇ ଦଉନ । ସିଏ ମୋ କଥା ଶୁଣୁନି ।

ନେତ୍ରାନନ୍ଦ : ପଇସାଟିଏ ରୋଜଗାର କରିବାର ଶକ୍ତି ନାହିଁ । ପୁଅ ପାନ ଖାଇବ ।

ବିକ୍ରମ : ବ୍ୟସ୍ତ କାହିଁକି ହଉଛ ? ମୁଁ ଖାଲି କୋଚିଙ୍ଗ୍‌ଟା ଶେଷ କରେ, ରଖିବାକୁ ଜାଗା ପାଇବିନି । 'ଟଙ୍କା' ।

ନେତ୍ରାନନ୍ଦ : ଗଛରେ ପଣସ ଓଠରେ ତେଲ । ସ୍ୱପ୍ନ ଦେଖୁଥା ।

Digitized by PPRACHIN, SOA

ବେବି : (ଭିତରୁ କହିକହି ଆସିଛି ବେବି) ସ୍ୱପ୍ନ ନୁହେଁ, ସତ ବାବା । ଆଗ ଥରକ State Player Selectionରେ ଭାଇ ଅଳ୍ପକେ କଟିଯାଇଥିଲା । ଏଥରକ ଆଉ ସେ ଭୁଲ୍ ହବନି ।

ମନ୍ଦାକିନୀ : (ବେବିକୁ) ତୁ ଏସବୁ କେମିତି ଜାଣିଲୁ ? (କାଲୁକୁ) ତୁ କାହିଁକି ଠିଆହେଲୁ ? ଚ'ଆଣ । (କାଲୁ ଚାଲିଯାଇଛି)

ବେବି : ଟି.ଭି.ରେ ଦେଖାଉଥିଲା ମ, ଭାଇ ଯଦି ଆଉ ଟିକିଏ ଭଲ ବୋଲିଙ୍ଗ୍ ପ୍ରାକ୍‌ଟିସ୍ କରିବ, ଦେବାଶିଷକୁ ଟପିଯିବ । ସଚିନ୍ ବି ଚାହୁଁଛି, ଭାଇ ଟିମ୍‌ରେ ମିଶୁ ।

ମନ୍ଦାକିନୀ : ଶୁଣୁଛ ତ ! ଆଉ ତମେ ହଉଛ ଏକା ଲୋକ, ଯିଏ ତାକୁ ନାପସନ୍ଦ କରୁଛ ।

ବିକ୍ରମ : ସେଇ କଥାଟା ବାପାଙ୍କୁ ଟିକିଏ ବୁଝେଇ ଦେ । ପ୍ରତି କଥାରେ ଟଙ୍କା ସରିଯିବ । ପାଣିରେ ପଡ଼ିଯିବ ।

ନେତ୍ରାନନ୍ଦ : ଆଗେ ଟଙ୍କା ରୋଜଗାର କରି ଶିଖ୍ । ତା'ପରେ ଜାଣିବୁ ।

ବିକ୍ରମ : କେତେ ଟଙ୍କା ନବ ? ରଖିବାକୁ ଜାଗା ପାଇବନି । ଆଜି ଇଂଲଣ୍ଡ, କାଲି ଅଷ୍ଟ୍ରେଲିଆ, ତା'ପରଦିନ ସାଉଦି ଆରବ ।

ବେବି : ବାପା, ସେଦିନ ତମ ଚପଲ ଆଉ ଦୁଇଇଞ୍ଚ ମୋଟା ହୋଇଯିବ । ମାନେ ଫୁଲିଯିବ ।

ନେତ୍ରାନନ୍ଦ : ସିଏ ଯାହା ହବ, ମୁଁ ଭଲଭାବେ ଜାଣିଛି । ସେଇଥିପାଇଁ ମୁନିସିପାଲିଟି ମାର୍କେଟରୁ ଗୋଟାଏ ଦୋକାନ ଘର ଆଗରୁ ବୁକିଙ୍ଗ୍ କରି ରଖିଛି । ଅନ୍ତତଃ ନିଜ ପେଟ ତ ପୋଷି ପାରିବ ।

ବିକ୍ରମ : ଯେତେ ଫାଲ୍‌ତୁ ଆଇଡ଼ିଆ ସବୁ ତମରି ମୁଣ୍ଡରେ ପଶିଛି । କେଇଟା ଟଙ୍କା ଦଉଛ ଯେ, ଏତେ କଥା କହିବ !

ବେବି : ବାପା, ଭାଇର ସିନା ପାଠ ହେଲାନି । ଚାରିଥର ବି.ଏ. ଫେଲ୍ ହେଲା । କିନ୍ତୁ କ୍ରିକେଟ୍... ସେଥିରେ କେବେ ଧୋକ୍‌କା ଖାଇବନି ।

Digitized by PPRACHIN, SOA

(ଟେଲିଫୋନ୍ ରିଙ୍ଗ୍ ହୋଇଛି । ରିସିଭର ଉଠାଇବାକୁ ନେତ୍ରାନନ୍ଦ ଯାଇଛନ୍ତି) ।

ବେବି : ତମର ନୁହେଁ, ବାପା ମୋର ।

ନେତ୍ରାନନ୍ଦ : ତୁ କେମିତି ଜାଣିଲୁ, ତୋର ? ବିକି, ଦେଖିଲୁ କିଏ

ବିକ୍ରମ : (ରିସିଭର ଉଠାଇ) ହାଲୋ... ହଁ ହଁ... ନେତ୍ରାନନ୍ଦ ବାବୁଙ୍କ ଘର । ××× କାହାକୁ ଦରକାର... ? ××× ଏଁ ... Wrong Number ! ବଦମାସ୍ ... ପକ୍କା ସଇତାନ୍ ! (ରିସିଭର ରଖିଛି)

ମନ୍ଦାକିନୀ : କିଏ ?

ବିକ୍ରମ : ପକ୍କା ବଦମାସ୍ । ପୁଅ ପିଲାଟା... । କହୁଛି ମୁଁ ମୀନାକ୍ଷି କହୁଛି । ବେବି ଘରେ ଅଛି ?

ନେତ୍ରାନନ୍ଦ : ବେବି, ଏ ମୀନାକ୍ଷି କିଏ ?

ବେବି : ନାଇଁ ତ ସେମିତି କେହି ମୋର ସାଙ୍ଗ ନାହାନ୍ତି । ଓ, ହଁ... ହଁ... ମନେପଡ଼ିଲା । ଦୁବାଇ ମଉସାଙ୍କ ସାନଝିଅ ମୀନାକ୍ଷି, ମୋ ସାଙ୍ଗରେ ପଢୁଛି । ହଁ, ସେଇ କରିଥିଲା ।

ମନ୍ଦାକିନୀ : ଆଉ ଥରେ ବି କରିଥିଲା ।

ବେବି : କାହିଁ, ତୁ ତ ମତେ କହିନୁ !

ମନ୍ଦାକିନୀ : ସିଏ ତ ପୁଅପିଲା ପରି ଜଣା ପଡୁଥିଲା ।

ବେବି : ତା' ଟୋନ୍‌ଟା ସେମିତିକା । ଠିକ୍ ଅଛି ତାକୁ ଦିନେ ଘରକୁ ଡାକି ଦେବି । ବଳେ ଜାଣିଯିବ ।

ନେତ୍ରାନନ୍ଦ : ଥାଉ ଥାଉ । ଘରକୁ ଡାକିବା ଦରକାର ନାହିଁ ।

ବେବି : ଏତେ କଞ୍ଜୁସ୍ ! ପଇସା ଖର୍ଚ୍ଚ କରିବାକୁ ପଡ଼ିବନି । ସ୍ୱାମୀ South Indian । ସେ ତମ ଜିନିଷ ଛୁଇଁବନି ।

ନେତ୍ରାନନ୍ଦ : 'ସ୍ୱାମୀ'... । ଏ ପୁଣି କିଏ ?

ବେବି : 'ସ୍ୱାମୀ' ! ଓ, ... ହଁ ... । ମୀନାକ୍ଷି ସ୍ୱାମୀ । ମୀନାକ୍ଷିର ଟାଇଟଲ ହଉଛି ସ୍ୱାମୀ ।

Digitized by PPRACHIN, SOA

କାଳୁ : (ପ୍ରବେଶ କରିଛି) ବାବୁ, ଚା'...।

(ସମସ୍ତେ ଗୋଟାଏ ଗୋଟାଏ କପ୍ ଉଠାଇ ମୁହଁରେ ଲାଗାଇଛନ୍ତି) ।

ବିକ୍ରମ : ଏଗୁଡ଼ାକ ଚା' ନା' ଲୁଣ ପାଣି ?

ନେତ୍ରାନନ୍ଦ : ଆରେ ହଁ ତ ଚା'ଟା ଲୁଣିଆ ଲାଗୁଛି ।

କାଳୁ : ମୁଁ କ'ଣ କରିବି ଯେ । ଚା'ରେ ତ ଚିନି ପକେଇଛି ।

ମନ୍ଦାକିନୀ : କୋଉ ଚିନି ପକେଇଛୁ ?

କାଳୁ : ତମେ ଯୋଉ ଚିନି ମଗେଇଥିଲ । ପ୍ଲାଷ୍ଟିକ୍ ଡବାରେ ଯୋଉଟା ଅଛି ।

ମନ୍ଦାକିନୀ : ଗଜମୂର୍ଖ କାଳିଦାସ । ସେଗୁଡ଼ାକ ଚିନି ନୁହେଁ, ଲୁଣ !

ସମସ୍ତେ : କ'ଣ ହେଲା ? (ଶଙ୍କି ଯାଇଛି କାଳୁ । ସମସ୍ତେ ମାରିବାକୁ ହାତ ଉଠାଇଛନ୍ତି) ।

◆

Digitized by PPRACHIN, SOA

ଦ୍ୱିତୀୟ ଦୃଶ୍ୟ

[Govt. Regn. Office / Section Officer ନେତ୍ରାନନ୍ଦ ବାବୁଙ୍କ Section / Table ଉପରେ ଫାଇଲ ଗଦା / ପାଖକୁ ଲାଗି ଗୋଟିଏ ଷ୍ଟୁଲ୍ ଏବଂ ଗୋଟିଏ ଚେୟାର । ଚେୟାର ଉପରେ ଢୋଳାଉଛି ରସିକାନନ୍ଦ (ପିଅନ) । ଟେବୁଲ୍ ପାଖକୁ ଆସିଛନ୍ତି Retired Officer ବୃଦ୍ଧ ଚୌଧୁରୀ । ଇସାରା କରିଛନ୍ତି । ରସିକାନନ୍ଦ ଶୁଣୁନି)]

ଚୌଧୁରୀ : ଶୁଣୁଛ... ! ହେଇଟି (ବିରକ୍ତି) ଦିନ ଦି'ପହରେ ବି ଅଫିସ୍‌ରେ ଶୋଇବ ! ଏଇଟା ଅଫିସ୍ ନା ବେଡ୍‌ରୁମ୍ ? ହୋ ବାବୁ ...

ରସିକାନନ୍ଦ : ଓଃ... କାହିଁକି ଡିଷ୍ଟବ୍ କରୁଛ ? କ'ଣ ହେଲା ?

ଚୌଧୁରୀ : ଦିନଟାରେ ଅଫିସ୍ ଫାଙ୍କା !

ରସିକାନନ୍ଦ : ନୂଆ କଥା କ'ଣ ।

ଚୌଧୁରୀ : ମାନେ ?

ରସିକାନନ୍ଦ : ଓଡ଼ିଆରେ ତ ବୁଝିପାରୁନ । ଆଉ କ'ଣ ହିନ୍ଦୀରେ କହିଲେ ବୁଝିବ ।

ଚୌଧୁରୀ : କି ବିଚିତ୍ର ଅଫିସ୍ !

ରସିକାନନ୍ଦ : ଅଫିସ୍ କାହିଁକି ବିଚିତ୍ର ହବ । ତମର ଗୋଟାଏ ସ୍କ୍ରୁ ଢିଲା ।

ଚୌଧୁରୀ : କ'ଣ କହିବାକୁ ଚାହୁଁଛ (ରାଗିକରି) ?

ରସିକାନନ୍ଦ : ଆଃ, ବୁଢ଼ା ହେଲଣି । ଏମିତି ରାଗିବା ଶରୀର ପକ୍ଷେ ଆଦୌ ଭଲ ନୁହେଁ ।

ଚୌଧୁରୀ : ଏଇଟା ସରକାରୀ ଅଫିସ୍ ନା, ଭୂତଖାନା ?

ରସିକାନନ୍ଦ : ଏକଦମ୍ ୨୨ Percent କରେକ୍ଟ । ଯାହା ଜଣାପଡୁଛି ମୂଳରୁ ଗାଇବାକୁ ପଡ଼ିବ । ହୋ ବାବୁ, ଘଡ଼ି ଦେଖିଲ ।

Digitized by PPRACHIN, SOA

ଚୌଧୁରୀ : କାହିଁକି ?

ରସିକାନନ୍ଦ : ଓହୋ, କହୁଛି ଦେଖ । କେତେଟା ବାଜିଛି ?

ଚୌଧୁରୀ : (ଘଡ଼ି ଦେଖିଲା ପରେ) ଦୁଇଟା ବାଜିଛି ।

ରସିକାନନ୍ଦ : 'ବାସ୍', ଏଥର ଉତ୍ତରଟା ପାଇଗଲ ତ !

ଚୌଧୁରୀ : ମାନେ ?

ରସିକାନନ୍ଦ : ଭାରି ସହଜ ! ସରକାରୀ ଅଫିସ୍‌ରେ ଦିନ ଗୋଟାଏରୁ ତିନିଟା ଭିତରେ କେହି ରହନ୍ତି, ନା' ରହିବେ !

ଚୌଧୁରୀ : ମୁଁ ବି ସରକାରୀ ଚାକିରିଆ ଥିଲି । ହେଲେ ଏମିତି ବିଚିତ୍ର ଅଫିସ୍ କେଉଁଠି ଦେଖିନି ।

ରସିକାନନ୍ଦ : ଆଜ୍ଞା, ସେକାଳ ପଖାଳ ଆଉ ଅଛି !

ଚୌଧୁରୀ : ହଁ, ବଡ଼ବାବୁ କାହାନ୍ତି ?

ରସିକାନନ୍ଦ : ଘରେ ଅଛନ୍ତି ।

ଚୌଧୁରୀ : 'ମାନେ' ।

ରସିକାନନ୍ଦ : ତାଙ୍କର ଅଧା ସମୟ 'ଅଫିସ୍' ଘରେ ହୁଏ । ତା'ପରେ ଆଜିକାଲି ତ ସବୁଠି ସେଇଆ ଚାଲିଛି । କାହାକୁ ଦୋଷ ଦବ ଯେ ।

ଚୌଧୁରୀ : ଚାକିରି କରିବ, ଅଥଚ ଅଫିସ୍ ଆସିବନି ।

ରସିକାନନ୍ଦ : କ'ଣ କାମ ଥିଲା, କହୁନାହାନ୍ତି । ମୁଁ କରିଦେବି ।

ଚୌଧୁରୀ : ତାହା ତ ହାବଭାବରୁ ଜଣାପଡୁଛି ।

ରସିକାନନ୍ଦ : ବାବୁ ନଥିଲାବେଳେ, ତାଙ୍କ କାମ ମୁଁ ଚଳେଇଥାଏ ।

ଚୌଧୁରୀ : ଠିକ୍ ଅଛି, ବଡ଼ବାବୁଙ୍କୁ କହିବ, ଚୌଧୁରୀବାବୁ ଆସିଥିଲେ । ହଁ, ତମ ନାଁ କ'ଣ ?

ରସିକାନନ୍ଦ : 'ରସିକାନନ୍ଦ' ଆଜ୍ଞା । କୁହନ୍ତୁ, ମୁଁ ଆପଣଙ୍କୁ କି ପ୍ରକାର ସାହାଯ୍ୟ କରିପାରିବି ? ଅବଶ୍ୟ ପେମେଣ୍ଟ ନେଇ । କାରଣ ଏଇଟା ରେଜିଷ୍ଟ୍ରେସନ୍ ଅଫିସ୍ । ଏଠି ସବୁ କାମ ପେମେଣ୍ଟ ଉପରେ ହୁଏ ।

Digitized by PPRACHIN, SOA

ଚୌଧୁରୀ : ତମମାନଙ୍କୁ ଭିଜିଲାନ୍‌ସରେ ଦବା କଥା । ଲୋକଙ୍କୁ ସାହାଯ୍ୟ କରିବାକୁ ରହିଛ, ନାଁ ସେମାନଙ୍କୁ ଲୁଟିବାକୁ ରହିଛ ?

ରସିକାନନ୍ଦ : ଆଜିକାଲି ସବୁଠି ତ ଏଇଆ ଚାଲିଛି ।

ଚୌଧୁରୀ : ମଣିଷ ହାବୁଡ଼ରେ ପଡ଼ିନ । ନଇଲେ ବୁଦ୍ଧି ଶିଖି ଯାଆନ୍ତ ।

ରସିକାନନ୍ଦ : ଆପଣ ହଉଛନ୍ତି ପ୍ରଥମ ଲୋକ, ଯିଏ ଏତେବଡ଼ ଲମ୍ବା ଚଉଡ଼ା ଭାଷଣ ଦେଲେ । ନଚେତ୍ ଏଠି ପାଟି ଫିଟାଇଲେ ଶହେ ଟଙ୍କା ଦବାକୁ ପଡେ ।

ଚୌଧୁରୀ : ବାଜେ କଥା ବନ୍ଦ କର । ବଡ଼ବାବୁଙ୍କୁ କହିଦବ ମୁଁ ଆସିଥିଲି । (ପ୍ରସ୍ଥାନ)

ରସିକାନନ୍ଦ : ହଇହୋ ତମେ କ'ଣ ହାଇଦ୍ରାବାଦୀ ନବାବ୍ ! ତମ କଥା ମୁଁ ଜଣେଇବାକୁ ବାଧ୍ୟ ! ବିନା ମାଲ୍‌ପାଣିରେ ଏଠି ନ ଚଳନ୍ତି ଜନାଃ ! (ହସ ହସ ମୁହଁ)

◆

Digitized by PPRACHIN, SOA

ତୃତୀୟ ଦୃଶ୍ୟ

[ନେତ୍ରାନନ୍ଦବାବୁଙ୍କ ଘର ବୈଠକଖାନା । ବେବି ବସି ଖବରକାଗଜ ପଢୁଛି । Calling Bell ବାଜିଲା]

ବେବି : ଅବେଳାରେ କିଏ ଆସିଲା । (ପୁଣି Calling Bell)

ବେବି : ଆରେ ବାବା, ଯାଉଛି... ଯାଉଛି... (ବେବି କବାଟ ଖୋଲିଲା । ସ୍ୱାମୀ ପଶି ଆସିଲେ ଘରକୁ)

ସ୍ୱାମୀ : ବେବି, ଘରେ କେହି ନାହାନ୍ତି ବୋଧେ !

ବେବି : ନା' ।

ସ୍ୱାମୀ : ବଢ଼ିଆ ହେଲା ।

ବେବି : ସ୍ୱାମୀ, ତମକୁ ମନା କରିଥିଲି, ଘରକୁ ଆସିବନି ବୋଲି ।

ସ୍ୱାମୀ : ତମେ ପାଞ୍ଚଦିନ ହେଲା କଲେଜ ଯାଇନ । ମୁଁ ଆଉ କ'ଣ କରିଥାଆନ୍ତି ଯେ ।

ବେବି : ମୋ ବାପା ଆଉ ଭାଇଙ୍କୁ ତମେ ଜାଣିନା । ଠିଆ ଚିରି ଦେବେ ।

ସ୍ୱାମୀ : ତାଙ୍କୁ ଆମ ମାମଲା ବିଷୟରେ ଟିକିଏ ବୁଝେଇ ଦଉନ ।

ବେବି : ନା', ବାବା, ନା ! ମୁଁ ପାରିବିନି । ମତେ ବାପା ବାଡ଼େଇ ମାରି ପକେଇବେ ।

ସ୍ୱାମୀ : ଠିକ୍ ଅଛି, ମୁଁ ତାଙ୍କୁ କହିଦେବି ।

ବେବି : ନା... ନା... ତମେ ଏସବୁ ସେମାନଙ୍କୁ କିଛି କହିବନି । ସୁବିଧା ଦେଖି ମୁଁ ମାଉସୀଙ୍କୁ କହିବି । ମାଉସୀ ବୋଉକୁ ବୁଝେଇ ଦବ ।

ସ୍ୱାମୀ : ତମେ ଏମିତି ଡରୁଛ କାହିଁକି ? ଆମ ମାଡ୍ରାସ୍‌ର ପ୍ରେମ କଲାବେଳେ କେହି କାହାକୁ ଡରନ୍ତିନି । ('ପ୍ୟାର୍ କର୍ ନା ତୋ ଡର୍‌ନା କ୍ୟା' ମିଉଜିକ୍‌ରେ ଦୁହେଁ ମଜିଯାଇଥିଲେ ।)

Digitized by PPRACHIN, SOA

ବେବି : ସ୍ୱାମୀ, ତମେ ଜଲ୍‌ଦି ପଳେଇଯାଅ । ବୋଉର ଆସିବା ଟାଇମ୍ ହୋଇଗଲାଣି ।

ସ୍ୱାମୀ : ଏତେ ଦିନ ପରେ ଆସିଛି । Special Coffee ନ ପଇ ଯାଉନି ।

ବେବି : ହଉ, ତାହାଲେ ସାଙ୍ଗେ ସାଙ୍ଗେ ତମ ପାଇଁ କଫି ନେଇଆସୁଛି ।

(ବେବି ଭିତରକୁ ଗଲାବେଳେ ତା'ହାତକୁ ଧରି ନିଜ ଆଡ଼କୁ ଝିଙ୍କି ନେଇଛି ସ୍ୱାମୀ । ଏତିକିବେଳେ ପରିବା ବ୍ୟାଗ୍‌ଟା ଧରି ପଶିଆସିଛି କାଲୁ)

କାଲୁ : ଇସ୍ ... (ଲାଜରେ)

ବେବି : 'କାଲୁ', my dear କାଳିଦାସ୍, ତୋର ଏତିକିବେଳକୁ...

କାଲୁ : ମୁଁ ଭଗବାନଙ୍କ ନାମରେ ଶପଥ କରି କହୁଛି ଦେଈ, କିଛି ଦେଖିନି । କିଛି ଶୁଣିନି । ଆଉ ଦେଖିଥିଲେ, ଶୁଣିଥିଲେ ବି କାହାକୁ କହିବିନି ।

ବେବି : ହଉ ତୁ ଯା... । କଫି ଦୁଇ କପ୍ ଆଣିବୁ ।

ସ୍ୱାମୀ : No, No...! ସେ ଭିଲେନ୍ ହାତରୁ ମୁଁ କଫି ଆଦୌ ନେବିନି । ବରଂ ତମେ ନିଜେ ଦେଲେ ଖୁସି ହେବି ।

କାଲୁ : ଦେଈ, ମୁଁ ତା'ହେଲେ ?

ବେବି : ଚାଲ୍, ଗରମପାଣି ବସା । ସ୍ୱାମୀ କଥାକୁ ଧରୁଛୁ କ'ଣ ।

(କାଲୁ / ବେବି ଭିତରକୁ ଯାଇଛନ୍ତି । ବାହାରୁ ପ୍ୟାକେଟ୍ ଧରି ଆସିଛନ୍ତି ମନ୍ଦାକିନୀ)

ମନ୍ଦାକିନୀ : ତମେ କିଏ ବାବୁ ?

ସ୍ୱାମୀ : ମୁଁ ଯଦି, ସେଇ ପ୍ରଶ୍ନ ପଚାରେ ?

ମନ୍ଦାକିନୀ : ମାନେ ?

ସ୍ୱାମୀ : କ'ଣ ଦରକାର ? କାହିଁକି ଆସିଛ ? କାହାକୁ ଖୋଜୁଛ ?

ମନ୍ଦାକିନୀ : ହଇରେ ଟୋକା, ମୋ ଘରେ ପୁଣି ମତେ ପାଠ ପଢ଼େଇବୁ ।

ସ୍ୱାମୀ : ଏ ବୁଢ଼ୀଆ, ସେମିତି କହିବୁନି । I am final year Romeo !

Digitized by PPRACHIN, SOA

('ରୋମିଓ ନାମ୍ ମେରା' music ସହିତ ପାଦ ମିଳାଇ ନାଚିଛି ସ୍ୱାମୀ)

ମନ୍ଦାକିନୀ : କାଲୁ, ମୋ ଝାଡ୍ରୁ ଆଣିଲୁ ।

ସ୍ୱାମୀ : ଏ ବୁଢ଼ୀୟା, ବହୁତ୍ ବକ୍ ବକ୍ କରୁଛୁ, ପାଟିଟା ବନ୍ଦ୍ କରିଦେଵି । ବାହାର... ବାହାର୍ ଏଠୁ ।

ମନ୍ଦାକିନୀ : କ'ଣ କହିଲୁ ? ମୋ ଘରୁ ମୁଁ ବାହାରି ଯିବି ? 'କାଲୁ'... 'କାଲୁ'... (ଘର ଭିତରକୁ ପଶିଯାଇ ଝାଡ୍ରୁ ଆଣିଛନ୍ତି ମନ୍ଦାକିନୀ । ପିଟିଛନ୍ତି ସ୍ୱାମୀଙ୍କୁ)

ସ୍ୱାମୀ : କସମ୍ ଭବାନୀ କି । ହମ୍ ନହିଁ ଛୋଡେଙ୍ଗେ । ଏ ବୁଢ଼ୀୟା, ହାମ୍ ତୁମ୍ କୋ ଦେଖ୍ ଲେଙ୍ଗେ । (ମନ୍ଦାକିନୀ ପିଟି ଚାଲିଛନ୍ତି । କଫିଧରି ଆସିଛି ବେବି)

ବେବି : ବୋଉ, ଇଏ କ'ଣ କରୁଛୁ ? ସିଏ ମୋ ସାଙ୍ଗ ! ସ୍ୱାମୀ ।

ମନ୍ଦାକିନୀ : ଯିଏ ଭଦ୍ରାମି ଜାଣିନି, ସେଇଟା କି ସାଙ୍ଗ । ବାହାର ଏଠୁ ।

ସ୍ୱାମୀ : ଦେଖ୍, ବୁଢ଼ୀୟା, ହମ୍ ଯା ରହେ, ଲେକିନ ତୁମ୍ କୋ ନହିଁ ଛୋଡେଙ୍ଗେ ।

ବେବି : ସ୍ୱାମୀ, Please କଫିଟା ପିଇ ଦେଇ ଯାଅ ।

ମନ୍ଦାକିନୀ : କ'ଣ କହିଲୁ, ତୁ ଏ ଲଫାଙ୍ଗା ପାଇଁ କଫି ଆଣିଛୁ । କଫି ପିଇବା ଭଳିଆ ଯୋଗ୍ୟତା ତା'ର ଅଛି ?

ବେବି : ବୋଉ, ମୋ Classmate ପରା । ତାକୁ ସେମିତି କହନି ।

ସ୍ୱାମୀ : ଠିକ୍ ଅଛି । ମୁଁ ଆଜି ଯାଉଛି । ଲେକିନ୍, ହମ୍ ଜରୁର୍ ବଦ୍ଲା ଲେଙ୍ଗେ । (ରାଗିକରି ଚାଲିଯାଇଛି ସ୍ୱାମୀ)

ମନ୍ଦାକିନୀ : ଆରେ ଯା... ଯା... । ସିଏ ନାଲିଆଖି ଆଉ କାହାକୁ ଦେଖେଇବୁ ।

ବେବି : ମନଟା ଶାନ୍ତି ହେଲା ତ ? କଫିଟା ନେ' ପିଇଦେ । କେମିତି ଯେ ମୁହଁ ଦେଖେଇବି କଲେଜରେ । ସାଙ୍ଗସାଥୀମାନେ ଜାଣିଲେ କ'ଣ ଯେ ମତେ କହିବେ ।

ମନ୍ଦାକିନୀ : ତୋର ଆଉ କଲେଜ ଯିବା ଦରକାର ନାହିଁ ।

ବେବି : ତୋ ମୁଣ୍ଡ ଖରାପ ହେଲାଣି କି ? Final yearରେ ମୁଁ ପାଠ discontinue କରିବି ?

Digitized by PPRACHIN, SOA

ମନ୍ଦାକିନୀ : ଏଇ ପାଠ ପଢ଼ିବାକୁ କଲେଜ ଯାଉଛୁ ?

ବେବି : ତୁ ତ କଲେଜ ମାଡ଼ିନୁ । ତୁ କେମିତି ଜାଣିବୁ କଲେଜଟା କ'ଣ ?

ମନ୍ଦାକିନୀ : ତୋ ମୁହଁ ବହୁତ ବଢ଼ିଗଲାଣି । ତୋ ବାପା ଆସନ୍ତୁ । ତୋ ପାଠପଢ଼ାରେ ଯଦି ଡୋରି ନ ବାନ୍ଧିଛି, ମତେ ଚିହ୍ନିବୁ ।

ବେବି : ବାପା ତୋ ଭଳିଆ ମୂର୍ଖ ନୁହଁନ୍ତି । ସେ ପାଠଶାଠ ପଢ଼ିଛନ୍ତି ।

ମନ୍ଦାକିନୀ : ତୁ ବହୁତ ବଢ଼ି ବଢ଼ି କଥା କହି ଶିଖିଲୁଣି । କାଲିଠାରୁ ତୋ କଲେଜ ଯିବା ବନ୍ଦ ।

ବେବି : ସେ ବେଳ ତ ଅଛି । ଏତେବେଳୁ କାହିଁକି ଉଚ୍ଛନ୍ନ ହଉଛୁ ।
(ରାଗରେ ମନ୍ଦାକିନୀ କଫିଟା ପିଇବାବେଳେ ଜିଭ ପୋଡିଯାଇଛି । ପାଟିକରି ଉଠିଛନ୍ତି)

ମନ୍ଦାକିନୀ : ଆଃ... । ତତେ କେବେ ଛାଡ଼ିବିନି ।
(ରାଗରେ ତମ ତମ ହେଇ ଭିତରକୁ ଯାଇଛନ୍ତି । କଫି କପ୍ ଧରି ହସି ଉଠିଛି ବେବି ...)

♦

Digitized by PPRACHIN, SOA

ଚତୁର୍ଥ ଦୃଶ୍ୟ

[Govt. Regn. Officer ଅଫିସର ବଡ଼ବାବୁ ନେତ୍ରାନନ୍ଦ ଅନୁପସ୍ଥିତ । ଜଣେ ବ୍ୟକ୍ତିଙ୍କ ସହିତ ରସିକାନନ୍ଦ ଯୁକ୍ତିତର୍କ କରୁଥିଲେ]

ରବି : ହଇହୋ, ତମେ ତ ମୋଫତ ଖାଇଲାବାଲା । କେମିତି ଜାଣିବ ଟଙ୍କାର ମହତ ?

ରସିକାନନ୍ଦ : ଏ ବାବୁ, ମତେ ଟଙ୍କା ଦେଖଉଛ ! ତମ ଭଳି କେତେ ଲୋକଙ୍କୁ ମୁଁ ଦେଖିଆସିଛି ।

ରବି : ମୁଁ ପଚାରୁଛି, ମୋ କାମ କାହିଁକି ଏଯାଏ ହେଲାନି ?

ରସିକାନନ୍ଦ : କହୁଛି, ବଡ଼ବାବୁଙ୍କୁ ଦେଇଛି । କାମଟା ହେଇଯିବ ।

ରବି : କେବେ ? ଛ'ମାସ ହେଲାଣି । ଆଉ କେତେ ଦିନ ଯିବ ?

ରସିକାନନ୍ଦ : ଲୋକଙ୍କର ବର୍ଷେ ଦି'ବର୍ଷ ହେଇଯାଉଛି, ଆଉ ତମର ତ ମୋଟେ ଛ'ମାସ ହେଇଛି...

ରବି : ସେ ଚାଲାକ କଥାଗୁଡ଼ାକ ରଖି ଦେଇଥା । ମତେ ବି ଚାବି ମୋଡ଼ି ଆସେ ।

ରସିକାନନ୍ଦ : ହଉ ମୋଡ଼ିକରି ଦେଖ ।

ରବି : କ'ଣ ମତେ ଚାଲେଞ୍ଜ କରୁଛ ?

(ଆସିଛନ୍ତି ବାହାରୁ ନେତ୍ରାନନ୍ଦ)

ନେତ୍ରାନନ୍ଦ : ରସିକ, ଇଏ କ'ଣ ସବୁ ହଉଛି ? ଏଇଟା ଅଫିସ୍ ନା' ଖେଳଘର ?

ରସିକାନନ୍ଦ : ସାର୍, ଏଇ ଲୋକ ଜମା ମାନୁନି ।

ନେତ୍ରାନନ୍ଦ : 'ରସିକ' (ରାଗିକରି)

ରସିକାନନ୍ଦ : ସରି, ସାର୍ ।

ନେତ୍ରାନନ୍ଦ : ଚ'ବନ୍ଦୋବସ୍ତ କରାଯାଉ ।

Digitized by PPRACHIN, SOA

ରସିକାନନ୍ଦ : ଆଣୁଛି ସାର୍ । (ପ୍ରସ୍ଥାନ)

ରବି : ଦେଖୁଛନ୍ତି ତ ଆଜ୍ଞା । ସିଏ କେମିତି କଥାବାର୍ତ୍ତା କରୁଛି ।

ନେତ୍ରାନନ୍ଦ : ଯାହାର ଯେତିକି ଓଜନ ସିଏ ସେତିକିରେ କଥା କହବ । ହଁ, କ'ଣ ହେଇଛି କୁହନ୍ତୁ ?

ରବି : କ'ଣ ନ ହେଇଛି ଯେ ! ପାଞ୍ଚହଜାର ଟଙ୍କା ଦେଇଛି । ମତେ କହୁଛି ବର୍ଷେ ଦି'ବର୍ଷ ଅପେକ୍ଷା କରିବାକୁ ପଡ଼ିବ । କହୁଛି, ବଡ଼ବାବୁଙ୍କୁ ଦେଇଦେଇଛି ।

ନେତ୍ରାନନ୍ଦ : ମୁଁ ତା'ଠୁଁ ନିଏନି । ମୋ କଷ୍ଟମର ଅଲଗା । ତା'ପରେ ଟଙ୍କା ଯଦି ନବ ସାମନାସାମନି ନବ । ଏମିତି ବୁଲେଇବଙ୍କେଇ ନବାଟାକୁ, ଅନ୍ତତଃ ମୁଁ ପସନ୍ଦ କରେନି ।

ରବି : ତା'ହେଲେ ମୋ ପାଞ୍ଚହଜାର ଟଙ୍କା ?

ନେତ୍ରାନନ୍ଦ : ଭୁଲ ଜାଗାରେ ବାଜିଲେ ସେଇଆ ଫଳ ହୁଏ ।

ରବି : ମୁଁ ତାକୁ କେବେ ଛାଡ଼ିବିନି । ଥାନାକୁ ଯିବି । କୋର୍ଟକୁ ଯିବି ।

ନେତ୍ରାନନ୍ଦ : କିଛି ପ୍ରମାଣ ଅଛି ? ମୁଁ ଠିକ୍ ଜାଣିଛି । ଆପଣଙ୍କ କାମ ମୋ ପାଖରେ ।

ରବି : ସିଏ ମତେ ଜାବବ୍ ଦେଲା... ।

ନେତ୍ରାନନ୍ଦ : ଏ ଦେଶରେ ରାଜନୈତିକ ନେତାଏ ସବୁଠୁଁ ବେଶି ଜବାବ ଦିଅନ୍ତି । କେତେଟା ଜବାବ ପୂରଣ ହୁଏ ? କଥା ଦେଇ କଥା ନ ରଖିବା ଭାରି କଷ୍ଟ । ହେଲେ ଏ ବଡ଼ବାବୁର କଥା ଗୋଟାଏ ମାନେ ଗୋଟାଏ ।

ରବି : ତା'ହେଲେ ମୁଁ ?

ନେତ୍ରାନନ୍ଦ : ପଛକଥା ଭୁଲିଯାଆନ୍ତୁ । ବେଶି ନାହିଁ ତିନିହଜାର ପଡ଼ିବ । ମୁଁ ଆପଣଙ୍କ କାମ କରିଦେବି । ଜବାବ ମାନେ ଜବାବ ।

ରବି : 'କିନ୍ତୁ'...

ନେତ୍ରାନନ୍ଦ : ଆଉ ପୁଣି କିନ୍ତୁ କ'ଣ ? ରସିକକୁ ମୁଁ ଜାଣିଛି । ପାଖରେ ଗୋଟିଏ ପଇସା ରଖିନଥିବ । ସବୁ ଉଡ଼େଇ ଦେଇଥିବ ।

Digitized by PPRACHIN, SOA

ରବି : ମୁଁ ତା'ହେଲେ...

ନେତ୍ରାନନ୍ଦ : ଯାଆନ୍ତୁ ! ଫୁଲ ଦମ୍‌ରେ ପ୍ରସ୍ତୁତ ହୋଇଆସିବେ । କାମ ହୋଇଯିବ । (ନମସ୍କାର ପକାଇ ଚାଲିଯାଇଛି ରବି । ଫାଇଲ୍‌ରେ ଲେଖି ବସିଛନ୍ତି ବଡ଼ବାବୁ । ଆସିଛନ୍ତି ଚୌଧୁରୀ ବାବୁ । ହାତରେ ଗୋଟାଏ ଫାଇଲ୍) ।

ନେତ୍ରାନନ୍ଦ : ଆସନ୍ତୁ, ସାର୍

ଚୌଧୁରୀ : ନେତ୍ରାନନ୍ଦ, ପିଲାମାନେ କେମିତି ଅଛନ୍ତି ?

ନେତ୍ରାନନ୍ଦ : ସାର୍, ମିଛ କହୁନି । ପଙ୍ଗପାଳ ଦଳ ସବୁ ଚରି ସଫା କରିଦେଇଛନ୍ତି । ଏକଥା କହିବି କାହାକୁ ?

ଚୌଧୁରୀ : ଟଙ୍କା ଆସିବ, ଟଙ୍କା ଯିବ । ହେଲେ ପିଲାଏ ଯଦି ମଣିଷ ନ ହେବେ, ସବୁ ଶ୍ରମ ପାଣିରେ ପଡ଼ିଲା ବୋଲି ଜାଣ ।

ନେତ୍ରାନନ୍ଦ : ମୁଁ ଆଉ କ'ଣ କରିପାରିବି, ସାର୍ । ଏଇ ସେକ୍‌ସନ ଅଫିସର ହେଇ ଅବସର ନେବି । କେତେ ଯେ ଦରମା ! ବିଶ୍ୱଗର୍ଭକୁ ସବୁ ନିଅଣ୍ଟ । ଯାହା ଆଣିଲି, ସବୁ ସଫା କରିଦେଲେ ।

ଚୌଧୁରୀ : ଧୈର୍ଯ୍ୟଧର ନେତ୍ରାନନ୍ଦ । ଯିଏ ଜନ୍ମ ଦେଇଛି, ସିଏ କର୍ମସଂସ୍ଥାନ ନିଶ୍ଚେ ଯୋଗାଡ଼ କରିଦବ ।

ନେତ୍ରାନନ୍ଦ : ସାର୍, ଆପଣ କ'ଣ ଶେଷ ନିଷ୍ପତ୍ତି ନେଇସାରିଛନ୍ତି ? ସେଇ ଲୋକଟା ନାଁରେ ସବୁ ସମ୍ପତ୍ତି ଲେଖିଦେବେ ?

ଚୌଧୁରୀ : ହଁ, ଅନ୍ତତଃ ମୋ ମୃତ୍ୟୁ ପୂର୍ବରୁ ଏ କାମଟା ଶେଷ ହୋଇଯିବା ଦରକାର ।

ନେତ୍ରାନନ୍ଦ : ପୁଅଝିଅ ?

ଚୌଧୁରୀ : ବଡ଼ପୁଅ ଆମେରିକାରେ । ତା'ପିଲାଏ ସେଇଠି ରହିବେ । ଆଉ ଦୁଇଜଣ ସିଙ୍ଗାପୁରରେ ଘରଦ୍ୱାର କିଣି ସାରିଛନ୍ତି । ସେମାନେ ଫେରିବେନି । ଆଉ ରହିଲା ଝିଅ । ସେ ବେଶ୍ ଭଲରେ ଅଛି । ତାକୁ ପଚାରିଥିଲି । ମନା କଲା ।

Digitized by PPRACHIN, SOA

ନେତ୍ରାନନ୍ଦ : ଆପଣ ସେମାନଙ୍କୁ ଉଚ୍ଚଶିକ୍ଷା ଦେଇଛନ୍ତି । ସେମାନେ କିପରି ବା ଆପଣଙ୍କ ଇଚ୍ଛାରେ ବାଧାଦେବେ । ସାର୍, ସେ ଭାଗ୍ୟବାନ ଲୋକଟି କିଏ ?

ଚୌଧୁରୀ : ତା' ବିଷୟରେ ସବୁ ତଥ୍ୟ ଏଇ ଫାଇଲ୍‌ରେ ଅଛି । ଲୋକଟିକୁ ଦୁଇବର୍ଷ ଧରି ମୁଁ ଅନୁଧ୍ୟାନ କରିଛି । ବେଶ୍ ସଚ୍ଚୋଟ ଲୋକଟି । ତା'ର ଫଟୋ ବି ଅଛି ।

(ଫାଇଲ୍ ବଢ଼ାଇ ଦେଇଛନ୍ତି ଚୌଧୁରୀ । ଖୋଲିଛନ୍ତି ନେତ୍ରାନନ୍ଦ । ଫଟୋ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି)

ନେତ୍ରାନନ୍ଦ : ସାର୍, ଇଏ ତ କାଲୁ ! ଗୋଟାଏ ଗଜମୂର୍ଖ ।

ଚୌଧୁରୀ : ତମେ ତାକୁ ଜାଣିଛ ?

ନେତ୍ରାନନ୍ଦ : ସାର୍, ବୋକାଟାଏ । ଗବାଟାଏ ! ଶେଷରେ ଏଇ ଲୋକଟା ଉପରେ ଆପଣଙ୍କ ଦୃଷ୍ଟି ପଡ଼ିଲା । ସେ ତ ଆମ ଘରେ ଅଛି ।

ଚୌଧୁରୀ : ମୋ ଦୃଷ୍ଟି କେବେ ଧୋକ୍‌କା ଖାଏନି । ବହୁ ଜାଗା ବୁଲିଛି । ବହୁ ଲୋକଙ୍କୁ ଦେଖିଛି । ଶେଷରେ ଏଇ ଲୋକଟା ହିଁ ମୋର ପସନ୍ଦ ହେଲା ।

ନେତ୍ରାନନ୍ଦ : ସାର୍, ମୋର ଭୟ ହେଉଛି । ଏତେଗୁଡ଼ାଏ ସଂପତ୍ତି ଗୋଟାଏ ବୋକା ହାତରେ ଧରେଇଦେବେ ?

ଚୌଧୁରୀ : ସେ ଠିକ୍ ଚଳେଇପାରିବ । ମୋର ପୂର୍ଣ୍ଣ ବିଶ୍ୱାସ ଅଛି ।

ନେତ୍ରାନନ୍ଦ : ଠିକ୍ ଅଛି, ଯାହା ଆପଣଙ୍କର ଇଚ୍ଛା ।

ଚୌଧୁରୀ : ମୁଁ ପରେ ଆସିବି । ତମେ ସବୁ ଠିକ୍‌ଠାକ୍ କରିଥିବ । ଓକିଲ କଥା ବି ସାରିଦେଇଥିବ ।

(ଚୌଧୁରୀ ଚାଲିଯାଇଛନ୍ତି)

ନେତ୍ରାନନ୍ଦ : ହଇରେ କାଳିଦାସ (ଫଟୋକୁ ଧରି) ତୁ ଭାଗ୍ୟବାନ୍ ।

(ମଞ୍ଚ ଅନ୍ଧାର ହୋଇଛି)

◆

Digitized by PPRACHIN, SOA

ପଞ୍ଚମ ଦୃଶ୍ୟ

[ନେତ୍ରାନନ୍ଦ ବାବୁଙ୍କ ଘର / ପୂର୍ବର ସେହି ଡ୍ରଇଂରୁମ୍ । ବିକ୍ରମ ଥଟ୍ଟା ପରିହାସ କରୁଛି କାଳୁକୁ]

ବିକ୍ରମ : ହଇରେ କାଳିଦାସ, ତୁ କେଡ଼େ ଭାଗ୍ୟବାନ ନୁହଁରେ ? ମତେ ଖାଲି ଗୋଟାଏ କଥା କହିଦେ । ବୁଢ଼ାଟାକୁ କେମିତି ଫସେଇଲୁ ?

କାଳୁ : କୋଉ ବୁଢ଼ା ? ମୁଁ କିଛି ଜାଣିନି ।

ବିକ୍ରମ : କଥାଟା ଚାରିଆଡ଼େ ପ୍ରଘଟ ହେଇଗଲାଣି । ଆଉ ତୁ କହୁଛୁ, ମୁଁ କିଛି ଜାଣିନି । ପୁଅ ଲୁଚିଲୁଚି କ୍ଷୀର ପିଉଛି ।

କାଳୁ : ତମେ ସବୁ କ'ଣ କହୁଛ, ମୁଁ କିଛି ବୁଝିପାରୁନି ।

ବିକ୍ରମ : ହଉ କହିଲୁ, ଏତେଗୁଡ଼ାଏ ସଂପତ୍ତି ନେଇ ତୁ କ'ଣ କରିବୁ ? ମୁଁ କାହିଁକି କହୁଛି, ବୁଝିପାରୁଛୁ ତ ? ତୁ ତ ହେଲୁ କାଳିଦାସ । କିଏ କେତେବେଳେ ଠକି ନେଇ ଚାଲିଯିବ ।
(ବଲ୍‌ବଲ୍ କରି ଚାହିଁଛି କାଳୁ)

ବିକ୍ରମ : ଆରେ ଏମିତି ବୋକାଙ୍କ ଭଳି ଚାହୁଁଛୁ କ'ଣ ?

କାଳୁ : ମତେ କାହିଁକି ସମସ୍ତେ ଭଲ ଭଲ ଜିନିଷ ଖାଇବାକୁ ଦଉଛନ୍ତି ? କାମ କରିବାକୁ ଦଉନାହାନ୍ତି । ମୁଁ କିଛି ବୁଝିପାରୁନି ...

ବିକ୍ରମ : ଚୌଧୁରୀ ବୁଢ଼ା ତତେ କିଛି କହିନି ?

କାଳୁ : କୋଉ ଚୌଧୁରୀ ?

ବିକ୍ରମ : ତୁ ସତରେ ଜାଣିନୁ ନା ଜଣେଇବାକୁ ଚାହୁଁନୁ ?
(ବେବି ହାତରେ ଅବିରଗୁଣ୍ଡ ଧରିଆସିଛି)

ବେବି : ଭାଇ, ଏଗୁଡ଼ାକ ତାକୁ କାହିଁକି ପଚାରୁଛୁ ? (ଅବିରଗୁଣ୍ଡ କାଳୁ ଦେହରେ ବୋଳିଛି)

Digitized by PPRACHIN, SOA

କାଲୁ : ଇଏ ସବୁ କ'ଣ ହଉଛି ? ଆଜି ତ ହୋଲି ନୁହଁ ।

ବେବି : ଆଜି ତୋ ପାଇଁ ହୋଲି ।
(ମିଠା ପ୍ୟାକେଟ୍ ଧରି ଆସିଛନ୍ତି ମନ୍ଦାକିନୀ)

ମନ୍ଦାକିନୀ : ହଁ, ଏଣିକି ଯାହା କିଛି ଏ ଘରେ ହେବ, ସେସବୁ ତା' କଥାରେ ହେବ ।

ବିକ୍ରମ : ମାନେ ? ଆମେ ସବୁ ?

ବେବି : ଅଦରକାରୀ । ଏଇନେ କାଳିଦାସ ଏ ଘରର ସର୍ବେସର୍ବା ।

ମନ୍ଦାକିନୀ : ନେ... ନେ... ଏଗୁଡ଼ାକ ଖାଇଦେ ।

ବିକ୍ରମ : ହଁରେ ଖାଇ ଯା... ମଣିଷ ହେଇଯିବୁ । ହାତୀ ତ ଏଇନେ ତୋ ମୁଣ୍ଡରେ ସୁନା କଳସୀ ଢାଳିଛି ।

ମନ୍ଦାକିନୀ : ବିକି ! (ଆଖି ଦେଖାଇ)

ବେବି : ଆରେ ଖା'... । କେହି ନେବେନି ।

କାଲୁ : ସବୁଯାକ ମୁଁ ଖାଇବି ?

ମନ୍ଦାକିନୀ : ହଁ, ତୁ ଖାଇବୁ, ଖାଲି ସେତିକି ନୁହଁ, ଏ ଘରର ନା କାଲିଠାରୁ ହବ 'କାଳିଦାସ ଭବନ' ନେମ୍‌ପ୍ଲେଟ୍ ଲେଖିବାକୁ ଦିଆଯାଇଛି ।

ବିକ୍ରମ : ମୋ ବିଚାରରେ ନଈ ନ ଦେଖୁଣୁ ଲଙ୍ଗଳା ହବାଟା ଠିକ୍ ନୁହଁ । ଏଯାଏ ତ ମାଲ୍ ଆସିନି ।

ମନ୍ଦାକିନୀ : ବିକି ! (ଆଖି ଦେଖାଇ)

ବେବି : ବୋଉ, ଭାଇ ଠିକ୍ କଥା କହୁଛି । ତୋର ଏସବୁରେ ମୁଣ୍ଡ ଖେଳାଇବା ଦରକାର ନାହିଁ ।

ମନ୍ଦାକିନୀ : ମୁଁ ଯାହା କରୁଛି, ଭାବିଚିନ୍ତି କରୁଛି । ପଇସାଟିଏ ତ କମେଇବାର ଶକ୍ତି ନାହିଁ, ହାକିମି ଦେଖ ।

ବିକି : ପଛରେ ହଇରାଣ ହେଲେ ମୋ ଦୋଷ ଦବନି ।

ମନ୍ଦାକିନୀ : ଚାହୁଁଛୁ କ'ଣ (କାଲୁକୁ) ଖା ...।

Digitized by PPRACHIN, SOA

(କାଲୁ ଗୋଟାଏ ପରେ ଗୋଟାଏ ମିଠା ତରତର ହୋଇ ଖାଇବାରେ ଲାଗିଛି । ତଣ୍ଟିରେ ଲାଗିଛି । କାଶିଛି)

ବିକି : ଏମିତି ବିକିଳିଆଙ୍କ ଭଳି କାହିଁକି ଗିଳୁଛୁ ?

ମନ୍ଦାକିନୀ : ବେବି, ପାଣି ଗ୍ଲାସେ ଆଣିଲୁ ।

ବେବି : ପାଣି ମୁଁ ଆଣିବି ? ତା'ପୁଣି କାଲୁ ପାଇଁ ? ବୋଉ ତୋ ମୁଣ୍ଡ ଠିକ୍ ଅଛି ତ ?

ମନ୍ଦାକିନୀ : କାହାରି ଯିବା ଦରକାର ନାହିଁ । ମୁଁ ନିଜେ ଆଣୁଛି ।

(ମନ୍ଦାକିନୀକୁ ବାରଣ କରି ପାଣି ପିଇବାକୁ ଯାଇଛି କାଲୁ)

ମନ୍ଦାକିନୀ : ଏସବୁ ମୁଁ (ଉଭୟଙ୍କୁ) କାହାପାଇଁ କହୁଛି ? ମୋ ପାଇଁ ?

ବିକି : କିଛି ମିଳିବନି । ଅନ୍ଧାରରେ ବାଡ଼ି ବୁଲେଇବା ହିଁ ସାର ହେବ ।

ବେବି : ବୋଉ, ଚୌଧୁରୀ ବୁଢ଼ା ଆଗ ତା ନାଁ'ରେ ସଂପତ୍ତି ବାଡ଼ିକରୁ । ତା' ପରେ ଆମେ ଦେଖିବା ।

ମନ୍ଦାକିନୀ : ଆଗରୁ ତାକୁ ଫୁସୁଲାଫୁସୁଲି କରି ହାତରେ ନ ରଖିଲେ, ସବୁ ହାତଛଡ଼ା ହେଇଯିବ । ହଁ, ଶୁଣ ତମେ ଦି'ଜଣ ତାକୁ ଚିଡ଼ାଅନି । ଯାହା କରିବା କଥା ଆମେ କରିବୁ ।

ବେବି : ଆ' ଭାଇ । ଆମର ଏଥିରେ ମୁଣ୍ଡ ଖେଳେଇବା ଦରକାର ନାହିଁ । ବାବୁ କାଳିଦାସ, କୁଆଡ଼େ ଗଲ ?

(ଦୁହେଁ ଚାଲିଯାଇଛନ୍ତି । ତୃପ୍ତିର ହସ ହସିଛନ୍ତି ମନ୍ଦାକିନୀ)

◆

Digitized by PPRACHIN, SOA

ଷଷ୍ଠ ଦୃଶ୍ୟ

[Govt. Regn. Officer ନେତ୍ରାନନ୍ଦ ବସି ଫାଇଲ୍‌ରେ ଲେଖୁଛନ୍ତି । ଆସିଛି ସ୍ୱାମୀ]

ସ୍ୱାମୀ : 'ସାର୍'... 'ସାର୍'...

ନେତ୍ରାନନ୍ଦ : କ'ଣ ହେଲା ?

ସ୍ୱାମୀ : ଭିତରକୁ ଯାଇପାରିବି ?

ନେତ୍ରାନନ୍ଦ : ଆସି ତ ସାରିଛ । ଆଉ ପଚାରୁଛ କାହିଁକି ? ଆସ...

ସ୍ୱାମୀ : ମୁଁ ଆସିଥିଲି –

ନେତ୍ରାନନ୍ଦ : ଜାଣେ । ଏ ସ୍ଥାନକୁ ଯେତେଜଣ ଆସନ୍ତି, ସମସ୍ତଙ୍କ ଉଦ୍ଦେଶ୍ୟ ସମାନ । ତମେ ନିଶ୍ଚୟ କୌଣସି ଝିଅକୁ ଭଲ ପାଉଛ ?

ସ୍ୱାମୀ : Yes, Sir !

ନେତ୍ରାନନ୍ଦ : ଝିଅଟି ବାପା-ମା' ଏଥିରେ ବାଧା ଦଉଛନ୍ତି ।

ସ୍ୱାମୀ : ସେଣ୍ଟ ପରସେଣ୍ଟ କରେକ୍ଟ ସାର୍ ! ଏସବୁ ଆପଣ କେମିତି ଜାଣିଲେ ? ଆମ ମାତ୍ରାସରେ କିନ୍ତୁ କେହି କିଛି ଜାଣି ପାରନ୍ତିନି ।

ନେତ୍ରାନନ୍ଦ : ମୁଁ ଜାଣେ । ତିରିଶି ବର୍ଷର ଅଭିଜ୍ଞତା

ସ୍ୱାମୀ : ସାର, ଆମ ବିବାହ successful ହବ ତ ?

ନେତ୍ରାନନ୍ଦ : ଏ ବଡ଼ବାବୁ ଯେଉଁ କାମରେ ହାତମାରିଛି, ସେଇଟା କେବେ ଅସଫଳ ହେଇନି କି ହେବନି ।

ସ୍ୱାମୀ : ସାର୍, ଆମକୁ ଆଶୀର୍ବାଦ କରନ୍ତୁ । ଏ ବିବାହଟା ଯେମିତି ଜଲ୍‌ଦିଜଲ୍‌ଦି ବଢ଼ିଯାଉ ।

ନେତ୍ରାନନ୍ଦ : ଝିଅର ବାପା ନିଶ୍ଚୟ ହଇରାଣ କରୁଛି ।

Digitized by PPRACHIN, SOA

ସ୍ୱାମୀ : ସାର୍, କ'ଣ କହିବି । ଭିଲିଏନଟାଏ । ନମ୍ବର ୱାନ୍ ବଦମାସ୍ । କଞ୍ଜୁସ୍ ନମ୍ବର ୱାନ୍ । ଧୁମ୍ ଉପୁରି ଖାଇଲାବାଲା ।

ନେତ୍ରାନନ୍ଦ : ତା'ହେଲେ ତାକୁ ଛାଡ଼ିବା କଥା ନୁହେଁ । ତମେ ଝିଅଟାକୁ ନେଇଆସ । ବାକି ତକ କଥା ମୁଁ ବୁଝିବି । ହଁ ରସିକାନନ୍ଦ ଭେଟ ହେଇଛି ?

ସ୍ୱାମୀ : Advance ଦେଇସାରିଛି । ଫାଇନାଲ୍ ପେମେଣ୍ଟ ଆଜି ।

ନେତ୍ରାନନ୍ଦ : କାଗଜପତ୍ର ନେଇଯାଇଛ ?

ସ୍ୱାମୀ : ହଁ. ସାର୍ । ରସିକାନନ୍ଦ ସବୁ ବୁଝେଇ ଦେଇଛି । ଏଇ ନିଅନ୍ତୁ । (କାଗଜ ଥିବା ଫାଇଲ ବଢ଼ାଇ ଦେଇଛି)

ନେତ୍ରାନନ୍ଦ : ଫିସ୍‌ଟା ଆଗ ଦିଅ । କାରଣ ସମସ୍ତଙ୍କୁ କିଛିକିଛି ପ୍ରସାଦ ଦେବାକୁ ପଡ଼ିବ । ହଁ, ଯେତେ ଜଲ୍‌ଦି ପାରୁଛ କାମଟା ବଢ଼େଇ ଦିଅ ।

ସ୍ୱାମୀ : ସାର୍, ସବୁ ତ ଆପଣଙ୍କ ହାତରେ । (ଟଙ୍କା ଦେଇ)

ନେତ୍ରାନନ୍ଦ : ସାର୍ ବି ଅଛନ୍ତି । କିଛି ଅସୁବିଧା ହବନି । ଘଣ୍ଟାଏ ଦି'ଘଣ୍ଟା ଭିତରେ ମାମଲା ବଢ଼ିଯିବ । ଝିଅ ଆସିଛି ?

ସ୍ୱାମୀ : ହଁ, ସାର୍ । ଡାକିବି ?

ନେତ୍ରାନନ୍ଦ : ରୁହ । ଆଗ କାଗଜପତ୍ରଟା ମୁଁ ଦେଖିନିଏ । ତା'ପରେ ଡାକିବ ।

(କାଗଜ ପଢ଼ିବାକୁ ଆରମ୍ଭ କରିଛନ୍ତି । ଚଷମା କାଢ଼ିଛନ୍ତି)

ଆଚ୍ଛା, ଏ ନେତ୍ରାନନ୍ଦ ବାବୁଙ୍କ ଘର ?

ସ୍ୱାମୀ : ଉପର ସାହି, ସାର୍ ।

ନେତ୍ରାନନ୍ଦ : ତାଙ୍କୁ ଚିହ୍ନିଛ ?

ସ୍ୱାମୀ : ପକ୍‌କା ସଇତାନଟାଏ । ଅବଶ୍ୟ ଏଯାଏ ଭେଟ ହେଇନି । ସାର୍, ସେ ଝିଅକୁ ଡାକିବି ?

ନେତ୍ରାନନ୍ଦ : ତା ନା' କ'ଣ ?

ସ୍ୱାମୀ : 'ବେବି', ସାର୍ । ଡାକିବି ?

Digitized by PPRACHIN, SOA

(ଚିହିଁକି ଉଠିଛନ୍ତି ନେତ୍ରାନନ୍ଦ । ଗହିଁଛନ୍ତି)

ନେତ୍ରାନନ୍ଦ : ନେତ୍ରନାନ୍ଦ ବାବୁଙ୍କ ଘର ଉପର ସାହି ପାଓ୍ୱାର ଷ୍ଟେସନ ପାଖରେ ନୁହେଁ ତ ?

ସ୍ୱାମୀ : ସାର୍, ଆପଣ ଠିକ୍ ଜାଣିଛନ୍ତି । ଆଉ ଶହେ ଅଧିକ ଦେବି । ଆମ କାମଟା ବଢ଼େଇ ଦିଅନ୍ତୁ ।

ନେତ୍ରାନନ୍ଦ : ଝିଅ କାହିଁ ?

ସ୍ୱାମୀ : ଡାକି ଦଉଛି ସାର୍ । 'ବେବି', ବେବି ଡାର୍ଲିଙ୍ଗ୍ ।

(ଭିତରକୁ ଆସିଛି ବେବି । ହଠାତ୍ ବେବିର ଦୃଷ୍ଟି ପଡ଼ିଛି ନେତ୍ରାନନ୍ଦ ବାବୁଙ୍କ ଉପରେ)

ବେବି : ବାପା, ତମେ ଏଠି ?

ସ୍ୱାମୀ : ତମେ ନେତ୍ରାନନ୍ଦବାବୁଙ୍କୁ ଜାଣ ?

ବେବି : ସିଏ ପରା ମୋ ବାପା ।

ରସିକାନନ୍ଦ : (ପ୍ରବେଶ କରି) କୁହନ୍ତୁ ସାର୍ ।

ନେତ୍ରାନନ୍ଦ : ଏ ଲଫଙ୍ଗା ଟୋକାଟାକୁ ବାନ୍ଧି ପକା । ମୁଁ ପୋଲିସ୍ ଷ୍ଟେସନ୍ ଫୋନ୍ କରୁଛି । ଆରେ, ମୋ ଘରେ, ପୁଣି ଝିଅ ସାଙ୍ଗରେ ଲଟର ପଟର ।

ସ୍ୱାମୀ : ସାର୍, ଗୋଡ଼ ଧରୁଛି । ଏଇ ଥରଟା ଛାଡ଼ି ଦିଅନ୍ତୁ । ଆଉ କେବେ ଏ ଲ'ଡ଼ାରେ ପଶିବିନି ।

ବେବି : ବାପା, ତାକୁ ଛାଡ଼ିଦିଅ । ସିଏ ମୋ Classmate...

ନେତ୍ରାନନ୍ଦ : କ୍ଲାସ୍‌ମେଟ୍ ନା ଛତୁ । ପାଠ ପଢ଼ିବାକୁ ଯାଇ ଏଇ ନାଟ କରୁଛୁ ।

ବେବି : ବାପା, ବେଶି ଲୋକ ଜାଣିଲେ ଭାରି ଅସୁବିଧା ହବ । ମୁଁ କେମିତି କଲେଜ ଯିବି ଯେ –

ନେତ୍ରାନନ୍ଦ : ତୋର ଆଉ କଲେଜ ଯିବା ଦରକାର ନାହିଁ । ନଲେଜ୍ ବହୁତ ହେଇଗଲା । ରସିକାନନ୍ଦ, ତାକୁ ନେଇ ବାନ୍ଧିପକା ।

(ରସିକାନନ୍ଦ ଟାଣିଛି ସ୍ୱାମୀକୁ)

Digitized by PPRACHIN, SOA

ସ୍ୱାମୀ : ସାର୍, ଆମକୁ ଅଠର ବର୍ଷ ହେଇଯାଇଛି । ଆପଣ କିଛି କରିପାରିବେନି ।

ନେତ୍ରାନନ୍ଦ : ଆରେ ଯା, ଯା... । ଅଠର ହବାକୁ ଆହୁରି ତିନିମାସ ବାକି । ମୋ ଝିଅର date of birth ମୁଁ ଜାଣିନି ?

ସ୍ୱାମୀ : ତା'ହେଲେ ସାର୍, ତିନି ମାସ ଛାଡି ଆପଣଙ୍କ ପାଖକୁ ଆସିବି ?

ନେତ୍ରାନନ୍ଦ : You bloodyfull! । ରସିକାନନ୍ଦ ଏଇଟାକୁ ମୋ ସାମନାରୁ ନେଇଯାଆ । (ରସିକାନନ୍ଦ ସ୍ୱାମୀକୁ ନେଇଯାଇଛି । ଫୋନ୍ ଡାଏଲ୍ କରିଛନ୍ତି ନେତ୍ରାନନ୍ଦ)

ବେବି : 'ବାପା'... (ବିକଳ ଭାବେ)

ନେତ୍ରାନନ୍ଦ : ବାପା' ନା ଛେପା ! ହାଲୋ... ପୋଲିସ୍ ଷ୍ଟେସନ୍...

ବେବି : ବାପା, କହିଦଉଛି, ତମେ ହଇରାଣରେ ପଡ଼ିବ । ପଛରେ ମତେ ଦୋଷ ଦବନି ।

ନେତ୍ରାନନ୍ଦ : ଚୁପ୍... ! ମତେ ବୁଦ୍ଧି ବତେଇବୁ ! (ମୋବାଇଲ୍‌ରେ) ହଁ, ହାଲୋ... ପୋଲିସ୍ ଷ୍ଟେସନ... ! କ'ଣ ହେଲା... ରଙ୍ଗ ନମ୍ବର... ! (ଆଉଥରେ ମୋବାଇଲ୍‌ରେ) XX ଥାନାବାବୁଙ୍କୁ ଦିଅ । XX ଏଁ, କ'ଣ ହେଲା ରେଲୱେ ଷ୍ଟେସନ ? (ଫେଁ କରି ହସିଉଠିଛି ବେବି । ମଞ୍ଚ ଅନ୍ଧକାର ହୋଇଛି)

◆

Digitized by PPRACHIN, SOA

ସପ୍ତମ ଦୃଶ୍ୟ

[Drawing Room କାଲୁର ହୁଲିଆ ବଦଳିଯାଇଛି । ଚେୟାର ଉପରେ ସୁଟ୍ ସାର୍ଟ ଟାଇ ପିନ୍ଧି ବସିଛି କାଲୁ । ଚମଚରେ କାଲୁକୁ ଖୁଆଇ ଦେଉଛନ୍ତି ମନ୍ଦାକିନୀ । ପଙ୍ଖା କରୁଛି ବେବି]

କାଲୁ : 'ଥାଉ' ।

ମନ୍ଦାକିନୀ : ଆଉ ଅଳ୍ପ ଅଛି । ଖାଇଦେ । ମୋ ବାପାଟା ପରା...

ବେବି : 'ଭାଇ' ଖାଇଦିଅ । ନଚେତ୍ ବୋଉ ମନ ଦୁଃଖ କରିବ ।

ମନ୍ଦାକିନୀ : ହଁ, ତମେ ହଉଛ ଏଘରର ବଡ଼ପୁଅ । ବିକି, ବେବି ଏମାନେ ତମ ପଛରେ । ଏଣିକି ସେମାନେ ତମକୁ 'ଭାଇ' ଡାକିବେ ।

କାଲୁ : 'ନା' ଜମା ଭଲ ଲାଗିବନି । ମୋଟେ ନୁହେଁ । ମୁଁ ତ ଯୋଉ କାଲକୁ ସେଇ କାଲୁ ।

ବେବି : କିଏ କହିଲା ଏ କଥା ତମକୁ ? ତମେ ଏଇନେ ଏତେ ବଡ଼ ଏଷ୍ଟେଟର ମାଲିକ । ଯାହା ମନ ଚାହିଁବ, ତାହା କରିପାରିବ ।

କାଲୁ : ମୋର ମନ ଅଛି ? ନା... ଏସବୁ ମିଛ ।

ମନ୍ଦାକିନୀ : ସବୁ ସତ । ତମେ ଆଉ ପୂର୍ବର ସେ ମଳିମୁଣ୍ଡିଆ କାଲୁ ନୁହଁ । ତମେ ବହୁତ ଉଚ୍ଚକୁ ଉଠିଯାଇଛ; କାଳିଦାସ । ଅନ୍ୟମାନଙ୍କ ଭଳି ତମେ ବି ଜଣେ ପ୍ରତିଷ୍ଠିତ ବ୍ୟକ୍ତି ।

(କେବଳ ବଲ୍‌ବଲ୍ କରି ଚାହିଁଛି କାଲୁ)

ବେବି : ଖାଲି ସେତିକି ନୁହେଁ । ବାପା ଦିଲ୍ଲୀ ଯାଇଛନ୍ତି, ଖାସ୍ ତମରି ପାଇଁ । ଏକାଥରକେ ଚାରିଟା ପେୟାର ଡ୍ରେସ୍ ଧରି ଆସିବେ । କାଲି ପହଞ୍ଚିବେ ।

କାଲୁ : ନୂଆ ଡ୍ରେସ୍ ପିନ୍ଧିବି । ମୁଁ ?

Digitized by PPRACHIN, SOA

ମନ୍ଦାକିନୀ : ହଁ, ଜାନୁୟାରୀ ୧୫ ତାରିଖରେ ତମ ଜନ୍ମଦିନ ପଡୁଛି । ଏ ବର୍ଷ ଜନ୍ମଦିନଟା ଖୁବ୍ ଧୁମ୍‌ଧାମରେ ପାଳିତ ହେବ ।

କାଲୁ : ମୋ ଜନ୍ମଦିନ । କେବେ ଜନମ ହେଇଛି ମୁଁ ଜାଣିନି । ବାପା ମା'ଙ୍କୁ ତ ଦେଖିନି । କାହିଁକି ଯେ ସେମାନେ ମତେ –

ବେବି : ମନ ଦୁଃଖ କାହିଁକି କରୁଛ ? ମୋ ବାପା ବୋଉ କ'ଣ ତମର ବାପା ମା' ନୁହଁନ୍ତି ?

(କାଲୁ ଆଖିରେ ଲୁହ ଜକେଇ ଆସିଛି । ବାହାରୁ ଆସିଛି ବିକ୍ରମ । ହାତରେ ଗୋଟାଏ ଖାତା)

ବିକ୍ରମ : ନାଁ... । ତା'କେବେ ହେଇ ପାରିବନି । ଆବେ ଖାତାଟା କ'ଣ ? ତଳକୁ ଓହ୍ଲା ।

କାଲୁ : 'ବିକି' !

ବିକ୍ରମ : ଚୁପ୍ ! ଆଉ ଥରେ ମୋ ନାଁ ଧରିଛୁ ତ, ପିଠିରୁ ଚମଡ଼ା ଉତାରିଦେବି । ଆରେ ଏଇଟା ଗୋଟାଏ ନମ୍ବର ଓ୍ୱାନ୍ ପାଜି । ସବୁ ଅଙ୍କ ଭୁଲ ହୋଇଯାଇଛି ।

ବେବି : 'ଭାଇ' ...।

ବିକ୍ରମ : ତୁ ଚୁପ୍‌କର ।

(ଖାତାରେ ପିଟିଛି । ଚିତ୍କାର କରିଛି)

ମନ୍ଦାକିନୀ : ଏସବୁ କି ପାଲା ଚାଲିଛି ଏଠି ?

ବିକି : ମୁଁ ପ୍ରଥମରୁ କହିଛି, ବୁଝିଶୁଝି କାମ କର । ମୋ କଥା ତ କେହି ଶୁଣିଲ ନାହିଁ ।

ବେବି : ଭାଇ କ'ଣ ହେଇଛି ?

ବିକି : ଲେମ୍ବୁ ଲୁଣ ହବ । ଚୌଧୁରୀ ବୁଢ଼ାଟା ମରିଯାଇଛି । ଛକ ମୁଣ୍ଡରେ ତା' ଶବ ଯାଉଥିଲା, ମୁଁ ନିଜେ ଆଖିରେ ଦେଖି ଆସିଛି ।

କାଲୁ : ବୁଢ଼ାବାବୁ, ଚାଲିଗଲେ । କେଡେ ବଢିଆ ଲୋକ !

Digitized by PPRACHIN, SOA

ବେବି : ହଉ, ସେତିକି ଥାଉ । ସେ ଦରଦ ଆଉ କୋଉଠି ଦେଖେଇବୁ । ବୋଉ, ଚାହୁଁଛୁ କ'ଣ... ?

ମନ୍ଦାକିନୀ : ବାପାଙ୍କ ଆସିବା ପର୍ଯ୍ୟନ୍ତ ଅପେକ୍ଷା କର ।

ବିକି : ବୁଢ଼ା କାଗଜପତ୍ରରେ ଏ ଯାଏଁ ଦସ୍ତଖତ କରିନି ।

ବେବି : ବୋଉ, ଚୂନ କାଳିଟା ଆଣ । ଏ ପାଜି ଯେତିକି ରାଜସୁଖ କରିଗଲା କରିଗଲା । ଏଣିକି ତା'ବାଟ ତାକୁ ଦେଖେଇବାକୁ ପଡ଼ିବ ।

(ଗୋଟିଏ ଆଟାଚି ଧରି ପହଞ୍ଚିଛନ୍ତି ନେତ୍ରାନନ୍ଦ । ଆଶ୍ଚର୍ଯ୍ୟ ହୋଇ ଚାହିଁଛନ୍ତି)

ନେତ୍ରାନନ୍ଦ : କ'ଣ ହେଇଛି ?

ମନ୍ଦାକିନୀ : ତମେ ଆଗ କହିଲ, ସେ ଚୌଧୁରୀ ବୁଢ଼ା କାଗଜପତ୍ରରେ ସାଇନ୍ କରିଛି ନା ନାହିଁ ?

ନେତ୍ରାନନ୍ଦ : ମୁଁ ତ ଏଯାଏ କାଗଜପତ୍ର ପାଇନି । ଓକିଲ ଫେରେଇନି ।

ମନ୍ଦାକିନୀ : ଅନେଇଥାଅ । ବୁଢ଼ା ତେଣେ ଚମ୍ପଟ ...

ନେତ୍ରାନନ୍ଦ : ଚୌଧୁରୀବାବୁ ଯୁଆଡ଼େ ଗଲେ ବି କାମ ବେଳକୁ ଠିକ୍ ଟାଇମ୍‌ରେ ଆସି ପହଞ୍ଚିବେ ।

ବିକି : ସିଏ ଉପରକୁ ଗଲେଣି । ଆଉ ଆସିବେ ଯେ ତମେ ରାଜୁତି କରିବ ।

ମନ୍ଦାକିନୀ : ଆଜି ବୁଢ଼ା ମରିଗଲା । ବିକି ନିଜେ ଦେଖି ଆସିଛି ।

ନେତ୍ରାନନ୍ଦ : 'ନା'... !

(ନେତ୍ରାନନ୍ଦଙ୍କ ହାତରୁ ଆଟାଚି ଖସିପଡ଼ିଛି । ସେ ଥମ୍ କରି ବସି ପଡ଼ିଛନ୍ତି)

ବେବି : ବାପା, କ'ଣ ହେଲା ?

ବିକି : ମୁଁ ଆରମ୍ଭରୁ କହିଛି, ଦେଖିଚାହିଁ ଆଗାଅ । ମୋ କଥା ଗନ୍ଧେଇଲା । ଏବେ ଫଳ ପାଅ ।

ନେତ୍ରାନନ୍ଦ : ଆରେ ଚାହିଁଛ କ'ଣ, ଏଇଟାକୁ (କାଳୁକୁ) ଜଲ୍‌ଦି ବିଦାକର ।

Digitized by PPRACHIN, SOA

କାଳୁ : ନାଇଁ, ବାବୁ । ମୁଁ ତମକୁ ଛାଡ଼ି କୁଆଡେ ଯିବିନି । ଏଇଠି ରହିବି ।

ମନ୍ଦାକିନୀ : ଏଇଠି କ'ଣ ସମ୍ପତ୍ତି ଜମା କରିଛୁ, ବସି ଖାଇବୁ ।

ବେବି : ବୋଉ, ତୋତେ ସେତେବେଳୁ କହୁଛି, ଚୂନକାଳି ଆଣ ।
(ମନ୍ଦାକିନୀ ଘର ଭିତରକୁ ଚାଲିଯାଇଛନ୍ତି । ବିକି, ବେବି ମିଶି କାଳୁର ସାର୍ଟ ପ୍ୟାଣ୍ଟ ଚିରିବାରେ ଲାଗିଛନ୍ତି । ମନ୍ଦାକିନୀ ଚୂନକାଳି ଧରି ପହଞ୍ଚିଛନ୍ତି । ନେତ୍ରାନନ୍ଦ କାଳୁ ମୁହଁରେ କାଳି ବୋଳିଛନ୍ତି)

ମନ୍ଦାକିନୀ : ବାହାର୍... ବାହାର୍ ଏଠୁ ।

କାଳୁ : ବାବୁ, ମା' ମତେ ବାଡ଼େଇ ବାଡ଼େଇ ମାରି ପକେଇଲେ ବି ମୁଁ ତମ ଦି'ଜଣଙ୍କୁ ଛାଡ଼ି କୁଆଡ଼େ ଯିବିନି ।

ବିକି : ଯିବୁନି କ'ଣ ବେ, ତୋ ବୋପା ଯିବ । ଚାଲ୍... । ବାହାର୍... ବାହାର୍ ଆମ ଘରୁ । (କାଳୁକୁ ଟାଣି ଟାଣି ନେଇ ଦୁଆର ମୁହଁକୁ ଠେଲିଦେଲାବେଳେ ଧକ୍କା ବାଜିଛି ଚୌଧୁରୀବାବୁଙ୍କ ଦେହରେ । ସମସ୍ତେ ଚୌଧୁରୀଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି)

ଚୌଧୁରୀ : ଏମିତି ଠେଲାପେଲା କରୁଛ କାହିଁକି । ମୁଁ ତ ନିଜେ ଆସିଛି, ତାକୁ ନବାପାଇଁ ।
(ସମସ୍ତେ ମୁହଁ ତଳକୁ କରିଛନ୍ତି)
ଏସବୁ ରଙ୍ଗବେରଙ୍ଗ ? କ'ଣ ହେଇଛି ? ଘଟଣା କ'ଣ ?

କାଳୁ : ସମସ୍ତେ ଜାଣିଛନ୍ତି, ତମେ ମରିଯାଇଛ ବୋଲି । ଆଉ ସଂପତ୍ତି ମିଳିବନି, ସେଇଥିଲାଗି ସେମାନେ ମୋତେ –

ଚୌଧୁରୀ : ବୁଝିଗଲି । ଠିକ୍ଅଛି, ତୁ ତୋ ନିଜ ଘରକୁ ଚାଲ । ସେଇଠି ରହିବୁ । ହଁ, ନେତ୍ରାନନ୍ଦବାବୁ, କାଲି କାଗଜପତ୍ର ଓକିଲବାବୁ ମତେ ଦେଇ ଦେଇଛନ୍ତି ।

ବିକି : ହେଲେ ଆପଣଙ୍କ ଘରୁ ଯେଉଁ ଶବଟା ବାହାରିଗଲା... ? ଲୋକେ 'ଚୌଧୁରୀବାବୁ ଅମର ରହେ' ଧ୍ୱନି ଦେଉଥିଲେ... ସେସବୁ ?

Digitized by PPRACHIN, SOA

ଚୌଧୁରୀ : ହଁ, ସେ ଶବ ମୋ ବାପାଙ୍କର ।

ବିକି : ମାନେ ?

ଚୌଧୁରୀ : ଗାଁରେ ରହୁଥିଲେ । ଏଇ ତିନି ଚାରିଦିନ ହେଲା ମୋ ପାଖକୁ ଆସିଥିଲେ । ହଠାତ୍ ହୃଦ୍‌ରୋଗରେ ତାଙ୍କର ଦେହାନ୍ତ ହୋଇଗଲା । ସିଏ ଜଣେ ସ୍ୱାଧୀନତା ସଂଗ୍ରାମୀ ଥିଲେ । ହଁ, କାଳିଦାସ...ଏଥର ନିଜ ଘରକୁ ଚାଲ । ଆସୁଛି, ନେତ୍ରାନନ୍ଦ ବାବୁ ।

କାଳୁ : ବାବୁ, ମା'... ମଝିରେ ମଝିରେ ଆମ ଘରଆଡ଼େ ବୁଲି ଆସିବ । (କାଳୁ ସହିତ ଚୌଧୁରୀ ଘରୁ ବାହାରି ଯିବାକୁ ଉପକ୍ରମ କରିଛନ୍ତି । ସମସ୍ତେ ନିଷ୍ପଲକ ନୟନରେ ସେମାନଙ୍କ ଯିବାବାଟକୁ ଚାହିଁ ରହିଛନ୍ତି) ।

Digitized by PPRACHIN, SOA

୧୯୫୫ କେନ୍ଦ୍ରାପଡ଼ାର ବଗଡ଼ା ପଞ୍ଚାୟତର ଅରଡ଼ା ସାହି ଗ୍ରାମରେ ଜନ୍ମିତ ନାରାୟଣ ସାହୁ ବେଶ୍ ସଫଳ ନାଟ୍ୟକାର, ଚିତ୍ରନାଟ୍ୟକାର ଓ ନାଟ୍ୟ ସମାଲୋଚକ । ଉତ୍କଳ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗରୁ ପ୍ରଫେସର ଏମେରିଟସ ଭାବେ ସେ ଅବସର ଗ୍ରହଣ କରିଛନ୍ତି । ୧୯୯୧ ମସିହାପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ୨୦୧୪ରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ରେଡ଼ିଓ, ଟେଲିଭିଜନ୍, ମଞ୍ଚ ଓ ସିନେମାଜଗତରେ ସେ ବେଶ୍ ସକ୍ରିୟ । ତାଙ୍କ ରଚିତ ବହୁଚର୍ଚ୍ଚିତ ନାଟକଗୁଡ଼ିକ ହେଉଛି- ଆଶ୍ରା ଖୋଜୁଥିବା ଈଶ୍ୱର, ସବା ଶେଷଲୋକ , ଶେଷକଥା, ମୂକ ଉପାସନା, କ୍ରାନ୍ତି, ନିଷିଦ୍ଧ ସଂଳାପ, ଅଧାଦେଖା ସ୍ୱପ୍ନ, ପ୍ରାୟଶ୍ଚିତ, ଦୂର ଆକାଶର ତାରା, ପୁନଶ୍ଚ ସଂଗ୍ରାମ, ଅନାଗତ, ଡିସେମ୍ବର ୨୫, ଛାତ, ଅପରାହ୍ନର ଅବସୋସ ଓ ପ୍ରଶ୍ନ ଇତ୍ୟାଦି । ସଦ୍ୟ ପ୍ରକାଶିତ ନାଟକ 'ନାଟ୍ୟପଞ୍ଚକ' ପାଞ୍ଚଗୋଟି ଛୋଟ ନାଟକର ସମାହାର । ପୁସ୍ତକଟି ନାଟ୍ୟପ୍ରେମୀମାନଙ୍କ ଦ୍ୱାରା ଆଦୃତ ହେବବୋଲି ଆଶା କରାଯାଏ ।

– ପ୍ରକାଶକ

ISBN 81-7712-045-X

ନ୍ୟୁ ଷ୍ଟୁଡେଣ୍ଟସ୍ ଷ୍ଟୋର

Digitized by PPRACHIN, SOA